


ପିଭି ସିନ୍ଧୁ ସର୍ବାଧିକ ଆୟକାରୀ ବ୍ୟାଡମିଣ୍ଟନ ଖେଳାଳି

ପୃଷ୍ଠା ୬



# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 279 | ଭାଗ ୩୨ | ସଂଖ୍ୟା ୨୭୯ | Bhubaneswar | Thursday 2 January 2025 | Page 8 Rs. 4.00 | ଭୁବନେଶ୍ୱର ଗୁରୁବାର ୨ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ନୂଆବର୍ଷର ସଂକଳ୍ପ

# ବିକଶିତ ଓଡ଼ିଶା ଆମ ଲକ୍ଷ୍ୟ

## ସାମୂହିକ ଦାୟିତ୍ୱ ନେଇ କାମ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



- ନିରାଡ଼ମ୍ବର ଭାବେ ନୂଆବର୍ଷ ପାଳିଲେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦ

ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଉଚ୍ଚ ପଦାଧିକାରୀ ମାନଙ୍କ ସହିତ ଆଲୋଚନା କରି ସେମାନଙ୍କୁ ସାମୂହିକ ଦାୟିତ୍ୱ ହ କାମ କରି ସରକାରଙ୍କ କାର୍ଯ୍ୟକ୍ରମ ଗୁଡିକ ସଫଳ କରିବାକୁ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଡଃ ମନମୋହନ ସିଂହଙ୍କ ପରଲୋକ ଯୋଗୁଁ ରାଷ୍ଟ୍ରୀୟ ଶୋକ ପାଳନ ତଥା ଚାଷୀ ମାନଙ୍କ ଅଦିନିଆ ବର୍ଷା ଜନିତ ଫସଲ ହାନୀ ପାଇଁ ମୁଖ୍ୟମନ୍ତ୍ରୀ ନୂଆ ବର୍ଷକୁ ନିରାଡମ୍ବର ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଅଧିକାରୀ ଓ କର୍ମଚାରୀମାନେ ବିନା ଫୁଲତୋଡ଼ାରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ସରକାର ଲୋକଙ୍କୁ ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ଗତ ଛଅ ମାସ ମଧ୍ୟରେ ପ୍ରାୟତଃ ପୂରଣ ହୋଇଛି। ଅଧିକାରୀମାନଙ୍କ ସହଯୋଗରେ ବିଭିନ୍ନ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ମଧ୍ୟ ସଫଳତାର ସହ କରାଯାଇଛି। ଓଡିଶା ଅନ୍ୟ ରାଜ୍ୟ ଠାରୁ ଯେପରି ଭଲ ପ୍ରଦର୍ଶନ କରିବ ସେ ଦିଗରେ ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ଆମ ପାଖରେ ଅନେକ ଆହ୍ୱାନ ରହିଛି ଓ ସୁଯୋଗ ମଧ୍ୟ ରହିଛି। ସାମୂହିକ ଦାୟିତ୍ୱ ନେଇ ସବୁ ଆହ୍ୱାନର ମୁକାବିଲା କରିପାରିଲେ ସମସ୍ତ କାର୍ଯ୍ୟ ସଫଳତାର ସହ କରାଯାଇ ପାରିବ। ଓଡିଶାରେ ନେଭି ଡେ', ଡିଜିପି ସମ୍ମିଳନୀ ଆଦି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ସଫଳତାର ସହ ପାଳନ କରାଯାଇଛି। ପ୍ରବାସୀ ଭାରତୀୟ ଦିବସ ପାଳନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରି ଅନ୍ତର୍ଜାତୀୟ ସ୍ତରରେ ଓଡିଶାର ମର୍ଯ୍ୟାଦାକୁ ପ୍ରତିଷ୍ଠିତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ⊳ପୃଷ୍ଠା-୬



## ମୋହନଙ୍କ ନେତୃତ୍ୱରେ ଶିଳ୍ପାୟନର ନୂଆ ଯୁଗ

- ୪୨୨୨ କୋଟିର ପ୍ରକଳ୍ପକୁ ମଂଜୁରି
- ୧୧ଜିଲ୍ଲାରେ ପ୍ରତିଷ୍ଠା ହେବ ୨୫ ନୂଆ ଶିଳ୍ପ
- ସୃଷ୍ଟି ହେବ ୧୪,୪୯୭ ନିଯୁକ୍ତି ସମ୍ଭାବନା

ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ): ନୂଆବର୍ଷ ଆରମ୍ଭରୁ ରାଜ୍ୟ ସରକାର ଶିଳ୍ପାୟନର ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି। ବର୍ଷ ଆରମ୍ଭରୁ ରାଜ୍ୟକୁ ୪ହଜାର ୨୨୨ କୋଟି ୨୪ ଲକ୍ଷ ଟଙ୍କାର ପଂଜିନିବେଶ ପାଇଁ ବାଟ ଫିଟାଇଛନ୍ତି। ୨୫ଟି ନୂଆ ଶିଳ୍ପକୁ ରାଜ୍ୟ ସିଙ୍ଗିଲ ଓ୍ୱିଣ୍ଡୋ କ୍ଲିଅରାନ୍ସ ଅଥୋରିଟି ବୈଠକରେ ମଂଜୁରୀ ମିଳିଛି। ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାୟ ୧୪ହଜାର ୪୯୭ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆଜି ମଂଜୁରୀ ପାଇଥିବା ପ୍ରକଳ୍ପଗୁଡିକ ମୁଖ୍ୟତଃ ଔଷଧ, ବୟନ ଶିଳ୍ପ, ପୋଷାକ ଶିଳ୍ପ, ପ୍ଲାଷ୍ଟିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ ପର୍ଯ୍ୟଟନ ଭଳି ୧୬ଟି କ୍ଷେତ୍ର ଉପରେ ଆଧାରିତ ହୋଇଥିବା ବେଳେ ଏହିସବୁ ଶିଳ୍ପ ରାଜ୍ୟର ୧୧ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ। ରାଜ୍ୟରେ ଶିଳ୍ପର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେବାକୁ ଥିବା ଉତ୍କର୍ଷ ⊳ପୃଷ୍ଠା-୬

## ଆୟୁଷ୍ମାନ ଭାରତରେ ମହିଳାଙ୍କୁ ୧୦ ଲକ୍ଷ



ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ): ଆୟୁଷ୍ମାନ ଭାରତ ଯୋଜନାରେ ମହିଳାଙ୍କୁ ମିଳିବ ୧୦ ଲକ୍ଷର ବୀମା ସୁବିଧା। ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଇ-କେଓ୍ୱାଇସି ଡାଟାବେସକୁ ଆଧାର କରି କାର୍ଡ ଦିଆଯିବ। ୧ କୋଟି ପରିବାରର ତଥ୍ୟ ସରକାରଙ୍କ ପାଖରେ ରହିଛି। ଯେଉଁମାନଙ୍କର ଇ-କେଓ୍ୱାଇସି ହୋଇନାହିଁ ସେମାନଙ୍କ ନାଁ ସରକାର ବିଚାରକୁ ନେବେ। ଏପର୍ଯ୍ୟନ୍ତ ୧ କୋଟି ପରିବାରର ତଥ୍ୟ ସରକାରଙ୍କ ପାଖରେ ରହିଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ଫେବ୍ରୁଆରୀରୁ ଆୟୁଷ୍ମାନ ଲାଗୁ ହେଉଥିବାରୁ ଏହା ସରକାରଙ୍କ ପାଇଁ ବେଶୀ ଗୁରୁତ୍ୱପୂର୍ଣ୍ଣ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସୂଚନା ଅନୁଯାୟୀ, କେନ୍ଦ୍ରୀୟ ଟିମ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଫେରିଛନ୍ତି। ପରିବାରର ପୁରୁଷଙ୍କୁ ୫ ଲକ୍ଷ ଓ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ମିଳିବ। ଗୋପବନ୍ଧୁ ଜନ ଆରୋଗ୍ୟ ଓ ଆୟୁଷ୍ମାନ ଭାରତ ମିଶ୍ରଣରେ ଏହି ⊳ପୃଷ୍ଠା-୬

## ଶିକ୍ଷକଙ୍କ ଗ୍ରାଚୁଇଟି ବୃଦ୍ଧି

ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ): ରାଜ୍ୟର ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କ ଗ୍ରାଚୁଇଟି ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅନୁଦାନପ୍ରାପ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ମୃତ୍ୟୁ ଏବଂ ଅବସରକାଳୀନ ଗ୍ରାଚୁଇଟି ୫ ଲକ୍ଷରୁ ୭.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।ଏ ସଂକ୍ରାନ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅନୁମୋଦନ ଦେଇଛନ୍ତି। ଏଥିପାଇଁ ବିଭିନ୍ନ ଶିକ୍ଷକ ସଂଘ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଗ୍ରାଚୁଇଟି ବୃଦ୍ଧି ପରେ ଶିକ୍ଷକ ଓ କର୍ମଚାରୀମାନେ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ୫ ବର୍ଷରେ ଦେଢ଼ ଲକ୍ଷ ନୂଆ ନିଯୁକ୍ତି



- ନିଯୁକ୍ତି ଆୟୋଗ ଅଧ୍ୟକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
- ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ପରାମର୍ଶ
- ମାର୍ଚ୍ଚ ୩୧ ସୁଦ୍ଧା ଖାଲି ପଦବୀ ପୂରଣ ପାଇଁ ପ୍ରସ୍ତାବ
- ଅନୁସୂଚିତ ବର୍ଗଙ୍କ ପାଇଁ ସ୍ପେଶାଲ ଡ୍ରାଇଭ
- ଜୟପୁରରେ ହେବ ଓପିଏସ୍‌ସି ପରୀକ୍ଷା କେନ୍ଦ୍ର
- ଲୋକବଳ ବଢ଼ିଲେ, ଜନସାଧାରଣଙ୍କୁ ମିଳିପାରିବ ଉତ୍ତମ ସେବା

ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ): ସରକାରଙ୍କ ଲୋକବଳ ବଢ଼ିଲେ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେଇପାରିବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ବିଭିନ୍ନ ନିଯୁକ୍ତି ଆୟୋଗର ଅଧ୍ୟକ୍ଷମାନଙ୍କ ସହିତ ଆଲୋଚନାରେ କହିଛନ୍ତି। ବର୍ଷର ପ୍ରଥମ ଦିନରେ ରାଜ୍ୟରେ ସରକାରୀ ବିଭାଗଗୁଡିକରେ ଖାଲି ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କର ବିଭିନ୍ନ ନିଯୁକ୍ତି ଆୟୋଗର ଅଧ୍ୟକ୍ଷମାନଙ୍କ ସହିତ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ, ନିରପେକ୍ଷ ଓ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଅତ୍ୟାବଶ୍ୟକ ସେବା ଯୋଗାଉ ଥିବା ବିଭାଗ, ଯଥା- ସ୍ୱାସ୍ଥ୍ୟ, ଗୃହ, ଶିକ୍ଷା ଓ କୃଷି ବିଭାଗର ପଦବୀଗୁଡିକୁ ଖାଲି ନ ରଖି ଯଥାଶୀଘ୍ର ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଆଗାମୀ ୫ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ସ୍ତରରେ ଦେଢ ଲକ୍ଷ ନିଯୁକ୍ତି ପାଇଁ ଲକ୍ଷ୍ୟ ରଖାଯାଇଛି। ୨ ବର୍ଷ ମଧ୍ୟରେ ୬୫ ହଜାର ସରକାରୀ ⊳ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ଦେଶବାସୀଙ୍କୁ ନବ ବର୍ଷର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ
- ନୂଆ ବର୍ଷରେ ୫ ସଂକଳ୍ପ ନେବାକୁ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଦିଲ୍ଲୀ ବିଜେପିର ପରାମାର୍ଶ
- ଲକ୍ଷ୍ନୌର ଏକ ହୋଟେଲରେ ଅର୍ଶଦ ନାମକ ଯୁବକ ତାଙ୍କ ମା' ଓ ୪ ଭଉଣୀଙ୍କୁ ହତ୍ୟା କରିଛନ୍ତି
- ଡିଏପି ସାର ଉପରେ ଏକକାଳୀନ ସ୍ୱତନ୍ତ୍ର ରିହାତିକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ
- ଡିସେମ୍ବର ୨୦୨୪ରେ ଜିଏସ୍‌ଟି ପୂର୍ବ ବର୍ଷ ବର୍ଷ ତୁଳନାରେ ୭.୩% ବୃଦ୍ଧି ହୋଇ ୧.୭୭ ଲକ୍ଷ କୋଟିରେ ପହଞ୍ଚିଛି
- ୧୦ ଦିନ ହେଲା ବୋର୍‌ୱେଲ୍‌ରେ ଫସିଥିବା ଶିଶୁକନ୍ୟା ଚେତନାର ମୃତ୍ୟୁ
- ବାଂଲାଦେଶୀ ହିନ୍ଦୁଙ୍କୁ ଭାରତ ପଳାଇ ଆସିବା ପାଇଁ ଉତ୍ସାହିତ କରାନ ଯାଉ: ହିମନ୍ତ



## ୩ରେ ଶପଥ ନେବେ ନୂଆ ରାଜ୍ୟପାଳ

ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ): ଜାନୁଆରୀ ୩ରେ ଶପଥ ନେବେ ଓଡ଼ିଶାର ନୂଆ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି। ଗୁରୁବାର ନୂଆ ରାଜ୍ୟପାଳ ଓଡ଼ିଶା ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ମିଜୋରାମର ପୂର୍ବତନ ରାଜ୍ୟପାଳ ଡ. କମ୍ଭମପତିଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି। ଡ. କମ୍ଭମପତି ୨୦୨୧ ଜୁଲାଇ ୧୯ତାରିଖରେ ମିଜୋରାମର ରାଜ୍ୟପାଳ ଭାବେ ଶପଥ ନେଇଥିଲେ। ଛାତ୍ର ରାଜନୀତିରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଡଃ କମ୍ଭମପତି ୧୯୭୪-୭୫ ମସିହାରେ ଜୟପ୍ରକାଶ ନାରାୟଣ ଆନ୍ଦୋଳନବେଳେ ଗିରଫ ହୋଇ ୬ମାସ ଜେଲ୍ ଯାଇଥିଲେ। ୧୯୯୯ରେ ବିଶାଖାପାଟଣାର ବିଧାୟକ ଭାବେ ସେ ଆନ୍ଧ୍ରପ୍ରଦେଶ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୨୦୧୪ ମସିହାରେ ବିଶାଖାପାଟଣା ଲୋକସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ।

୧୯୫୩ ମସିହା ଜୁନ୍ ୧୫ତାରିଖରେ ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲ୍ଲାର ଟିମାସମୁଦ୍ରମ ଗାଁରେ ଜନ୍ମିତ କମ୍ଭମପତି ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ ଆଣ୍ଡ କଂଟ୍ରୋଲ ସିଷ୍ଟମରେ ମାଷ୍ଟର ଡିଗ୍ରୀ ଓ କଂଟ୍ରୋଲ ସିଷ୍ଟମରେ ଡକ୍ଟରେଟ ହାସଲ କରିଛନ୍ତି। ସେ ଆନ୍ଧ୍ରପ୍ରଦେଶ ୟୁନିଭରସିଟି ଇଞ୍ଜିନିୟରିଂ କଲେଜରେ ୨୪ବର୍ଷ ଧରି ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ।

## କମ୍ୟୁନିଟି ପୋଲିସିଂକୁ ଗୁରୁତ୍ୱ

- କମିଶନରେଟ ପୋଲିସର ବାର୍ଷିକ ରିପୋର୍ଟ
- ବଢ଼ିଛି ହତ୍ୟାକାଣ୍ଡ, କମିଛି ଚୋରି ଡକାୟତି



ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ): କମ୍ୟୁନିଟି ପୋଲିସିଂକୁ ଗୁରୁତ୍ୱ ଦେବ କମିଶନରେଟ ପୋଲିସ। ସାଧାରଣ ଲୋକଙ୍କ ସହଭାଗିତାରେ ହେବ ଅପରାଧ ନିୟନ୍ତ୍ରଣ। ନୂଆବର୍ଷରେ ନୂଆ ସଂକଳ୍ପ ନେବା ସହ ଅପରାଧ ତାଲିକା ପ୍ରକାଶ। ସାମ୍ନାକୁ ଆସିଲା କମିଶନରେଟ ପୋଲିସର ବାର୍ଷିକ ରିପୋର୍ଟ। ଭୁବନେଶ୍ୱର ୟୁପିଡ଼ିରେ ୨୦୨୩ ମସିହାରେ ୧୧ ହଜାର ୯୭୫ ଟି କେସ ରୁଜୁ ହୋଇଥିବା ବେଳେ ୨୦୨୪ ରେ ୧୪ ହଜାର ୪୧୬ କେସ ରୁଜୁ ହୋଇଛି। ୨୦୨୩ ରେ ୫୨ ଟି ମର୍ଡର କେସ ହୋଇଥିବା ବେଳେ ୨୦୨୪ ରେ ଏହା ବଢ଼ି ୬୬ ରେ ପହଞ୍ଚିଛି। ଡକାୟତି, ଲୁଟ, ଚୋରି ଭୁବନେଶ୍ୱରରେ ଏବର୍ଷ କମିଛି। ସେହିପରି କଟକ ୟୁପିଡ଼ିରେ ୨୦୨୩ ରେ ୭୮ ଟି ମର୍ଡର କେସ ସାମ୍ନାକୁ ଆସିଥିବା ବେଳେ ୨୦୨୪ ରେ ୮୯ ଟି କେସ ରୁଜୁ ହୋଇଛି। ଡକାୟତି, ଲୁଟ, ଚୋରି କଟକରେ ଗତବର୍ଷ କମିଛି। ସେହିପରି ଦଙ୍ଗା ଓ ଟ୍ରାଫିକ କେସରେ ସାମାନ୍ୟ ହ୍ରାସ ହୋଇଛି। ପ୍ରପର୍ଟି ଅଫେନ୍ସ ଗୁଡିକରେ ପିଓପିଡି ଟିମ୍ ଆଖିଦୃଶିଆ ⊳ପୃଷ୍ଠା-୬

## ୧୫ ସୁଦ୍ଧା ସରିବ ଇ-କେଓ୍ୱାଇସି ଯାଞ୍ଚ

**ସରିଲାଣି ୮୫%, ଆହୁରି ୫୦ ଲକ୍ଷଙ୍କ ଯାଞ୍ଚ ହୋଇନି**

ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ): ଜାନୁଆରୀ ୧୫ ସୁଦ୍ଧା ରାସନକାର୍ଡର ଆଧାରଭିତ୍ତିକ ଇ-କେଓ୍ୱାଇସି ଯାଂଚ ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟ ଭିତରେ ରାସନକାର୍ଡ ହିତାଧିକାରୀ ଥିବା ବୃଦ୍ଧ ବୃଦ୍ଧା ଓ ଅସୁସ୍ଥ ଲୋକଙ୍କୁ ଭେଟି କେଓ୍ୱାଇସି ଯାଂଚ କରିବା ନିମନ୍ତେ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ବାହାରେ ଥିବା ଶ୍ରମିକମାନେ ଯୋଗାଯୋଗ କଲେ ସେଠାକୁ ମଧ୍ୟ ସରକାରୀ କର୍ମଚାରୀଙ୍କୁ ପଠାଯିବ ବୋଲି ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବୁଧବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପାତ୍ର କହିଛନ୍ତି, ରାସନକାର୍ଡ ଇ-କେଓ୍ୱାଇସି ଯାଂଚ ⊳ପୃଷ୍ଠା-୬

## କ୍ଷେତ ଦର୍ଶନ ନାଁରେ କ୍ଷେତ୍ର ପରିଦର୍ଶନ



- ଚେଲାଙ୍କ ଷ୍ଟାଇଲରେ ଗୁରୁଙ୍କ ଖେଳ
- ପୁରୁଣା ଫର୍ମୁଲାରେ କନ୍ଦାକଟା

ଭୁବନେଶ୍ୱର୧।୧ (ସଂଚାର ବ୍ୟୁରୋ): ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସାନ୍ତ୍ୱନା ଦେବାପାଇଁ ବିରୋଧିଦଳ ନେତା ନବୀନ ପଟ୍ଟନାୟକ ସେମାନଙ୍କ ନିକଟରେ ପହଞ୍ଚୁଥିବାବେଳେ ସେଠାରେ ଏବେ ପୁରୁଣା ଫର୍ମୁଲାରେ ଲୋକ ଠୁଳ ହେବା ଓ ମହିଳାଙ୍କ କନ୍ଦାକଟା ଆରମ୍ଭ ହୋଇଛି। ନିର୍ବାଚନ ପୂର୍ବରୁ ଚେଲା ପାଣ୍ଡିଆନଙ୍କ ଗସ୍ତ ସମୟରେ ରାସ୍ତାକଡ ଓ ସଭାସ୍ଥଳରେ ଯେଭଳି ଦିବ୍ୟାଙ୍ଗମାନଙ୍କୁ ଯୋଜନାବଦ୍ଧ ଭାବେ ଛିଡା କରାଯାଉଥିଲା ଓ ସେମାନଙ୍କ ହାତରୁ ଦାବିପତ୍ର ନେବାର ଫଟୋ ଉଠାଇ ଗଣମାଧ୍ୟମକୁ ଦିଆଯାଉଥିଲା ଏବେ ଠିକ୍ ⊳ପୃଷ୍ଠା-୬



### କାନ ଡେରିଆ

ପ୍ରବାସୀ ଓଡ଼ିଆ ଦିବସ ପାଇଁ କି ରାଜଧାନୀ ଚକ୍‌ଚକ୍

ବିରୋଧୀଏ

କିନ୍ତୁ ଶାସକ ବିରୋଧେ

ହେଉଛନ୍ତି ବକବକ

କ୍ଷମତା ନିଶାଟା

ଯାଇନି ମୁଣ୍ଡରୁ

ମୁଣ୍ଡଫୁଟେ ଟକଟକ

# ସନ୍ୟାସୀଙ୍କ ସାନ୍ନିଧ୍ୟ ପାଇଁ ପ୍ରତିଯୋଗିତା

- ପ୍ରଶଂସାରେ ଶତମୁଖ ବରିଷ୍ଠନେତା
- ଜଣକ ପରେ ଜଣେ ପେ-ରୋଲ୍‌ରେ
- ଟ୍ରାକକୁ ଫେରିବାକୁ ସୁଚିନ୍ତିତ ରଣନୀତି



ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ): ସନ୍ୟାସୀଙ୍କ ସାନ୍ନିଧ୍ୟ ପାଇବାକୁ ଏବେ ବିଜେଡରୁ ବାହୁବଳୀମାନଙ୍କର ପ୍ରତିଯୋଗିତା। ଅନେକ ଶରଣାପନ୍ନ ହୋଇ ପେ ରୋଲରେ ରହିବାପରେ ଆଉ କିଛି ଧାଡିରେ ରହିଛନ୍ତି। କିଏ ବାହାଘରକୁ ଡାକି ଫଟୋ ଉଠାଉଛି ତ ଆଉ କିଏ ସନ୍ୟାସୀଙ୍କୁ ନବୀନଙ୍କ ପୁଅ ବୋଲି କହିବାକୁ ପଛାଉ ନାହାନ୍ତି। ନିର୍ବାଚନରେ ବିଜେଡି ହାରି କ୍ଷମତାରୁ ଯିବାପରେ ସମସ୍ତଙ୍କ ରାଗ ଥିଲା ସନ୍ୟାସୀଙ୍କ ଉପରେ। କିଏ ଖୋଲାଖୋଲି ଭାବେ ବିଷ ଓଗାଳୁଥିଲା ତ ଆଉ କିଏ ଆପଣାର ଲୋକଙ୍କ ଆଗରେ ସନ୍ୟାସୀଙ୍କ ଚଉଦ ପୁରୁଷ ଉଦ୍ଧାରୁଥିଲା। ପ୍ରାୟତଃ ସମସ୍ତେ ସମ ସ୍ୱରରେ ସନ୍ୟାସୀ ରହିଲେ ବିଜେଡି ଭାସିଯିବ ବୋଲି କହି ବୁଲୁଥିଲେ। ଏପରିକି କିଛି ନେତା ନିର୍ବାଚନୀ ସମୀକ୍ଷା ସମୟରେ ଶଙ୍ଖଭବନ ଭିତରେ ତୁ ତୁ ମେମେ ସହିତ ହାତାହାତି ହେବାକୁ ବି ପଛାଇ ନଥିଲେ। ସମସ୍ତେ ମନେ ମନେ ସନ୍ୟାସୀ ମାରଣ ଯଜ୍ଞ କରୁଥିଲେ। ହେଲେ ଧିରେ ଧିରେ ଚିତ୍ର ବଦଳିବାରେ ଲାଗିଛି। ସେତେବେଳେ ଗାଳି ଦେଉଥିବା ଅନେକ ଏବେ ପ୍ରଶଂସାରେ ଶତମୁଖ। ସନ୍ୟାସୀଙ୍କ ସାନ୍ନିଧ୍ୟ ପାଇବାକୁ ଚାଲିଛି ପ୍ରତିଯୋଗିତା। ନିକଟତର ବୋଲି ଦେଖାଇ ହେବାକୁ ଗଣମାଧ୍ୟମର ସାହାରା ବି ନେଉଛନ୍ତି। ସନ୍ୟାସୀଙ୍କ ନିକଟତର ନେତାଙ୍କ ତାଲିକା ବି ବେଶ୍ ଲମ୍ବିବାରେ ଲାଗିଛି। ଏହି ତାଲିକାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବର୍ତ୍ତମାନର ବିଧାୟକ ଡକ୍ଟର ଅରୁଣ କୁମାର ସାହ. ସୌଭିକ ⊳ପୃଷ୍ଠା-୬

## ୩ ଆଇପିଏସ୍‌ଙ୍କୁ ଡିଜି ପାହ୍ୟା



ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଦୁଇ ଦିନ ତଳେ ୮ ଜଣ ଆଇପିଏସ୍ ଅଫିସରଙ୍କୁ ପଦୋନ୍ନତି ଦେଇଥିଲେ। ଇଂରାଜୀ ନୂଆବର୍ଷ ଅବସରରେ ଆଉ ୩ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ସରକାର ପଦୋନ୍ନତି ଦେଇ ଡିଜି କରିଛନ୍ତି। ଡିଜି ପାହ୍ୟାକୁ ପଦୋନ୍ନତି ପାଇଥିବା ଅଫିସରମାନେ ହେଉଛନ୍ତି ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର, ଆରପି କୋଚେ ଓ ସୁଶାନ୍ତ କୁମାର ନାଥ। ଏହି ତିନି ଅଫିସରଙ୍କୁ ଡିଜିପି ପାହ୍ୟାକୁ ପଦୋନ୍ନତି ମିଳିଛି। ବିନୟତୋଷ ମିଶ୍ର ଏବେ କ୍ରାଇମବ୍ରାଞ୍ଚ ଏଡିଜି ଭାବେ କାର୍ଯ୍ୟ କରୁଛନ୍ତି। ଆର.ପି କୋଚେ ଗୁଇନ୍ଦା ନିର୍ଦ୍ଦେଶକ ଅଛନ୍ତି। ସୁଶାନ୍ତ କୁମାର ନାଥ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି। ସେ ବିଏସ୍‌ଏଫରେ କାର୍ଯ୍ୟ କରୁଛନ୍ତି। ଏହା ପୂର୍ବରୁ ୨୦୦୦ ବ୍ୟାଚ୍ ଆଇପିଏସ୍ ଅଫିସର ଯତୀନ୍ଦ୍ର କୋୟଲ ଓ ପ୍ରତୀକ ମହାନ୍ତଙ୍କୁ ଏଡିଜି ପାହ୍ୟାକୁ ପଦୋନ୍ନତି ମିଳିଥିଲା। ସେହିପରି ୨୦୦୭ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅବିନାଶ କୁମାର, ସାର୍ଥକ ଷଡ଼ଙ୍ଗୀ ଓ ନିତି ଶେଖରଙ୍କୁ ଆଇଜି ପାହ୍ୟାକୁ ଏବଂ ୨୦୧୧ ବ୍ୟାଚ୍‌ର ଆଇପିଏସ୍ ଅଫିସର ପିନାକ ମିଶ୍ର, ବି. ଯୁଗୋଳ କିଶୋର କୁମାର ଓ ବି. ଗଙ୍ଗାଧରଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ମିଳିଥିଲା।



# ସମାଜସେବା ଓ ପରିବେଶ ସୁରକ୍ଷା ପାଇଁ ସମ୍ବର୍ଦ୍ଧିତ ହେଲେ ବାପି

**ମହାକାଳପଡ଼ା, ୧।୧ (ସଂଚାର ବ୍ୟୁରୋ) :** ମହାକାଳପଡ଼ାର ବାପି ଗୋଛୟତଙ୍କୁ ପାରାଦୀପ ଆହ୍ୱାନ ଫାଉଣ୍ଡେସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଡକ୍ ୱାର୍କର୍ସ ରିକ୍ରିଏସନ କ୍ଲବ, ପାରାଦ୍ୱୀପ ଠାରେ ଆହ୍ୱାନ ଫାଉଣ୍ଡେସନ ତରଫରୁ ଆୟୋଜିତ ୧୧ତମ ବାର୍ଷିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅବସରରେ ବାପିଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ପ୍ଲାଷ୍ଟିକର ଭୟାବହତାରେ ଆଜି ସମଗ୍ର ବିଶ୍ୱ ସନ୍ତାପିତ ଅବସ୍ଥାରେ ରହିଛି। ମାଟି, ପାଣି, ପବନ ଆଜି ପ୍ଲାଷ୍ଟିକ କବଳରେ କବଳିତ ହୋଇ ବିଷାକ୍ତ ପାଲଟି ଗଲାଣି। ଏହାର ମର୍ମକୁ ହୃଦୟଙ୍ଗମ କରି ବାପି ଗୋଛୟତ ଦୀର୍ଘ ୪ ବର୍ଷ ହେବ ନିରନ୍ତର ପ୍ଲାଷ୍ଟିକ ମୁକ୍ତ ପରିବେଶ ଓ ବୃକ୍ଷ ରୋପଣ ପାଇଁ ନିରନ୍ତର ପ୍ରୟାସ କରି ଆସୁଛନ୍ତି। କେତେବେଳେ ବାଲିଯାତ୍ରା ର ଗହଳିରେ ନିଜକୁ ପ୍ଲାଷ୍ଟିକ ମଣିଷ ହୋଇ ପ୍ଲାଷ୍ଟିକର ବ୍ୟବହାର କମ୍ ପାଇଁ ନିବେଦନ କରୁଛନ୍ତି ତ ଆଉ କେତେବେଳେ ପର୍ଯ୍ୟଟକ ମାନଙ୍କୁ ପ୍ଲାଷ୍ଟିକ ଅଳିଆ ନଫିଙ୍ଗିବା ପାଇଁ ସଚେତନ କରୁଛନ୍ତି। ଅତି କମ୍ ବୟସରୁ ପରିବେଶ ପ୍ରେମ ତାଙ୍କୁ ଏକ ଭିନ୍ନ ପରିଚୟ ଦେଇଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଓରତ ଗ୍ରାମରେ ବାପି ଙ୍କ ଘର। ସେ ଏଥିପୂର୍ବରୁ ପାରାଦୀପ ମହାବିଦ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବରେ କାର୍ଯ୍ୟ କରୁଛନ୍ତି। ପ୍ରତିଦିନ ପାରାଦୀପ ସମୁଦ୍ର ବେଳାଭୂମି ରେ ସେ ସଫେଇ ଅଭିଯାନ କରି ଆସୁଛନ୍ତି। ତାଙ୍କର "କଥା ଦିଅ ବନ୍ଧୁ ଭୁଲିବ ନାହିଁ, ପ୍ଲାଷ୍ଟିକ ଅଳିଆ ଏଣେତେଣେ ଫିଙ୍ଗିବ ନାହିଁ " ସମସ୍ତଙ୍କୁ ବେଶ୍ ଆକର୍ଷିତ କରିଛି।

# ବଢୁଛି କ୍ଷୀର ଦର, ଚାଷୀ ପାଉନି ପ୍ରକୃତ ପାଉଣା

**କେନ୍ଦ୍ରାପଡା, ୧।୧ (ସଂଚାର ବ୍ୟୁରୋ) :** ବଜାରରେ ବିକ୍ରୀ ହେଉଥିବା କ୍ଷୀର ଦର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିକ୍ରି ହେଉଥିବା ପ୍ୟାକେଟ୍ କ୍ଷୀର ଲିଟର ପିଛା ଦର ବଢ଼ି ୫୬ ଟଙ୍କାରେ ପହଞ୍ଚିଲାଣି। ଦର ବଢ଼ିବା ସହ ଗ୍ରାହକ ବର୍ଦ୍ଧିତ ଦରରେ କ୍ଷୀର ପ୍ୟାକେଟ୍ କିଣୁଛନ୍ତି କିନ୍ତୁ ଏଥିରେ ଚାଷୀ ଟଙ୍କାଟିଏ ବି ଲାଭ ପାଇପାରୁନାହିଁ। ସହରର ଚାଷୀ ଏକ ନିର୍ଦ୍ଦିଷ୍ଟ ଘରୋଇ ପ୍ରତିଷ୍ଠାନକୁ ଲିଟର ପିଛା ସର୍ବାଧିକ ୩୮ରୁ ୪୦ ଟଙ୍କାରେ କ୍ଷୀର ବିକ୍ରି କରୁଥିବାବେଳେ ସେଥିରେ ବୃଦ୍ଧି ହେଉନଥିବା ଯୋଗୁଁ ଦୁଗ୍ଧଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବଜାରରେ ପ୍ୟାକେଟ୍ କ୍ଷୀର ଦାମ ବଢ଼ିଥିବା ଯୋଗୁଁ ଚାଷୀଙ୍କ ଠାରୁ କ୍ଷୀର କିଣାଦାମକୁ ଉକ୍ତ ସଂସ୍ଥା ସେହି ଅନୁପାତରେ ବୃଦ୍ଧି କରିବା ଆବଶ୍ୟକ ବୋଲି ଚାଷୀ ମହଲରେ ଦାବି ହେଉଛି। ଚାଷୀ କ୍ଷତି ସହୁଥିବାବେଳେ ଉକ୍ତ ସଂସ୍ଥା ଗୁଡ଼ିକ ମୁନାଫା କମାଉଥିବା କେନ୍ଦ୍ରାପଡା ଜିଲ୍ଲାର ଅଧିକାଂଶ ଚାଷୀ ଏନେଇ ଉଦବେଗ ପ୍ରକାଶ କରିଛନ୍ତି।

ଗୋଟିଏ ପଟେ ଗୋ- ଖାଦ୍ୟର ଦାମ ଅନିୟନ୍ତ୍ରିତ ଭାବେ ବୃଦ୍ଧି ପାଉଥିବାବେଳେ କ୍ଷୀରର କିଣାଦାମରେ ଗତ କିଛି ବର୍ଷ ହେଲା ବିଶେଷ ବୃଦ୍ଧି ହୋଇନଥିବା ଚାଷୀ ମାନେ ପ୍ରକାଶ କରିଛନ୍ତି। ମହଙ୍ଗା ଯୁଗରେ ସବୁ ଦର ବଢୁଥିବା ବେଳେ ଚାଷୀ କିନ୍ତୁ ଉପଯୁକ୍ତ ପାଉଣା ପାଇପାରୁନଥିବା ମହାକାଳପଡା ଅଞ୍ଚଳର ଚାଷୀ ଶରତ ବେହେରା ପ୍ରକାଶ କରିଥିଲେ । ସେହିପରି ଗୋ-ଖାଦ୍ୟର ଦର ବଢ଼ି ବଢି ଚାଲିଛି। ଯେଉଁ ଖାଦ୍ୟ ହଜାରେ ଟଙ୍କାରେ ମିଳୁଥିଲା ତାହା ଏବେ ୧୪୦୦ ଟଙ୍କାରେ ପହଞ୍ଚିଲାଣି ମୋଟାମୋଟି ଭାବେ କ୍ଷୀରର କିଣା ଦାମ୍ ସରକାର ବଢ଼ାଇବା ଉପରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି। ବର୍ତ୍ତମାନ ସମୟରେ ଚାଷୀ ଯେତିକି ଦରରେ କ୍ଷୀର ବିକ୍ରି କରୁଛି ବଜାରରେ ପ୍ୟାକେଟ୍ କ୍ଷୀରର ଦର ତା' ଠାରୁ ବେଶ୍ ଉଚ୍ଚା ରହୁଛି। ଫଳରେ ଗ୍ରାହକ କ୍ଷୀର କିଣିବା ପାଇଁ ଉଚ୍ଚାମୂଲ୍ୟ ଦେଉଥିଲେ ହେଁ, କହିବାକୁ ଗଲେ ଚାଷୀର କ୍ଷୀର ବିକ୍ରି ଦର ବଢୁନଥିବାବେଳେ ଗୋ- ସମ୍ପଦ ପାଇଁ ବିଭିନ୍ନ ପ୍ରକାରର ଖର୍ଚ୍ଚ ବଢ଼ିବାରେ ଲାଗିଛି । ଚାଷୀ ଜଣକ କହିଥିଲେ ଗୋଟିଏ ଗାଈ ପିଛା ଦୈନିକ ୧୫୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଯେଉଁଥିରେ ତା'ର ଖାଦ୍ୟ ଓ ଔଷଧ ପରି ଆନୁଷଙ୍ଗିକ ଖର୍ଚ୍ଚ ରହିଛି। ଉକ୍ତ ଗାଈଟି ଦୈନିକ ୫ରୁ ୬ ଲିଟର କ୍ଷୀର ଦେଉଛି। ଘରୋଇ ସଂସ୍ଥାକୁ କ୍ଷୀର ବିକ୍ରି କଲେ ୨୦୦ ଟଙ୍କା ମିଳୁଛି। ଫଳରେ ଆମ ପାଇଁ ମାତ୍ର ୫୦ ଟଙ୍କା ବଳୁଛି। ଏଇ ମହରଗ ଦୁନିଆରେ ୫୦ ଟଙ୍କାରେ କିପରି ଚଳିବୁ ।

ସେହିପରି ବର୍ଷକୁ କିଛି ନିର୍ଦ୍ଦିଷ୍ଟ ସମୟ ଗାଈ କ୍ଷୀର ଦେଉଥିବାବେଳେ ଅନ୍ୟ ସମୟରେ କ୍ଷୀର ଦେଇନଥାଏ । ସେ ସମୟରେ କିପରି ଚଳିବୁ ବୋଲି କରିଥିଲେ । ସହରରେ ଅନେକ ପରିବାରଙ୍କ ଘରକୁ କ୍ଷୀର ଯୋଗାଣ କରୁଛୁ। ସେମାନେ ଲିଟର ପିଛା ୫୦ ଟଙ୍କା ଦେବାକୁ ପ୍ରସ୍ତୁତ ଥିବାବେଳେ ସେମାନଙ୍କ ଠାରୁ ନିୟମିତ ଟଙ୍କା ମିଳିପାରୁନାହିଁ। ଅନେକ ସମୟରେ ମାସ ମାସ ଧରି ପାଉଣା ବକେୟା ପଡ଼ି ରହୁଛି। ତେଣୁ ସରକାର ଆମ ଉପରେ ଦୃଷ୍ଟି ଦେବା ସହ ବଜାରର ଦରକୁ ଦେଖି ଏକ ନିର୍ଦ୍ଦିଷ୍ଟ ଦର ସ୍ଥିର କରନ୍ତୁ ବୋଲି ଚାଷୀ ମହଲରେ ଦାବି ହୋଇଛି ।



## ମହଙ୍ଗା ଯୁଗରେ ପରିବାର ଚଳିବ କେମିତି ?

# ଗହୀରମଥା ନିଷିଦ୍ଧାଞ୍ଚଳରୁ ୧୭ ମତ୍ସ୍ୟଜୀବୀ ଗିରଫ




**ରାଜନଗର, ୧।୧ (ସଂଚାର ବ୍ୟୁରୋ) :** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବନବିଭାଗ ଟିମ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଟ୍ରଲର ଜବତ କରିବା ସହିତ ଏଥିରେ ଥିବା ୧୭ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କ ସମେତ ବନବିଭାଗର ପାଟ୍ରୋଲିଂ ଟିମ ଗହୀରମଥା ନିଷିଦ୍ଧାଞ୍ଚଳରେ ପଇଁତରା ମାରୁଥିବା ସମୟରେ ବରୁଣେଇ ନିକଟରେ ମା ଭୁବନେଶ୍ୱରୀ ନାମକ ଟ୍ରଲରକୁ ଜବତ କରିଥିଲେ। ଏଥିରେ ଥିବା ଜିତେନ୍ଦ୍ର ମଲିକ, ନିମାଇଁ ମଣ୍ଡଳ, ଅଶୋକ ମଣ୍ଡଳ, ଜଗନ୍ନାଥ ମଣ୍ଡଳ, ବନଚରଣ ମଣ୍ଡଳ, ନଟ ବାହିନୀ, ମଙ୍ଗଲ ମୋହନ ସୋରେନ, ଝାଡେଶ୍ୱର ଗଙ୍ଗେଇ, ରମେଶ ମଲିକ, ପ୍ରଦୀପ ସର୍ଦ୍ଧାର, ଉତପଲ ନାସ୍କର, ପୁର୍ଣ୍ଣଚନ୍ଦ୍ର ବେହେରା, କରୁଣାକର ମହାକାଳିକ, ରାକେଶ ମଲିକ, ଭନେଶ୍ୱର ମୁଣ୍ଡା, ଅଭିଜିତ୍ ସର୍ଦ୍ଧାର ପ୍ରମୁଖ ୧୭ଜଣ ମତ୍ସ୍ୟଜିବୀଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନ ଧାରା ୨୭, ୨୯, ୩୧ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୫ଟି ଭିଏଚଏଫ, ଗୋଟିଏ ଜିପିଏସ, ଗୋଟିଏ ଫିସ୍ ଫାଇଣ୍ଡର, ଟର୍ଣ୍ଣନେଟ ୫ହଜାର ଫୁଟ, କର୍ଡ ନେଟ ୫ ହଜାର ଫୁଟ, ଲାଡେଜ ନେଟ ୫ ହଜାର ଫୁଟ, ଇଲିସି ନେଟ ୪ ହଜାର ଫୁଟ, ସାମୁଦ୍ରିକ ମାଛ ୫୦ କେଜି ଓ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି ବୋଲି ବନବିଭାଗ ସୂଚନା ଦେଇଛି।

# ନୂତନ ବର୍ଷକୁ ନିଆରା ଢଙ୍ଗରେ ପାଳିଲା ମହାକାଳପଡ଼ା ୟୁଥ ଗ୍ରୁପ

**ମହାକାଳପଡ଼ା, ୧।୧ (ସଂଚାର ବ୍ୟୁରୋ) :** ଇଂରାଜୀ ନବବର୍ଷ ୨୦୨୫କୁ ପାଳନ କରିବା ପାଇଁ କିଏ କେତେ ଆୟୋଜନ ଚଳାଇଛନ୍ତି। କିଏ ଭୋଜିଭାତର ଆୟୋଜନ କରି ନିଜ ସମୟକୁ ଉପଭୋଗ କରୁଛନ୍ତି ତ ଆଉ କିଏ ନୁଆ ନୁଆ ଜାଗାକୁ ଯାଇ ନୁଆ ବରଷର ନୁଆ ଦିନର ମଜା ନେଉଛନ୍ତି। ହେଲେ ମହାକାଳପଡା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ଆଜି ଯେଉଁ ନିଆରା ପ୍ରୟାସ କରାଯାଇଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଜଣେ ମାଆର ଶୁଦ୍ଧିକ୍ରିୟା ପାଇଁ ଗୁହାରି କରିଥିବା ଦିବ୍ୟାଙ୍ଗ ପାଖରେ ୟୁଥ୍ ଗ୍ରୁପ୍ ର ସଦସ୍ୟମାନେ ପହଞ୍ଚି ସହଯୋଗ କରିଛନ୍ତି। ଚାଉଳ, ଜାଇ, ଚୁଡ଼ା, ଚିନି, ରୋଷେଇ ସାମଗ୍ରୀ ସହିତ ଛଅ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଯାହା ଆଜିର ସମାଜକୁ ଏକ ନିଆରା ବାର୍ତ୍ତା ଦେଇଛି।

ଗ୍ରୁପ୍‌ର ସମସ୍ତ ସଦସ୍ୟମାନେ ଇଂରାଜୀ ନବବର୍ଷର ପ୍ରଥମ ଦିନଟିକୁ ଏକ ସ୍ୱତନ୍ତ୍ର ଭାବରେ ପାଳନ ପାଇଁ ନିଷ୍ପତ୍ତି ନେଇ କରିଥିବା ପ୍ରୟାସକୁ ଆଜି ସଫଳ କରିଛନ୍ତି। ଯାହାଙ୍କ ସହଯୋଗ ଉକ୍ତ ପରିବାରକୁ ଗୋଟିଏ ରାହା ଦେବାରେ ସହଯୋଗ କରିଛି। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ର ଏହି ମହାନ ଉଦ୍ଦେଶ୍ୟକୁ ସମଗ୍ର ଅଞ୍ଚଳରେ ବେଶ୍ ପ୍ରଶଂସନୀୟ ବୋଲି କହିଛନ୍ତି।




ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାନ ଗାଁରୁ ଦେଖିବାକୁ ମିଳିଛି ଏମିତି ଘଟଣା। ଗ୍ରାମର ଆରତ ବେହେରା (୭୫) ଙ୍କ ପତ୍ନୀ ଧୋବଣୀ ବେହେରାଙ୍କ ୬୪ ବର୍ଷ ବୟସରେ ଗତ ଡିସେମ୍ବର ୨୮ ରେ ଶ୍ୱାସ ଜନିତ ଘଟଣାରେ ମୃତ୍ୟୁ ଘଟିଛି। ଧୋବଣୀ ଦୀର୍ଘଦିନ ଧରି ଶ୍ୱାସ ଜନିତ ସମସ୍ୟାରେ ପିଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ଔଷଧ ଖର୍ଚ୍ଚ ପରିବାର ତରଫରୁ କଷ୍ଟରେ ଯୋଗାଡ଼ କରାଯାଉଥିଲା। ଦିନଥିଲା ଆରତ ବେହେରା ମୁଲମଜୁରି ଲାଗି ୫ ପ୍ରାଣୀ କୁଟୁମ୍ବଙ୍କ ପ୍ରତିପୋଷଣ କରୁଥିଲେ ହେଲେ ବୟସର ଅପରାହ୍ନରେ ପହଞ୍ଚିଗଲା ପରେ କୁଟାଖିଅ ଆଉ ଦୁଇଖଣ୍ଡ କରିବାକୁ ସାହାସ ନାହିଁ। ଆରତ ବେହେରାଙ୍କ ପୁତ୍ର ପ୍ରତାପ ଜଣେ ଦିବ୍ୟାଙ୍ଗ ଓ ଝିଅ ମଧ୍ୟ ଜଣେ ମାନସିକ ବିକାରଗ୍ରସ୍ତ ଅବିବାହିତ ଯୁବତୀ। ପ୍ରତାପ ଦିବ୍ୟାଙ୍ଗ ଭତ୍ତା ବାବଦକୁ ୧୨୦୦ ଓ ଏକ ଓମଫେଡ କେନ୍ଦ୍ରରେ କାମ କରି ମାସିକ ୩୦୦୦ ଟଙ୍କା ପାଉଛନ୍ତି। ଯାହା ପରିବାର ପ୍ରତିପୋଷଣ ପାଇଁ ପର୍ଯ୍ୟାପ୍ତ ନୁହେଁ। ଏମିତି ସମୟରେ ମାଆଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଯୋଗାଡ଼ କରିବା ତାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଥିଲା।

ଏ ଖବର ବାବଦରେ ଜାଣିବାକୁ ପାଇ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ସହଯୋଗ ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା। ଆଜି ୟୁଥ୍ ଗ୍ରୁପ୍ ପରିବାର ତରଫରୁ ସହାୟତା ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତାପ ମହାନ୍ତି, ରମାକାନ୍ତ ନାୟକ, ଲକ୍ଷ୍ମିଧର ସ୍ୱାଇଁ, ହରେକୃଷ୍ଣ ପାତ୍ର,ସୁନିଲ୍ ଗନ୍ତାୟତ, ହେମନ୍ତ ସ୍ୱାଇଁ, କୁନାଲ ବସନ୍ତିଆ,ବିଜୁ ସ୍ୱାଇଁ, ଚନ୍ଦନ ପାଇଟାଳ, ସୁବ୍ରତ ସେଠୀ, ଶ୍ରଦ୍ଧାନନ୍ଦ ସାହୁ, ସାନ୍ତନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷ୍ଣନଗର ଯାତ୍ରା ମଞ୍ଚରେ ସାହୁ ଭାଉଜଙ୍କୁ ଚପଲ ମାଡ !

**ରାଜନଗର, ୧।୧ (ସଂଚାର ବ୍ୟୁରୋ) :** ଦିନ ଥିଲା ଯାତ୍ରା ମଞ୍ଚରେ କଳାକାରମାନେ ଜୀବନ୍ତ ଅଭିନୟ କରି ଦର୍ଶକମାନଙ୍କୁ ବିମୋହିତ କରୁଥିଲେ। ନାଟକର ବିଷୟବସ୍ତୁ ସମାଜ ଧର୍ମୀ ହେଉଥିବାରୁ ସେତେବେଳେ ନାଟକରେ ଅଭିନୟ କରୁଥିବା କଳାକାରମାନଙ୍କୁ ଯଥେଷ୍ଟ ସମ୍ମାନ ମିଳୁଥିଲା। ନାଟକ ପୂର୍ବରୁ ଓଡିଆ ସଂସ୍କୃତି ଭିତିକ ଓଡିଶୀ ନୃତ୍ୟ ଏବଂ ଅନ୍ୟାନ୍ୟ ନାଚଗୀତ ପରିବେଷଣ କରାଯାଉଥିଲା। ଏବେ ପ୍ରଶ୍ଚାତ୍ୟର ସଂସ୍କୃତିକୁ ଆଦରି ନେଇ ଯାତ୍ରା ଅନୁଷ୍ଠାନ ତରୁଣ ପୀଢିର ଦର୍ଶକମାନଙ୍କୁ ଆକର୍ଷିତ କରିବା ପାଇଁ ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରୁଛନ୍ତି। ଯାହା ଏବେ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ଏହାର ନିଛକ ପ୍ରତିଛବି ଗତକାଲି ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ କୃଷ୍ଣନଗର ଗ୍ରାମରେ ଗ୍ରାଣ୍ଡ ମହଲ ପକ୍ଷରୁ ଯାତ୍ରା ପରିବେଷଣ କରାଯାଉଥିଲା। ୨ଦିନ ଧରି ଯାତ୍ରା ଦେଖିବାକୁ ଦର୍ଶକଙ୍କ ସଂଖ୍ୟା କମିବା ପରେ ୩ୟ ରାତିରେ ଅର୍ଥାତ୍ ବର୍ଷର ଶେଷ ଦିନରେ ସାହୁ ଭାଉଜ ନୃତ୍ୟ ପରିବେଷଣ କରିବେ ବୋଲି ପ୍ରଚାର କରାଯାଇଥିଲା। ଏହି ପ୍ରଚାର ପରେ ଗତକାଲି ରାତିରେ ସାହୁ ଭାଉଜଙ୍କ ଅଶ୍ଳୀଳ ନୃତ୍ୟ ଦେଖିବାକୁ ପ୍ରବଳ ଭିଡ ହୋଇଥିଲା। ସାହୁ ଭାଉଜ କିଛି ସମୟ ନୃତ୍ୟ ପରିବେଷଣ କରିବା ପରେ ଅଶ୍ଳୀଳ ନୃତ୍ୟ ଆରମ୍ଭ କରିଥିଲେ। ଏହି ସମୟରେ ଯାତ୍ରା ଦେଖୁଥିବା କୃଷ୍ଣନଗର ଅଞ୍ଚଳରେ ଜନୈକା ଯୁବତୀ ଏହି ଅଶ୍ଳୀଳ ନୃତ୍ୟକୁ ବିରୋଧ କରିବା ସହ ଗୋଡରୁ ଚପଲ ଖୋଲି ସାହୁ ଭାଉଜଙ୍କ ଉପରକୁ ଫୋପାଡି ଥିଲେ। ଚପଲ ସାହୁ ଭାଉଜଙ୍କ ଦେହରେ ବାଜିଥିଲା। ଚପଲ ମାଡ ହେବା ପରେ ସାହୁ ଭାଉଜ ଯାତ୍ରା ମଞ୍ଚରୁ ପଳାଇଥିଲେ। ସାହୁ ଭାଉଜ ମଞ୍ଚ ଛାଡି ଚାଲିଯିବା ପରେ ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। କେତେକ ଯୁବକ କାହିଁକି ସାହୁ ଭାଉଜ ମଞ୍ଚ ଛାଡି ପଳାଇଲେ ବୋଲି ହୋ ହାଲ୍ଲା କରିବା ସହିତ ମଞ୍ଚ ଉପରକୁ ଚେୟାର ଫିଙ୍ଗିଥିଲେ। କିଛି ସମୟ ଧରି ପରିବେଶ ଉତେଜନା ପ୍ରବଣ ରହିଥିଲା। ନିକଟ ଅତୀତରେ ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାନଯିବାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଶ୍ଳୀଳ ନୃତ୍ୟକୁ ନେଇ ଏଭଳି ଉତେଜ୍ଜନା ଦେଖାଦେଉଛି। ତୁରନ୍ତ ରାଜ୍ୟ ସରକାର ଏଥିପାଇଁ କଡା ଆଇନ ଆଣିବା ପାଇଁ ସାଧାରଣରେ ଦାବୀ ହେଉଛି।

# ଗାୟତ୍ରୀ ସେବା ସମିତି ପକ୍ଷରୁ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ



**ପଟ୍ଟାମୁଣ୍ଡାଇ, ୧।୧ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ଗାୟତ୍ରୀ ସେବା ସମିତି ପକ୍ଷରୁ ସମାଜରେ ଅବହେଳିତ ଅସହାୟ ବୃଦ୍ଧ ବୃଦ୍ଧା ଓ ମହିଳାଙ୍କୁ ପଂକ୍ତି ଭୋଜନ ସହିତ ଶୀତ ବସ୍ତ୍ର କମ୍ବଳ ବଣ୍ଟନ କରାଯାଇଛି । ସେବା ସମିତି ସଭାପତି ବିଜୟ ମହାନ୍ତି,ସମ୍ପାଦକ ଇଂ ତ୍ରିଲୋଚନ ସୂତାର, ଉପଦେଷ୍ଟା ଗୋପାଳ ବିଶ୍ୱାଳ, ଇଂ ତପନ ପାତ୍ର, ଅଶୋକ ବଳ, ପଦ୍ମନାଭ ଜେନା, ଅରବିନ୍ଦ ବଳ, ଦେବେନ୍ଦ୍ର ବିଶ୍ୱାଳ, ହେମନ୍ତ ରାଉତ, ସୌମେନ୍ଦ୍ର ପରିଡା, ଶରତ ନାୟକ ଓ ନାରାୟଣ ପ୍ରସାଦ ସୂତାର ପ୍ରମୁଖ ସମିତିର କର୍ମକର୍ତ୍ତା ମାନେ ଅସହାୟ ବୃଦ୍ଧ ବୃଦ୍ଧା ଓ ମହିଳାଙ୍କୁ ଶୀତ ବସ୍ତ୍ର କମ୍ବଳ ବଣ୍ଟନ କରିଥିଲେ ।

# କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**କେନ୍ଦ୍ରାପଡ଼ା, ୧।୧ (ସଂଚାର ବ୍ୟୁରୋ) :** ବୁଧବାର ଅପରାହ୍ନ ୪ଘଟିକା ସମୟରେ ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟି ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଓ ନୂତନ ଭାବେ ଯୋଗଦାନ କରିଥିବା କନିଷ୍ଠ ରାଜସ୍ୱ ସହାୟକଙ୍କ ସ୍ୱାଗତ ସଭାର ଆୟୋଜନ କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟିର ସଭାପତି, ଶୈଳେନ୍ଦ୍ର ନାରାୟଣ ପଧାନ ସଭାପତିତ୍ୱ କରିଥିଲେ । ଅବସର ଗ୍ରହଣ କରିଥିବା ଉପ-ବିଭାଗୀୟ ଅଧିକାରୀ, ଦିବାକର ମହାନ୍ତିଙ୍କ ଅମାୟିକ ବ୍ୟକ୍ତିତ୍ୱ, ସରକାରୀ କାର୍ଯ୍ୟ ସମ୍ପାଦନର ପ୍ରତିବଦ୍ଧତା ସମସ୍ତ କର୍ମଚାରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅତିରିକ୍ତ ଜିଲ୍ଲାପାଳ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ଉପରିସ୍ଥ ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ ସରକାରୀ କାର୍ଯ୍ୟ ସମ୍ପାଦନ କରିବାକୁ ସେ ନିଷ୍ଠା ଓ ନମ୍ରତାର ସହ ଗ୍ରହଣ କରୁଥିଲେ ଓ ନିଜର ସହକର୍ମୀଙ୍କ ସହ ସମନ୍ୱୟ ରଖି କର୍ତ୍ତବ୍ୟ ସମ୍ପାଦନ ପାଇଁ ନିଷ୍ଠାବାନ ରହୁଥିଲେ ବୋଲି ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟିର ସଭାପତି ମତବ୍ୟକ୍ତ କରିଥିଲେ।



ଶ୍ରୀ ମହାନ୍ତିଙ୍କ ସମୟାନୁବର୍ତ୍ତିତା, ଧୈର୍ଯ୍ୟ ଏବଂ କାର୍ଯ୍ୟଦକ୍ଷତା ସମ୍ପର୍କରେ ଡେପୁଟି କଲେକ୍ଟର (ନିଜାରତ), ପଲ୍ଲବୀ ପାତ୍ର ବୈଠକରେ ଉଚ୍ଚ ପ୍ରଶଂସା କରିଥିଲେ। ସଂସ୍ଥା ଅଧିକାରୀ ସୁଦର୍ଶନ ବେହେରା, ଶ୍ରୀ ମହାନ୍ତିଙ୍କର ବିଭିନ୍ନ ସରକାରୀ ଦପ୍ତରରେ କାର୍ଯ୍ୟ ସମ୍ପାଦନ କରିବାର ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଶ୍ରୀ ମହାନ୍ତି ୧୯୯୪ ମସିହାରେ ଆଳି ତହସିଲ କାର୍ଯ୍ୟାଳୟରେ କନିଷ୍ଠ ରାଜସ୍ୱ ସହାୟକ ଭାବେ ଚାକିରି ଆରମ୍ଭ କରି ଗତ ୩୧ ତାରିଖ ମଙ୍ଗଳବାର ଦିନ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୩୦ ବର୍ଷ ୭ ମାସ କାର୍ଯ୍ୟକାଳ ମଧ୍ୟରେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ।

ଏତଦବ୍ୟତୀତ ଅନ୍ତଃଜିଲ୍ଲା ବଦଳିରେ ମାଲକାନଗିରି ଜିଲ୍ଲା କାର୍ଯ୍ୟାଳୟରୁ ବଦଳି ହୋଇ ଏଠାରେ କନିଷ୍ଠ ରାଜସ୍ୱ ସହାୟକ ଭାବେ ଯୋଗଦାନ କରିଥିବା ସ୍ମୃତି ରଞ୍ଜନ ସ୍ୱାଇଁଙ୍କୁ ଷ୍ଟାଫ୍ କମିଟି ପକ୍ଷରୁ ମଧ୍ୟ ସ୍ୱାଗତ କରାଯାଇଥିଲା । ପରେ ପରେ ଷ୍ଟାଫ୍ କମିଟିର ନୂତନ ଭାବେ ନିର୍ବାଚିତ ସଭାପତି, ଉପ-ସଭାପତି, ସମ୍ପାଦକ ଓ ଅନ୍ୟ ସଦସ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ। ଏହି ବୈଠକରେ ଷ୍ଟାଫ୍ କମିଟିର ନୂତନ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା । ପରିଶେଷରେ ସମ୍ପାଦକ ସୌଭାଗ୍ୟ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




# ଷ୍ଟାଫ କମିଟି ପକ୍ଷରୁ ରକ୍ତଦାନ ଶିବିର

**କେନ୍ଦ୍ରାପଡ଼ା, ୧।୧ (ସଂଚାର ବ୍ୟୁରୋ) :** ଇଂରାଜୀ ନବବର୍ଷ-୨୦୨୫ ଅବସରରେ ବୁଧବାର ଜିଲ୍ଲାପାଳ କାର୍ଯ୍ୟାଳୟ ସରକାରୀ କର୍ମଚାରୀ ମାନେ ଜିଲ୍ଲା ବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବୁଧବାର କାର୍ଯ୍ୟାଳୟ ଷ୍ଟାଫ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ଆରମ୍ଭ ହୋଇଥିଲା ଏକ ନିଆରା ଓ ମାନବଧର୍ମୀ ମହତ କାର୍ଯ୍ୟ "ରକ୍ତଦାନ ଶିବିର" । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏହାକୁ ଶୁଭ ଉଦ୍ଘାଟନ କରିବା ସହ ଏଭଳି ମହତ କାର୍ଯ୍ୟ ପାଇଁ ଷ୍ଟାଫ୍ କମିଟିର ସଭାପତି ତଥା ଅନ୍ୟ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ରକ୍ତଦାନ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ କମିଟିର ସଭାପତି, ସମ୍ପାଦକ, କର୍ମକର୍ତ୍ତା ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ଏଥିରେ ମୋଟ ୫୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

# ନୂଆବର୍ଷରେ ବ୍ୟବସାୟୀଙ୍କୁ ହତ୍ୟା

**କେନ୍ଦ୍ରାପଡ଼ା, ୧।୧ (ସଂଚାର ବ୍ୟୁରୋ):** ଇଂରାଜୀ ନବବର୍ଷ ପାଳନରେ ବୁଧବାର ପୁରା ଜିଲ୍ଲା ଉତ୍ସବ ମୁଖର ହୋଇଥିବା ବେଳେ ସାମ୍ନାକୁ ଆସିଛି ଏକ ହତ୍ୟା ଅଭିଯୋଗ ଘଟଣା । ପରିବାର ଲୋକର ସନ୍ଦେହ ଜନକ ମୃତ୍ୟୁ ପରେ ମୃତଦେହ ପାଖରେ କାନ୍ଦି କାନ୍ଦି ଗଡି ଯାଉଛନ୍ତି ପରିବାର ଲୋକେ। ରାତି ସାଢ଼େ ଏଗାରଟା ବେଳେ ଭୋଜି କରିବା ପାଇଁ ଡାକି ନେଇ ପରିବାରର ଏକମାତ୍ର ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। କେନ୍ଦ୍ରାପଡା ସଦର ଥାନା ଅଧିନ ବିରସ୍ୱତୀ ଗାଁର କାହ୍ନୁ ନାଥ, ସ୍ଥାନୀୟ ଚାଉଳ ମିଲରେ ଶ୍ରମିକ ଭାବେ କାମ କରିବା ସହ ଗାଁରୁ ଧାନ ଏବଂ ଅନ୍ୟ ସାମଗ୍ରୀ ସଂଗ୍ରହ କରି ଏହି ମିଲରେ ସପ୍ଲାୟର ଭାବେ ମଧ୍ୟ କାର୍ଯ୍ୟ କରିଥାନ୍ତି। ତେବେ କାହ୍ନୁଙ୍କ ପୁତୁରା ଗୋବିନ୍ଦ ନାଥଙ୍କ ଅଭିଯୋଗ ଅନୁଯାୟୀ ଦାଦା କାହ୍ନୁ ନାଥ ମିଲରେ କାମ କରନ୍ତି। ଉଭୟ ଧାନ ବେପାର କରୁ ଆଉ ତାଙ୍କ ମିଲରେ ଧାନ ମଧ୍ୟ ଦେଉ। ମଙ୍ଗଳବାର ଦିନ ସାଢେ ଦଶଟା ରାତିରେ ମିଲ ମାଲିକ ରମେଶ ବାବୁ ଫୋନ କରିଥିଲେ । ଏହା ପରେ ନାଗପୁର ଅଞ୍ଚଳର ବଜିଆ (ବାଜ) ସାଢ଼େ ଏଗାରଟାରୁ ବାରଟା ରାତିରେ ଡାକିଥିଲା । ବାଜ ମଧ୍ୟ ଜଣେ ଖୁଚୁରା ବେପାରୀ ସେ ମଧ୍ୟ ଧାନ ନେଇ ମିଲର୍ ରମେଶଙ୍କୁ ଦିଏ । ଦାଦାଙ୍କୁ ନେଇ ଆସିଲା ଆଉ ପରେ ବାଜିଆକୁ ଫୋନ କଲାପରେ ଆଉ ତାଙ୍କ ନମ୍ବର ଲାଗିନଥିଲା ସେହି ସମୟରେ ସ୍ୱିଚ ଅଫ ଥିଲା । ଏହାର କିଛି ସମୟ ଅର୍ଥାତ ରାତି ଗୋଟାଏ ବେଳେ ଘରେ ପହଞ୍ଚି ସେ ଦାଦାଙ୍କୁ ପାଉନଥିବା କହିଥିଲା । ପରିବାର ଲୋକେ ରାତିରେ ବହୁବାର ଖୋଜା ଖୋଜି ପରେ ମଧ୍ୟ କାହ୍ନୁଙ୍କୁ ପାଇନଥିଲେ । କିନ୍ତୁ ବୁଧବାର ସକାଳ ସମୟରେ ଏକ ପରିତ୍ୟକ୍ତ ନାଳରେ ଦାଦା ଜାଲରେ ଗୁଡ଼ାଇ ହୋଇ ପଡ଼ିଥିବା ଦେଖିଥିଲେ । ଏହା ଦେଖିବା ପରେ କାହ୍ନୁନାଥଙ୍କୁ ଜାଲ ଗୁଡ଼ାଇ ମାରି ଦେଇଥିବା ଅଭିଯୋଗ କରିଛନ୍ତି। ଘଟଣା ସ୍ଥଳରେ ତାଙ୍କ ମୁହଁରେ ମାଡ଼ ହୋଇଥିବା ଦେଖା ଦେଇଛି, ଆଖିପତା ମଧ୍ୟ ଖଣ୍ଡିଆ ହୋଇ ସେ ପଡିଛନ୍ତି। ଘରୁ ଡାକିନେଇ ତାଙ୍କୁ ମାରିଛନ୍ତି ବୋଲି ଅଭିଯୋଗ କରିଛନ୍ତି।

# ନୂଆବର୍ଷରେ ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼

**ରାଜନଗର, ୧।୧ (ସଂଚାର ବ୍ୟୁରୋ):** ଅଜସ୍ର ସମ୍ଭାବନାକୁ ନେଇ ଇଂରାଜୀ ନବବର୍ଷ-୨୦୨୫କୁ ସାରା ବିଶ୍ୱରେ ମଧ୍ୟରାତ୍ରିରୁ ସ୍ୱାଗତ କରାଯାଇଛି। ନୂଆବର୍ଷ ପାଳନ ପାଇଁ ଯୁବପିଢୀ ନୂତନ ଉତ୍ସାହ ଉଦ୍ଦିପନା ନେଇ ପ୍ରକୃତିର ଗନ୍ତାଘର ଭିତରକନିକା ଓ ପେଣ୍ଠ ବେଳାଭୂମିକୁ ଛୁଟି ଆସିଥିଲେ। ଆଜି ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ ପାଇଁ ମୁଖ୍ୟ ଫାଟକ ଦେଇ ୩୨୪୫ଜଣ ପର୍ଯ୍ୟଟକ ୪୦ଟି ବୋଟରେ ୫୩୦ଜଣ ନୌକା ବିହାର କରିଥିବା ବେଳେ ଖୋଲା ଏଂଟ୍ରି ପଏଂଟ ଦେଇ ୭୦ଟି ବୋଟରେ ୯୯୫ଜଣ ପର୍ଯ୍ୟଟକ, ଚାନ୍ଦବାଲି ଏଂଟ୍ରି ପଏଂଟ ଦେଇ ୧୦ଟି ବୋଟରେ ୯୫ଜଣ ପର୍ଯ୍ୟଟକ ଏବଂ ଗୁପ୍ତି ଏଂଟ୍ରି ପଏଂଟ ଦେଇ ୧୭ଟି ବୋଟରେ ୨୦୨ଜଣ ପର୍ଯ୍ୟଟକ ନୌକା ବିହାର କରିବା ସହ ପ୍ରକୃତିକୁ ଉପଭୋଗ କରିଥିଲେ।



ଆଜି ନୂଆବର୍ଷ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଛୁଟି ଆସିଥିଲେ। ପର୍ଯ୍ୟଟକମାନେ ବନ୍ୟଜନ୍ତୁ ଆକ୍ରମଣରେ ସହିଦ ହୋଇଥିବା ବନକର୍ମଚାରୀଙ୍କ ସହିଦ ସ୍ତମ୍ଭ, ବୋଟ ଲାଇବ୍ରେରୀ, ମ୍ୟୁଜିୟମରେ ଥିବା ଅଲିଭରିଡଲେ କଇଁଛ ଏବଂ ୨୩ଫୁଟରୁ ଉର୍ଦ୍ଧ୍ୱ ଲମ୍ବର ବିରଳ ବଉଳା କୁମ୍ଭୀରର ସ୍କେଲିଟନ, ନୂତନ ଭାବେ ନିର୍ମାଣ କରାଯାଇଥିବା ସ୍କାଏୱାକ, ଭିତରକନିକା ଗାଁ ନିକଟରୁ ଧରା ଯାଇଥିବା ୧୯ଫୁଟ ଲମ୍ବର ଅଜଗର ସାପ ସହିତ କେମିକାଲ ଦିଆଯାଇ କାଚଜାରରେ ସଂରକ୍ଷିତ କରି ରଖାଯାଇଥିବା ଭିତରକନିକାରେ ଦୃଶ୍ୟମାନ ହେଉଥିବା ବିଭିନ୍ନ ଜୀବଜନ୍ତୁ ଓ ସରୀସୃପଙ୍କୁ ଦେଖି ସେମାନଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଏହାସହିତ ବିରଳ ହେନ୍ତାଳବଣ, ମେଟା ନର୍ସରୀ, ସେଲଫି ପଏଂଟ, ପଦ୍ମପୋଖରୀ, ଭିତରକନିକା ଗଛ ମାନଙ୍କରେ ରଙ୍ଗବେରଙ୍ଗର ପକ୍ଷୀ, ନଦୀର ଦୁଇପାର୍ଶ୍ୱରେ ଖରାପୋଉଁଥିବା ବିରାଟକାୟ ବଉଳା କୁମ୍ଭୀର ସହିତ ଜାତୀୟ ଉଦ୍ୟାନର ଆବଦ୍ଧ ପୋଖରୀରେ ଶଙ୍ଖୁଆ କୁମ୍ଭୀର ଗୋରୀ, ମଲ୍ଲି, ଶ୍ୱେତାକୁ ଦେଖି ପର୍ଯ୍ୟଟକମାନେ କ୍ଷଣକପାଇଁ ଆନମନା ହୋଇପଡ଼ିଥିଲେ।

ସେହିପରି ପେଣ୍ଠ ବେଳାଭୂମିରେ ନୂଆବର୍ଷ ପାଳନ ପାଇଁ ଆଜି ପ୍ରତ୍ୟୁଷରୁ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଭିଡ ସଂଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ପର୍ଯ୍ୟଟକମାନେ ସମୁଦ୍ରରେ ଗାଧୋଇବା ସହିତ ଝାଉଁବଣରେ ବଣଭୋଜିର ମଜା ଉଠାଇଥିଲେ। ଶୀତୁଆ ସକାଳ ସାଙ୍ଗକୁ ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ ହଜାର ହଜାର ପର୍ଯ୍ୟଟକମାନଙ୍କୁ ଚନ୍ଦ୍ରଭାଗାର ଭ୍ରମ ସୃଷ୍ଟି କରିଥିଲା।

## ନବବର୍ଷ ତୋରଣ ପୋଡିକୁ ନେଇ ବିବାଦ

# ଥାନାରେ ମାମଲା, ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ



**ଗରଦପୁର, ୧।୧ (ସଂଚାର ବ୍ୟୁରୋ) :** ନବବର୍ଷ ତୋରଣ କୁ ନେଇ ବିବାଦ ଦେଖା ଦେଇଛି। କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇଥିବା ଦେଖିବାକୁ ମିଳିଛି । ପାଟକୁରା ନିର୍ବାଚନ ମଣ୍ଡଳୀ ତଳକୁସୁମା ଗାଁ ଚାରିଛକ ନିକଟରେ ତୋରଣକୁ କେହି ଦୁର୍ବୃତ୍ତ ପେଟ୍ରୋଲ ଢ଼ାଳି ଜାଳି ଦେଇଥିବା ନେଇ ସ୍ଥାନୀୟ କୁଦାନଗରୀ ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ବିଜେପି କର୍ମକର୍ତ୍ତା ଘୋର ମର୍ମାହତ ଥିବାରୁ ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗକାରୀ ଦାବି କରିଛନ୍ତି । କୁଦାନଗରୀ ଥାନା କେସ୍ ନଂ. ୦୧/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରହିଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ କୈଣସି ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ ।ଯାହାଫଳରେ ବିଜେପି କର୍ମିମାନଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଛି। ଏହି ଘଟଣାରେ ପୋଲିସ ଶିଘ୍ର କାର୍ଯ୍ୟନଷ୍ଠାନ ଗ୍ରହଣ ନ କଲେ ଦୁଇ ରାଜନୈତିକ ଦଳ ମଧ୍ୟରେ ଗଣ୍ଡଗୋଳ ତିବ୍ରତର ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ଆଲୋଚନା ଜୋର୍ ଧରିଛି ।

## ଯୋବ୍ରାରେ ଅଘଟଣ : କୁନି ଝିଅ ଓ ବୃଦ୍ଧଙ୍କ ଉପରେ ମାଡିଗଲା ହାଇୱା



**କଟକ,୧।୧(ସଂଚାର ବ୍ୟୁରୋ):** ଯୋବ୍ରା ନିକଟରେ ବାଇକ ଆରୋହୀଙ୍କ ଉପରେ ଚଢ଼ିଗଲା ହାଇୱା । କୁନିଝିଅ ସହ ଜଣେ ବୃଦ୍ଧ ଆହତ । ଚିକିତ୍ସା ପାଇଁ ସେମାନଙ୍କୁ ଏସସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ଘଟାଇଥିବା ଗାଡ଼ିଟିକୁ ଥାନାରେ ଅଟକ ରଖିଛି ପୋଲିସ । ଘଟଣାସ୍ଥଳରେ ଉତେଜନତାମୂଳକ ପରିସ୍ଥିତି ଲାଗିରହିଛି ।

# ଜୈବିକ ଉତ୍ପାଦ, ବିହନ ପାଇଁ ବିକ୍ରି କେନ୍ଦ୍ର ହେଉ ପ୍ୟାକ୍ସ

## ନାସନାଲ କୋପରେଟିଭ ଅର୍ଗାନିକ୍ ଲିମିଟେଡର ସମୀକ୍ଷା ବୈଠକ

**ନୂଆଦିଲ୍ଲୀ,୧।୧(ସଂଚାର ବ୍ୟୁରୋ):** କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ସମବାୟ ମନ୍ତ୍ରଣାଳୟରେ ଜାତୀୟ ସମବାୟ ଜୈବିକ ଲିମିଟେଡର ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ, ସମବାୟ ମନ୍ତ୍ରଣାଳୟର ସଚିବ ଶ୍ରୀ ଆଶିଷ କୁମାର ଭୂଟାନୀ, ସମବାୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ପଙ୍କଜ ବଂଶଲ, ଜାତୀୟ ସମବାୟ ଜୈବିକ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମିନେଶ ଶାହା ଏବଂ ନାବାର୍ଡର ଅଧ୍ୟକ୍ଷ ଶାଜି କେଭି ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଶ୍ରୀ ଅମିତ ଶାହ କହିଥିଲେ ଯେ ଦେଶର ସମସ୍ତ ପ୍ୟାକ୍ସକୁ ଜୈବିକ ମିଶନ ସହିତ ଯୋଡାଯିବା ଉଚିତ ଏବଂ ଜୈବିକ ଉତ୍ପାଦକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଅଭିଯାନ




ଆରମ୍ଭ କରାଯିବା ଉଚିତ। ଜୈବିକ ଉତ୍ପାଦର ଉତ୍ସ ଚିହ୍ନଟ କରିବା ଏବଂ ଜୈବିକ ଉତ୍ପାଦର ଶୁଦ୍ଧତା ସୁନିଶ୍ଚିତ କରିବା ଉପରେ ବିଶେଷ ଧ୍ୟାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅମିତ ଶାହ କହିଛନ୍ତି ଯେ ଏନସିଓଏଲ ଏହାର 'ଭାରତ ଅର୍ଗାନିକ୍ ' ବ୍ରାଣ୍ଡ ଅଧୀନରେ କୃଷକମାନଙ୍କଠାରୁ ଗ୍ରାହକଙ୍କ ପର୍ଯ୍ୟନ୍ତ ପ୍ରାମାଣିକ ଜୈବିକ ଉତ୍ପାଦର ଏକ ଦୃଢ଼ ଯୋଗାଣ ଶୃଙ୍ଖଳା ନିର୍ମାଣ ଉପରେ ଧ୍ୟାନ ଦେବା ଉଚିତ୍। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏନସିଓଏଲ 'ଭାରତ ଅର୍ଗାନିକ୍ ' ଉତ୍ପାଦର ପ୍ରତ୍ୟେକ ବ୍ୟାଚ୍ର ବାଧ୍ୟତାମୂଳକ ପରୀକ୍ଷଣ ସୁନିଶ୍ଚିତ କରିବା ଉଚିତ ଯାହା ଦ୍ୱାରା ଗ୍ରାହକମାନେ ବଜାରରେ ଶୁଦ୍ଧ, ପ୍ରାମାଣିକ ଜୈବିକ ଉତ୍ପାଦ ପାଇପାରିବେ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଅମୁଲ ଡେରି ଏବଂ ଏନଡିଡିବି ଅନୁଷ୍ଠାନ ସହ ଜଡିତ କୃଷକମାନଙ୍କୁ ଜୈବିକ ଚାଷ କରିବାକୁ ପ୍ରୋତ୍ସାହିତ କରାଯିବା ଉଚିତ ବୋଲି ସେ ଉଲ୍ଲେଖ କରିଥିଲେ। ଶ୍ରୀ ଅମିତ ଶାହ କହିଥିଲେ ଯେ କୃଷକମାନଙ୍କୁ ସେମାନଙ୍କ ଜୈବିକ ଉତ୍ପାଦର ଉଚିତ ଏବଂ ଆକର୍ଷଣୀୟ ମୂଲ୍ୟ ମିଳିବା ଉଚିତ ଯାହା ଦ୍ୱାରା ସେମାନଙ୍କୁ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୋତ୍ସାହିତ କରାଯାଇପାରିବ।

## ଟ୍ୱିନ୍ ସିଟି କ୍ରାଇମ୍

### ସାଇକେଲରେ ବୁଲୁଥିଲେ, ସ୍କୁଟିରେ ଆସି ଝାମ୍ପିନେଲେ



**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ବିଶ୍ୱଜିତ ପଢ଼ିହାରି ଙ୍କର ଏତଲା ଆଧାରରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ତା ୩୦ରିଖ ଅପରାହ୍ନ ପ୍ରାୟ ୧.୩୦ ରେ ଅଭିଯୋଗକାରୀ ତାଙ୍କର ବାଇସାଇକଲ ରେ ଆୟୁରବେଦିକ କଲେଜ ରାସ୍ତାରେ ବୁଲୁଥିବା ବେଳେ ଅଭିଯୁକ୍ତ ଓ ତାଙ୍କର ସହଯୋଗୀ ଏକ ସ୍କୁଟି ରେ ଦ୍ରୁତ ବେଗରେ ସମ ହସ୍ପିଟଲ ପାର୍ଶ୍ୱରୁ ଆସିଥିଲେ ଓ ତାଙ୍କର ମୋବାଇଲ ଫୋନ ଛିନତାଇ କରି ନେଇ କଳିଙ୍ଗ ଷ୍ଟୁଡିଓ ପାର୍ଶ୍ୱକୁ ଚାଲି ଯାଇଥିଲେ। ଘଟଣାର ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ସହିତ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ ଜରିଆରେ ଅଭିଯୁକ୍ତ ସୋମନାଥ କୁ ତାରିଣୀ ମାର୍କେଟ ରୁ କାବୁ କରିଥିବା ବେଳେ ଅଭିଯୁକ୍ତ ସହଯୋଗୀ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ । ଯାଞ୍ଚ ବେଳେ ପୁଲିସ ଅଭିଯୁକ୍ତ ଙ୍କ ହେପାଜତରୁ ଏକ ଚୋରୀ ମୋବାଇଲ ଫୋନ ଜବତ କରିଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ତାଙ୍କର ସହଯୋଗୀ ଙ୍କ ସହିତ ମିଳିତ ଭାବରେ ଉପରୋକ୍ତ ଅପରାଧ ଘଟାଇଥିବା ସ୍ୱୀକାର କରିଥିଲେ ।

### ଶୌଚାଳୟରୁ ଫେରିବା ବେଳକୁ ପ୍ୟାଣ୍ଟ ନାହିଁ



**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ଦାମୋଧର ସ୍ୱାଇଁ ଙ୍କର ଏତଲା ଆଧାରରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ତା ୨୮ରିଖ ସନ୍ଧ୍ୟା ୫.୩୦ ରେ ଅଭିଯୋଗକାରୀ ବରମୁଣ୍ଡା ବସ ଷ୍ଟାଣ୍ଡ ଭିତରେ ଥିବା ଶୌଚାଳୟ କୁ ଯାଇଥିବା ବେଳେ ତାଙ୍କର ପ୍ୟାଣ୍ଟ ଟିକୁ ବାହାରେ ରଖ୍ ଦେଇ ଯାଇଥିଲେ । ଅଭିଯୁକ୍ତ ଦୁହେଁ ସୁଯୋଗ ଦେଖି ଅଭିଯୋଗକାରୀଙ୍କର ପ୍ୟାଣ୍ଟ ସହିତ ପକେଟ ରେ ଥିବା ୧୧ହଜାର ଟଙ୍କା, ଡ୍ରାଇଭିଂ ଲାଇସେନ୍ସ ଓ ଆରସି ଚୋରୀ କରି ନେଇ ଯାଇଥିଲେ। ଘଟଣାର ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ସହିତ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବରମୁଣ୍ଡା ବସ ଷ୍ଟାଣ୍ଡ ଭିତରୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ଦୁହେଁ ସେମାନଙ୍କର ଅପରାଧ ସ୍ୱୀକାର କରିଥିବାରୁ ପୁଲିସ ସେମାନଙ୍କର ହେପାଜତରୁ ୨୧୦୬୦/- ଟଙ୍କା ଓ ଦୁଇଟି ଆଧାର କାର୍ଡ ଜବତ କରିଥିଲେ ।

## ବିକଶିତ ଓଡ଼ିଶା ଗଠନରେ ବିଭାଗର କ୍ରିୟାଶୀଳତାକୁ ଗୁରୁତ୍ୱ

### ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ନୂଆବର୍ଷ ଶୁଭେଚ୍ଛା



**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ):** ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ଶ୍ରେଷ୍ଠ ବିଭାଗ ଭାବେ ପରିଣତ କରିବା ପାଇଁ ଅଧିକାରୀ ଓ କର୍ମଚାରୀବୃନ୍ଦ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ବିଭାଗୀୟ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଆହ୍ୱାନ ଜଣାଇଛନ୍ତି । ଆଜି ପୂର୍ବାହ୍ନରେ ବିଭାଗର ଅଧିକାରୀ ତଥା କର୍ମଚାରୀମାନଙ୍କୁ ନୂତନ ବର୍ଷର ଶୁଭକାମନା ଜ୍ଞାପନ କରି ମନ୍ତ୍ରୀ ଡ. ମହାପାତ୍ର ଏହି ମର୍ମରେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ନିର୍ମାଣରେ ବିଭାଗର କ୍ରିୟାଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଖାରବେଳ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଡା. ମହାପାତ୍ର ଇଂରାଜୀ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ । ସରକାର ଗଠନର ଗୋଟିଏ ବର୍ଷ ପୂରଣ ହେଉଥିବା ଦୃଷ୍ଟିରୁ ଚଳିତ ବର୍ଷଟି ଗୁରୁତ୍ୱପୂର୍ଣ୍ଣ ଏବଂ ନିକଟରେ ଅନୁଷ୍ଠିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ସମାରୋହ ମଧ୍ୟ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହେବ ବୋଲି ମନ୍ତ୍ରୀ ଦର୍ଶାଇଥିଲେ । ଏହି ସମାବେଶ ପାଳନର ସଫଳତା ଆମ୍ଭମାନଙ୍କ ପାଇଁ ସମ୍ମାନର କଥା ବୋଲି ଉଲ୍ଲେଖ କରି ମନ୍ତ୍ରୀ କହିଲେ ଯେ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରେ ହୋଇଥିବା ଆୟୋଜନ ଅପେକ୍ଷା ଓଡ଼ିଶାର ଆୟୋଜନ ଯେପରି ସର୍ବୋତ୍କୃଷ୍ଟ ହେବ ଏବଂ ଓଡ଼ିଆ ସ୍ୱାଭିମାନ ତଥା ଅସ୍ମିତାର ପରାକାଷ୍ଠା ପ୍ରଦର୍ଶନ କରିବ, ସେଥି ପାଇଁ ବିଭାଗ ଉଲ୍ଲେଖନୀୟ କାର୍ଯ୍ୟ କରିବା ଉପରେ ସମସ୍ତେ ଧ୍ୟାନ ଦେବେ ବୋଲି ତାଙ୍କର ଆଶା । ରାଜ୍ୟର ଗରିବ ଲୋକମାନଙ୍କ ନ୍ୟାୟୋଚିତ ଅଧିକାର ପୂରଣରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଶକ୍ତ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଡା. ମହାପାତ୍ର ଆଶାପ୍ରକାଶ କରିଥିଲେ । ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ସହିତ ସମସ୍ତଙ୍କୁ ନୂଆବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ । ସେ ବିଭାଗର କାର୍ଯ୍ୟାବଳୀ ଉପରେ ବିସ୍ତୃତ ସୂଚନା ଦେବା ସାଙ୍ଗକୁ ବିକଶିତ ଓଡ଼ିଶା ନିର୍ମାଣରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଦର୍ଶାଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଷ୍ଠାପର ଓ ଶୃଙ୍ଖଳିତ ହୋଇ ମିଶନ୍ ମୋଡ୍‌ରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, ପୌର ନିର୍ଦ୍ଦେଶକ ଶ୍ରୀ ଦେବାଶିଷ ସିଂହଙ୍କ ସମେତ ବିଭାଗର ସମସ୍ତ ବରିଷ୍ଠ ପଦାଧିକାରୀ ଓ କର୍ମଚାରୀବୃନ୍ଦ ସମବେତ ହୋଇଥିଲେ ।

## କାଲି ଡବଲ ଡେକର ବସ୍, ଟ୍ରାଏଲ୍ ରନ୍




**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ):** ଆସନ୍ତାକାଲି ଓଡ଼ିଶାରେ ପହଞ୍ଚିବ ଇଲେକ୍ଟ୍ରିକ ଡବଲ ଡେକର ବସ୍। ଏ ନେଇ ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଦୁଇଟି ଇଲେକ୍ଟ୍ରିକ ଡବଲ ଡେକର ବସ୍ ମୁମ୍ବାଇରୁ ଭୁବନେଶ୍ୱର ଅଭିମୁଖେ ବାହାରି ସାରିଥିବା ବେଳେ ଆସନ୍ତାକାଲି ପହଞ୍ଚିବ ବୋଲି କହିଛନ୍ତି ମନ୍ତ୍ରୀ। ଏହି ଅବସରରେ ସେ କହିଛନ୍ତି, ଆସନ୍ତା ୮ରୁ ୧୦ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଭୁବନେଶ୍ୱରର ଜନତା ମଇଦାନରେ 'ପ୍ରବାସୀ ଭାରତୀୟ ଦିବସ' ସମାରୋହ ପାଳିତ ହେବ। ଉକ୍ତ ସମୟରେ ପ୍ରବାସୀ ଭାରତୀୟଙ୍କ ଉଦ୍ଦେଶ୍ୟରେ ଏହାକୁ ପ୍ରଥମେ ବ୍ୟବହାର କରାଯିବ। ତାହା ପୂର୍ବରୁ ରାଜଧାନୀର ରାଜରାସ୍ତାରେ ଟ୍ରାଏଲ ରନ୍ କରିବ ଡବଲ ଡେକର୍ ବସ୍। ପରେ ସାଧାରଣ ଲୋକଙ୍କ ପାଇଁ ଏହା ବ୍ୟବହୃତ ହେବ। ପ୍ରଥମ ପର୍ଯ୍ୟାୟରୁ ରାଜ୍ୟକୁ ଦୁଇଟି ଡବଲ ଡେକର ବସ୍ ଆସୁଛି। ପରେ ଆଉ ଦୁଇଟି ବସ୍ ଆସିବ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଡବଲ ଡେକର ବସ୍ ଚାଲିବାକୁ ଥିବରୁ ଏହାକୁ ନେଇ ରାଜଧାନୀବାସିନ୍ଦାଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ମୁମ୍ବାଇର ଏକ ସଂସ୍ଥା ଏହି ବସ୍ ତିଆରି କରୁଛି। ପ୍ରଥମ ପର୍ଯ୍ୟାୟରେ ୨ଟି ବସ୍ ଆସୁଛି। ପରବର୍ତ୍ତୀ ସମୟରେ ଆଉ ୨ଟି ବସ୍ ଆସିବ ବୋଲି ଜଣାପଡ଼ିଛି। ଗେରୁଆ ରଙ୍ଗରେ ତିଆରି ହୋଇଥିବା ଏହି ବସ୍‌ରେ ରହିଛି ଓଡ଼ିଶା କଳା ଓ ସଂସ୍କୃତି ଛାପ। ବସ୍‌ରେ କୋଣାର୍କ ଚକ, ଧୌଳି ଶାନ୍ତିସ୍ତୁପ, ଗୋଟିପୁଅ ନୃତ୍ୟ ଓ ଅନ୍ୟାନ୍ୟ କଳାକୃତିର ଛାପ ରହିଛି। ସୂଚନାଯୋଗ୍ୟ, ଆସନ୍ତା ୮ରୁ ୧୦ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଭୁବନେଶ୍ୱରର ଜନତା ମଇଦାନରେ 'ପ୍ରବାସୀ ଭାରତୀୟ ଦିବସ' ସମାରୋହ ପାଳିତ ହେବ ।

## ସଡ଼କ ସୁରକ୍ଷା ମାସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




**ଭୁବନେଶ୍ୱର,୧।୧ (ସଂଚାର ବ୍ୟୁରୋ):** ନୂଆ ବର୍ଷ, ୨୦୨୫ ଜାନୁଆରୀ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ମାସେ ବ୍ୟାପୀ ସଡ଼କ ସୁରକ୍ଷା ମାସ ପାଳନ କରାଯିବା ପରିପ୍ରେକ୍ଷୀରେ ଗତକାଲି ମଙ୍ଗଳବାର ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବା ବେଳେ ଏ ବର୍ଷ ସଚେତନତା ଓ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜ ପଥ ମନ୍ତ୍ରାଳୟ ସବୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ୍ୟ ସଡ଼କ ସୁରକ୍ଷା ମାସ ପାଳନ କରାଯିବା ନିମନ୍ତେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଇଛି। ଅନୁଷ୍ଠିତ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିବା ବେଳେ ଲୋକସେବା ଭବନରେ ରାଜ୍ୟ ପୁଲିସ୍ ମହା ନିର୍ଦ୍ଦେଶକ ଶ୍ରୀ ଓ୍ୱାଇ.ବି. ଖୁରାନିଆଙ୍କ ସମେତ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପରିବହନ କମିଶନର ତଥା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଶ୍ରୀ ଅମିତାଭ ଠାକୁରଙ୍କ ସମେତ ପରିବହନ ବିଭାଗର ଅନ୍ୟ ପଦାଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସଡକ ଦୁର୍ଘଟଣା କମାଇବା ସହିତ ଏବଂ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଦେଖାଯାଇଛି ଯେ, ଗତ ୧୦ ବର୍ଷରେ ସଡ଼କ ଦୁର୍ଘଟଣାରେ ଓଡ଼ିଶାରେ ୪୭, ୦୦୦ ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ପ୍ରତିବର୍ଷ ପାଖାପାଖି ୫ ହଜାର ଜଣଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ଘଟୁଛି। ପୃଥିବୀରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ସଂଖ୍ୟା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟାଠାରୁ ଅଧିକ ବୋଲି ଏକ ସର୍ବେକ୍ଷଣରୁ ଜଣାଯାଇଛି।

## ରମାଦେବୀ ମହୋତ୍ସବ ଲୋଗୋ ଉନ୍ମୋଚନ

**ଭୁବନେଶ୍ୱର,୧।୧ (ସଂଚାର ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ତରଫରୁ ରମାଦେବୀ ମହେତ୍ସବ ପାଇଁ ଏକ ସ୍ୱତନ୍ତ ଲୋଗୋର ଉନ୍ମୋଚନ କୁଳପତି ପ୍ରୋ° ଅପରାଜିତା ଚୋଧୁରୀଙ୍କ ଦ୍ୱାରା ଦେଇ ଯାଇଛି। ମା ରମାଦେବୀଙ୍କର ୧୨୫ ତମ ଜନ୍ମ ଜୟନ୍ତୀ ଓ ରମାଦେବୀ କଲେଜର ହୀରକ ଜୟନ୍ତୀ ଉପଲକ୍ଷେ ଏହି ଲୋଗୋର ଉନ୍ମୋଚନ କରାଯାଇଛି। ପ୍ରତି ବଷର୍ ଏହି ରମାଦେବୀ ମହୋତ୍ସବ ପୁରାତନ ଛାତ୍ରୀ ସଂସଦଙ୍କ ଦ୍ୱାରା ଆୟୋଜିତ ହେବ। ଆଜିର ଏହି ସଭାରେ କୁଳପତି ପ୍ରୋ. ଅପରାଜିତା ଚୋଧୁରୀ, କୁଳ ସଚିବ ଶ୍ରୀମତୀ ଶ୍ୟାମଳୀ ମହାପାତ୍ର ସ୍ନାତକୋତ୍ତର ପୁରାତନ ଛାତ୍ରୀ ସଂସଦର ଉପାଧ୍ୟକ୍ଷ ସୁଶ୍ରୀ ସୁଚିତ୍ରା ସାମଲ ସହ ଉପାଧ୍ୟକ୍ଷ ଶ୍ରୀମତୀ ସ୍ନିଗ୍ଧା ପାଣିଗ୍ରାହୀ ସଂପାଦିକା ଡ. ସ୍ନେହଲତା ଦାସଙ୍କ ସହ ପୁରାତନ ଛାତ୍ରୀ ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା। ମାସରେ ଆୟୋଜିତ ହେବାକୁ ଯାଉଥିବା ରମାଦେବୀ ମହୋତ୍ସବର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଏହି ଲୋଗୋଟିର ବ୍ୟବହାର କରାଯିବ ବୋଲି ପୁରାତନ ଛାତ୍ରୀ ସଂସଦର ସଂପାଦିକା ପ୍ରକାଶ କରିଛନ୍ତି।




## ପତିତ ଉଦ୍ଧାର ସମିତି ଅନ୍ତେବାସୀଙ୍କୁ ଫଳ ଓ କମ୍ବଳ ବଣ୍ଟନ



**ଭୁବନେଶ୍ୱର,୧।୧ (ସଂଚାର ବ୍ୟୁରୋ):** ନୂଆ ବର୍ଷ -୨୦୨୫ ଅବସରରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅନ୍ଧାରୁଆ ସ୍ଥିତ ଓଡ଼ିଶା ପତିତ ଉଦ୍ଧାର ସମିତି ପରିଦର୍ଶନରେ ଯିବା ସହ ଅନ୍ତେବାସୀଙ୍କୁ ଫଳ ଓ କମ୍ବଳ ବଣ୍ଟନ କରିଛନ୍ତି । ଅପରାହ୍ନରେ ମନ୍ତ୍ରୀ ଏଠାକୁ ଯିବା ସହ ଏଠାରେ ରହୁଥିବା ଶାରୀରିକ ଭିନ୍ନକ୍ଷମ ଓ ମାନସିକ ଅନଗ୍ରସର ମାନଙ୍କୁ ସୁବିଧା ଅସୁବିଧା ପଚାରି ବୁଝିବା ସହ ନୂଆ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅନ୍ତେବାସୀ ମାନଙ୍କୁ ଫଳ ଓ କମ୍ବଳବଣ୍ଟନ କରିବା ସହ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ସମାଜରେ ବସବାସ କରୁଥିବା ଏହି ଶ୍ରେଣୀର ଲୋକ ଦୟା କିମ୍ବା ସହନାଭୂତି ନୁହେଁ ବରଂ ସମ୍ମାନର ପାତ୍ର । ଏହି ସମସ୍ତ ବର୍ଗର ଉନ୍ନତି ସାଧିତ ହୋଇ ପାରିଲେ ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ସମ୍ଭବ ହୋଇ ପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଓଡ଼ିଶା ପତିତ ଉଦ୍ଧାର ସମିତିର ପ୍ରତିଷ୍ଠାତା ଶ୍ରୀମତୀ ଅଭାରାଣୀ ଚୌଧୁରୀ ଓ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ମହାକୁମ୍ଭ ପାଇଁ ପ୍ରୟାଗରାଜକୁ ସ୍ୱତନ୍ତ୍ର ଟ୍ରେନ



**ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ):** ପ୍ରୟାଗରାଜରେ ଆରମ୍ଭ ହେବାକୁ ଯାଉଥିବା ମହାକୁମ୍ଭ ମେଳା ପାଇଁ ଓଡ଼ିଶାରୁ ଏବଂ ଓଡ଼ିଶା ଭିତର ଦେଇ ରେଳବାଇ ପକ୍ଷରୁ ଏକାଧିକ ଟ୍ରେନ ବ୍ୟବସ୍ଥା କରାଯାଇଛି। ଜାନୁଆରୀର ଫେବୃଆରୀ ମଧ୍ୟରେ ଏସବୁ ଟ୍ରେନ ଚଳାଚଳ କରିବ। ସୂଚନା ଅନୁଯାୟୀ, ଭୁବନେଶ୍ୱର-ତୁଣ୍ଡଲା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଭାୟା କେନ୍ଦୁଝରଗଡ଼-ବୋକାରୋ-ଗୟା-ପ୍ରୟାଗରାଜକୁ ଚଳାଚଳ କରିବ। ଏହା ଜାନୁୟାରୀ ୧, ୮, ୨୨ ଓ ଫେବୃୟାରୀ ୫, ୧୯, ୨୬ ତାରିଖ ଭୁବନେଶ୍ୱରରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି କେନ୍ଦୁଝରଗଡ଼-ବୋକାରୋ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ। ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ। ପୁରୀ-ତୁଣ୍ଡଲା-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଭାୟା ଭୁବନେଶ୍ୱର-ଭଦ୍ରକ-ଗୟା-ପ୍ରୟାଗରାଜ ଟ୍ରେନ ଜାନୁୟାରୀ ୬ ଓ ୨୦ ଏବଂ ଫେବୃୟାରୀ ୧୭ ତାରିଖରେ ପୁରୀ ଠାରୁ ଦିନ ୧୨ଘ.୩୦ମି.ରେ ଛାଡି ଭୁବନେଶ୍ୱର-ଭଦ୍ରକ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ। ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ। ଟିଟିଲାଗଡ଼-ତୁଣ୍ଡଲା-ଟିଟିଲାଗଡ଼ ସ୍ୱତନ୍ତ୍ର ଟ୍ରେନ୍ ଭାୟା ସମ୍ବଲପୁର-ଝାରସୁଗୁଡା-ଡ଼ିଡ଼ିୟୁ-ପ୍ରୟାଗରାଜ ଟ୍ରେନ୍ ଜାନୁୟାରୀ ୯, ୧୬, ୨୩ ଓ ଫେବୃୟାରୀ ୬, ୨୦, ୨୭ରେ ଟିଟିଲାଗଡ଼ ଠାରୁ ଦିନ ୧୨ଘ.୩୦ମି.ରେ ଛାଡି ସମ୍ବଲପୁର-ଝାରସୁଗୁଡା-ଡ଼ିଡ଼ିୟୁ-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ। ବିଶାଖାପାଟନମ୍-ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ଭାୟା ରାୟଗଡ଼ା-ଟିଟିଲାଗଡ଼-ରାୟପୁର-କାଟନୀ ଟ୍ରେନ୍ ଜାନୁୟାରୀ ୯, ୧୬, ୨୩ ଓ ଫେବୃୟାରୀ ୬, ୨୦, ୨୭ରେ ବିଶାଖାପାଟନମ୍ ଠାରୁ ଅପରାହ୍ନ ୫ଘ.୩୫ମି.ରେ ଛାଡି ରାୟଗଡ଼ା-ଟିଟିଲାଗଡ଼-ରାୟପୁର-କାଟନୀ ମାର୍ଗ ଦେଇ ଡ଼ିଡ଼ିୟୁ ଯାତ୍ରା କରିବ। ବିଶାଖାପାଟନମ୍-ଗୋରଖପୁର-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ଭାୟା ଭୁବନେଶ୍ୱର-ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡା ଟ୍ରେନ୍ ଜାନୁୟାରୀ ୫, ୧୯ ଏବଂ ଫେବୃୟାରୀ ୧୬ରେ ବିଶାଖାପାଟନମ୍ ଠାରୁ ରାତି ୧୦,୨୦ରେ ଛାଡି ଭୁବନେଶ୍ୱର-ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡା ମାର୍ଗ ଦେଇ ଡ଼ିଡ଼ିୟୁ ଯାତ୍ରା କରିବ।

## ସମବାୟ ବ୍ୟାଙ୍କ୍ ୩୮ କୋଟିର ଅନିୟମିତତା

**ଭୁବନେଶ୍ୱର,୧।୧:** ବିଗତ ଦଶ ବର୍ଷ ମଧ୍ୟରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍ ସମେତ ୧୭ଟି ଜିଲ୍ଲା କେନ୍ଦ୍ରୀୟ ସମବାୟ ସମିତିରେ ୩୮ କୋଟି ଟଙ୍କାରୁ ଅଧିକ ଆର୍ଥିକ ଅନିୟମିତତା ହୋଇଥିବାବେଳେ ତିନିଟି ଅର୍ବାନ କୋଅପରେଟିଭ ବ୍ୟାଙ୍କ୍‌ରେ ୧୭କୋଟି ଟଙ୍କାରୁ ଅଧିକ ଆର୍ଥିକ ଅନିୟମିତତା ପରିଲକ୍ଷିତ ହୋଇଛି। ଜିଲ୍ଲା କେନ୍ଦ୍ରୀୟ ସମବ୍ୟାଙ୍କ୍ ମଧ୍ୟରେ ସବୁଠାରୁ ଅଧିକ ୧୦.୭୫ କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଛି ସୁନ୍ଦରଗଡ଼ ଜିଲ୍ଲାରେ। ଏହି ଘଟଣାରେ ଛଅ ଜଣ କର୍ମଚାରୀ ନିଲମ୍ବିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଦୁଇଜଣଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହିତ ସେମାନଙ୍କୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏହା ପଛକୁ ରହିଛି ନୟାଗଡ଼ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍। ଏଠାରେ ୬.୪୨ କୋଟି ଟଙ୍କାର ଅନିୟମିତତା ହୋଇଥିବାବେଳେ ଏହିମାମଲା ପୁରୀ ଡିଆରସିଏସ୍‌ରେ ଚାଲିଛି। ସମ୍ବଲପୁରର କେନ୍ଦ୍ରୀୟ ବ୍ୟାଙ୍କ୍‌ରେ ୬.୬ କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବାବେଳେ ଏଥିରେ ଜଡିତ ଥିବା ୨୪ଜଣ କର୍ମଚାରୀଙ୍କ ବିରୁଦ୍ଧରେ ଭିଜିଲାନ୍ସ ମାମଲା ହୋଇଥିବାବେଳେ ୫ଜଣ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ଆର୍ଥିକ ଅନିୟମିତତାର ପରିମାଣ ୫.୪୯ କୋଟି ଟଙ୍କା। ଏହି ଘଟଣାରେ ଜଡିତ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହିତ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ସେହଭଳି କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍‌ରେ ୩.୬୮ କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିଲା। ଏହି ଘଟଣାରେ ୩ଜଣ କର୍ମଚାରୀ ନିଲମ୍ବିତ ହୋଇଥିବାବେଳେ ସେମାନଙ୍କ ବିରୁଦ୍ଧରେ ଅପରାଧ ଅର୍ଥନୈତିକ ଶାଖାରେ ମାମଲା ରୁଜୁ ହୋଇଛି। ଅନୁଗୁଳ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍‌ରେ ୩କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବାବେଳେ ଏଥିରେ ଜଡିତ ଜଣେ କର୍ମଚାରୀ ନିଲମ୍ବିତ ହୋଇଥିବାବେଳେ ୧୧ଜଣଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସମେତ ଅର୍ଥନୈତିକ ଅପରାଧିକ ଶାଖାରେ ମାମଲା ରୁଜୁ ସହିତ ଡିଆରସିଏସ ଅଦାଲତରେ ମାମଲା ଚାଲିଛି। ଅନ୍ୟ ସମସ୍ତ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍‌ରେ ହୋଇଥିବା ଆର୍ଥିକ ଅନିୟମିତତାର ପରିମାଣ ଏକ କୋଟି ଟଙ୍କାରୁ କମ୍ ରହିଛି। ଅନ୍ୟ ପକ୍ଷରେ ରାଜ୍ୟର ତିନିଟି ଅର୍ବାନ କୋଅପରେଟିଭ ବ୍ୟାଙ୍କ୍‌ରେ ୧୭ କୋଟି ଟଙ୍କାରୁ ଅଧିକ ପରିମାଣର ଆର୍ଥିକ ଅନିୟମିତତା ହୋଇଛି। ଏଥିରେ ସର୍ବାଧିକ ୧୨.୨୨ କୋଟି ଟଙ୍କାର ଅନିୟମିତତା ହୋଇଛି ରାଉରକେଲା ଅର୍ବାନ କୋଅପରେଟିଭ ବ୍ୟାଙ୍କ୍‌ରେ। ଏହି ଘଟଣାରେ ବ୍ୟାଙ୍କ୍ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସେହିଭଳି କଟକ ଅର୍ବାନ କୋଅପରେଟିଭ ବ୍ୟାଙ୍କ୍ ରେ ୪.୭ କୋଟି ଟଙ୍କାର ଅନିୟମିତତା ହୋଇଥିବାବେଳେ ଏହି ଘଟଣାରେ ୧୦ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି। ପାରଳାଖେମୁଣ୍ଡି ଅର୍ବାନ କୋଅପରେଟିଭ ବ୍ୟାଙ୍କ୍‌ରେ ୯୧ଲକ୍ଷ ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବାବେଳେ ଏହି ଘଟଣାରେ ଗୋଟି ଜାଲ୍ କମ୍ପାନୀ ବିରୁଦ୍ଧରେ ମାମଲା ରୁଜୁ ହୋଇଥିବାବେଳେ ବ୍ୟାଙ୍କ୍‌ର ପୂର୍ବତନ ସମ୍ପାଦକଙ୍କୁ ନିଲମ୍ବିତ କରାଯିବା ସହିତ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚଳାଯାଇଛି। (ତଥ୍ୟ)

## ମହିଳା ଓ ଶିଶୁଙ୍କୁ ପ୍ରୋଟିନଯୁକ୍ତ ଖାଦ୍ୟ ଓ ସାନିଟାରୀ କିଟ ବଣ୍ଟନ



**ଟାଙ୍ଗୀ-ଚୌଦ୍ୱାର, ୧।୧ (ସଂଚାର ବ୍ୟୁରୋ):** ରୋଟାରୀ କ୍ଲବ୍ କଟକ ଅଭିନବ ଏବଂ କୁଜିବର ଆରସିସି ତରଫରୁ ମହିଳା ଓ ଶିଶୁ ମାନଙ୍କୁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଓ ହାଇଜେନିକ କିଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କୁଜିବରସ୍ଥିତ ନେତାଜୀ ପାଠାଗାରରେ ଆୟୋଜିତ ଏହି କାର୍ଯ୍ରକ୍ରମରେ ରୋଟାରିଆନ୍ ସୁଧାଂଶୁ ଶେଖର ଜେନା, ପ୍ରିୟାଂଶୁ ସାମନ୍ତରାୟ, କମଳ ଜେନା, ଉମେଶ ଚନ୍ଦ୍ର ସାହାଣୀ, ସତ୍ୟଭାମା ମହାରଣା ପ୍ରମୁଖ ଯୋଗଦେଇ ଅଞ୍ଚଳର ପ୍ରସୂତି ଓ ଗର୍ଭବତୀ ମହିଳା ଏବଂ ଶିଶୁ ମାନଙ୍କ ପାଇଁ ପ୍ରୋଟିନ୍‌ଯୁକ୍ତ ଡବା ଖାଦ୍ୟ, ସାନିଟାରୀ ନେପକିନ୍ ଆଦି ସହିତ ହାଇଜେନିକ୍ କିଟ ବିତରଣ କରିଥିଲେ। ବାସୁଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।କ୍ଲବ୍ ତରଫରୁ ଅନୁରୂପ ଭାବେ ଚୌଦ୍ୱାର ପୌରପାଳିକା ୧, ୨, ୩, ୪ ଓ ୫ନମ୍ବର ୱାର୍ଡ଼ରେ ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଓ ହାଇଜେନିକ କିଟ ବଣ୍ଟନ କରାଯାଥିଲା।ଆରସିସି ବିବେକାନନ୍ଦର ସଭାପତି ମାନସ କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର କର୍ମକର୍ତ୍ତା ମାନେ ଯୋଗଦେଇ ଅଞ୍ଚଳର ମହିଳା ମାନଙ୍କୁ ସୁଷମ ଖାଦ୍ୟ ଏବଂ ହାଇଜେନିକ୍ କିଟ ବଣ୍ଟନ କରିଥିଲେ। ଭାରତୀ ନାୟକ, ପ୍ରଭାସ ଚୌଧୁରୀ, ଅକ୍ଷୟ ନାୟକ, ରାଜେଶ ଓଝା, ସୌମ୍ୟ ରଞ୍ଜନ ନାୟକ, ଆଶାକର୍ମୀ ଲାବଣ୍ୟବତୀ ସାମଲ, ଚଞ୍ଚଳା ଦେଉରୀ ପ୍ରମୁଖ ସହଯୋଗ କରିଥିଲେ।

জীবন অমৃত অনুচিন্তা

সত্যর বিজয়- সত্যর পরাজয় অসম্ভব। সূর্য্য রশ্মীকু যেপরি মেঘ অধিক সময় ঢাঙ্কিপারে নাহিঁ, ঠিক সেহিপরি সত্যকু মিথ্যা অধিক দিন ঢাঙ্কিপারিব নাহিঁ। আজি নহেলে কালি সত্যর বিজয় অবশ্যম্ভাবী।

SANCHAR
ସଂଚାର

୪
ଗୁରୁବାର ୨ ଜାନୁଆରୀ ୨୦୨୫, ଭୁବନେଶ୍ୱର
Thursday 2 January 2025 Bhubaneswar

# ନିରାଧାର ଅଭିଯୋଗ

ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ଯେ, ଲୋକସଭା ନିର୍ବାଚନ ପରେ ମହାରାଷ୍ଟ୍ରରେ ଭୋଟର ତାଲିକାରେ ମତଦାତାଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ୧୧୮ଟି ବିଧାନସଭା କ୍ଷେତ୍ରରେ ମାତ୍ର ୫ ମାସରେ ୭୨ ଲକ୍ଷ ନୂଆ ଭୋଟର ସାମିଲ ହୋଇଛି। ସେଥିରୁ ୧୦୨ଟି ଆସନରେ ବିଜେପି ଜିତିଛି। ଏହାକୁ ଏକ ଅନିୟମିତତା ବୋଲି କହି ରାହୁଲ ଏଥିପାଇଁ ନିର୍ବାଚନ କମିଶନଙ୍କୁ ଦାୟୀ କରିଛନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ହାସ୍ୟାସ୍ପଦ। ହରିୟାନା ପରେ ମହାରାଷ୍ଟ୍ର ଭଳି ଏକ ବଡ଼ ରାଜ୍ୟରେ ପରାଜୟକୁ କଂଗ୍ରେସ ସହଜରେ ହଜମ କରିପାରୁନାହିଁ। ଏଥିପାଇଁ କଂଗ୍ରେସ ଇଭିଏମକୁ ଦାୟୀ କରି ନିଜ ଲଜ୍ଜା ନିବାରଣ ନିମନ୍ତେ ଉଦ୍ୟମ କରୁଛି। ପ୍ରତି ନିର୍ବାଚନରେ ଏଭଳି ପରାଜୟ ପରେ କଂଗ୍ରେସ ଏହାର ସହଯୋଗୀ ଦଳମାନେ ସବୁ ବେଳେ ଏଭଳି ବାହାନା କରନ୍ତି। ବିଜେପି ନିକଟରୁ ପରାଜୟକୁ ସେମାନେ ବରଦାସ୍ତ କରିପାରୁନାହାଁନ୍ତି। ତାମିଲନାଡୁ ଏବଂ କେରଳରେ ବିଜେପିର ସ୍ଥିତି ଦୁର୍ବଳ ଏବଂ ଏହା ରେସରେ ନାହିଁ। ତେଣୁ ସେଠାରେ ଯିଏ ଜିତିଲେ କି ହାରିଲେ କେହି ଇଭିଏମର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଉ ନାହାଁନ୍ତି। ମହାରାଷ୍ଟ୍ର ପରାଜୟ ପରେ କଂଗ୍ରେସ ଓ ଏହାର ସହଯୋଗୀ ଦଳ ଗୁଡ଼ିକ ଦେଶବ୍ୟାପୀ ଇଭିଏମ ହଟାଅ ଅଭିଯାନ ଆରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି। ଏହାକୁ କହନ୍ତି ଔଷଦ ବିକଳରେ ତାଟିଆ କାମୁଡ଼ିବା। ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନରେ ବିଜେପି ବା ଏନଡିଏର ପ୍ରଦର୍ଶନ ଖରାପ ହୋଇଥିଲା। ସେତେବେଳେ ଇଭିଏମ ଠିକ ଥିଲା। ଏବେ ବିଧାନସଭା ନିର୍ବାଚନରେ ଇଭିଏମ ଖଳନାୟକ ଭୂମିକା ନେଲା। ଭାରତରେ ଅନେକ ବର୍ଷ ହେବ ବାଲଟ ପେପର ପରିବର୍ତ୍ତେ ନିର୍ବାଚନରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନ (ଇଭିଏମ) ବ୍ୟବହାର ହୋଇଆସୁଛି। ଏହା ଦ୍ୱାରା ମତଦାନ ତ୍ୱରିତ ହୋଇପାରୁଛି, କାହାର ଭୋଟ ଖଣ୍ଡେ ନାକଚ ହେଉନି, ଗଣତି ପ୍ରକ୍ରିୟା ମଧ୍ୟ ଶୀଘ୍ର ଶେଷ ହେଉଛି। ଅତୀତରେ ଅନେକ ଥର ଏଭଳି ଦେଖାଯାଇଛି ଯେ, ଜୟ-ପରାଜୟର ବ୍ୟବଧାନଠାରୁ ନାକଚ ଭୋଟ ସଂଖ୍ୟା ଅଧିକ ରହୁଛି। ଏସବୁ ଭୋଟ ନାକଚ ନହୋଇଥିଲେ ହୁଏତ ପରିଣାମ ଭିନ୍ନ ହୋଇଥାଆନ୍ତା। ଇଭିଏମ ବ୍ୟବହାର ଯୋଗୁଁ ଗଣତିରେ କିଛି ଭୁଲ ଭଟକା ରହୁନି। ପୂର୍ବରୁ କାଗଜ ଖଣ୍ଡ ଖଣ୍ଡ କରି ଏକାଠି କରି ବିଡ଼ା ବନ୍ଧା ଯାଉଥିଲା ଏବଂ ଏହାକୁ ଗଣତି କରାଯାଉଥିଲା। ଏବେ ମେସିନ ସୁଇଚ ଟିପିଲେ କାହାକୁ କେତେ ଭୋଟ ମିଳିଛି ତାହା ମୁହୂର୍ତ୍ତକ ମଧ୍ୟରେ ସ୍ପଷ୍ଟ ହୋଇଯାଉଛି। ପୂର୍ବରୁ ଭୋଟ ଗଣତି ପାଇଁ ଦୁଇଦିନ ଲାଗିଯାଉଥିଲା। ଏବେ ଭୋଟ ଗଣତି ଦିନ ସବୁ ଆସନର ଫଳାଫଳ ପ୍ରକାଶ ପାଇଯାଉଛି। ଇଭିଏମ ବ୍ୟବହାରକୁ ମୂଳରୁ ସମସ୍ତେ ସ୍ୱାଗତ କରୁଥିଲେ। କିନ୍ତୁ ୨୦୧୪ରେ ଯେବେଠାରୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ବିଜେପି କ୍ଷମତାସୀନ ହୋଇଛି, ସେବେଠାରୁ ଇଭିଏମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହା କଳନାୟକ ସାଜିଛି। ଯେତେବେଳେ ଯେଉଁ ଦଳ ନିର୍ବାଚନରେ ପରାଜିତ ହେଉଛି, ସେତେବେଳେ ସେହି ଦଳ ପରାଜ୍ର ନିମନ୍ତେ ଇଭିଏମକୁ ଦାୟୀ କରୁଛି। ଯେଉଁ ଦଳ ଇଭିଏମ ଟାମ୍ପରିଂ ଅଭିଯୋଗ କରୁଛନ୍ତି, ସେହି ଦଳ ଯେତେବେଳେ ନିର୍ବାଚନରେ ଜିତୁଛି ସେତେବେଳେ ଇଭିଏମ ଉପରେ ପ୍ରଶ୍ନବାଚୀ ଉଠାଉନି। ଉଦାହରଣ ସ୍ୱରୂପ ଆମ ଆଦମୀ ପାର୍ଟୀ ସବୁ ବେଳେ ଇଭିଏମ ଟାମ୍ପରିଂ ଅଭିଯୋଗ ଉଠାଉଛି। କିନ୍ତୁ ଏହି ଦଳ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବାରମ୍ବାର ବିଜୟ ହାସଲ କରି କ୍ଷମତା ଦଖଲ କରିଛି। ପଞ୍ଜାବରେ ମଧ୍ୟ ଏହା କ୍ଷମତାସୀନ ରହିଛି। କଂଗ୍ରେସ ହରିୟାନାରେ ଇଭିଏମ ଟାମ୍ପରିଂ ଅଭିଯୋଗ ଆଣିଛି। କିନ୍ତୁ ଏହି ଦଳ ଝାଡ଼ଖଣ୍ଡ, କର୍ଣ୍ଣାଟକ, ତେଲେଙ୍ଗାନା, ହିମାଚଳ ପ୍ରଦେଶରେ ବିଜୟ ହାସଲ କରି କ୍ଷମତାସୀନ ରହିଛି। ଏବେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧିନ ମହାଯୁତିର ବିପୁଳ ବିଜୟ ପରେ କଂଗ୍ରେସ ଓ ଶିବସେନା(ଉଦ୍ଧବ)ର କିଛି ନେତା ନିର୍ବାଚନ ଫଳାଫଳ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଇଭିଏମ ଟାମ୍ପରିଂ ଏବଂ ନିର୍ବାଚନରେ ପୁନର୍ବାର ବାଲଟ ପେପର ବ୍ୟବହାର ଦାବି କରି ସୁପ୍ରିମକୋର୍ଟରେ ଅନେକ ଥର ପିଟିସନ ଦାଖଲ ହୋଇଛି। ଏହାକୁ ସୁପ୍ରିମକୋର୍ଟ ନିୟମିତ ଖାରଜ କରି ଚାଲିଛନ୍ତି। ଇଭିଏମ ଟାମ୍ପରିଂ ଅସମ୍ଭବ ବୋଲି ଭାରତର ନିର୍ବାଚନ କମିଶନର ବାରମ୍ବାର କହିଛନ୍ତି। ଇଭିଏମ ଟାମ୍ପରିଂ ଅଭିଯୋଗକୁ ପ୍ରମାଣିତ କରି ଦେଖାଇବା ନିମନ୍ତେ ନିର୍ବାଚନ କମିଶନ ଆହ୍ୱାନ କରିଛନ୍ତି। କିନ୍ତୁ ଏହା ବିଫଳ ହୋଇଛି। ତଥାପି କିଛି ଲୋକଙ୍କ ମନରେ ଇଭିଏମକୁ ନେଇ ସନ୍ଦେହ ଦୂର ହୋଇନି। ଇଭିଏମ ଟାମ୍ପରିଂ ସନ୍ଦେହକୁ ଦୂର କରିବା ନିମନ୍ତେ ଏବେ ଭିଭିପାଟ ବ୍ୟବସ୍ଥା ହୋଇଛି। ଜଣେ ଭୋଟର ଯାହାକୁ ଭୋଟ ଦେଲେ ତାଙ୍କ ଭୋଟ ସେହିଦଳ ବା ପ୍ରାର୍ଥୀଙ୍କ ସପକ୍ଷରେ ଯାଉଛି ବୋଲି ଭିଭିପାଟରୁ ପ୍ରମାଣିତ ହେଉଛି। ଭୋଟ ଗଣତି ବେଳେ କିଛି ବୁଥର ଇଭିଏମ ଏବଂ ଭିଭିପାଟରୁ ମିଳିଥିବା ଭୋଟକୁ ମିଳାଯାଉଛି। ତଥାପି ସନ୍ଦେହ ଦୂର ହେଉନି। ଆବଶ୍ୟକ ପଡ଼ିଲେ ଇଭିଏମ ପ୍ରକ୍ରିୟାରେ ଆହୁରି ଅନେକ ସଂସ୍କାର ଅଣାଯାଇପାରିବ ଏବଂ ଏହାକୁ ଶତ ପ୍ରତିଶତ ସନ୍ଦେହମୁକ୍ତ କରାଯାଇପାରିବ। କିଛି ଅଭିଯୋଗକାରୀ ଦର୍ଶାଉଛନ୍ତି ଯେ, ଇଭିଏମରେ ଟାମ୍ପରିଂ ଆଶଙ୍କାକୁ ଦୃଷ୍ଟିରେ ରଖି କେତେକ ଦେଶରେ ପୁନର୍ବାର ବାଲଟ ପେପର ବ୍ୟବସ୍ଥା କାର୍ଯ୍ୟକାରୀ ହେଲାଣି। କିନ୍ତୁ ଭାରତ ଏବଂ ବିଶ୍ୱର ଅନ୍ୟ ଦେଶ ମଧ୍ୟରେ ଅନେକ ତଫାତ ରହିଛି। ଭାରତର ବିଶାଳ ଜନସଂଖ୍ୟା ଦୃଷ୍ଟିରୁ ଲକ୍ଷ ଲକ୍ଷ ବୁଥରେ ବାଲଟ ପେପର ବ୍ୟବହାର ଏବଂ ଏହାର ଗଣତି ଅତି କଷ୍ଟସାଧ୍ୟ। ବାଲଟ ପେପର ବ୍ୟବହାର ଦ୍ୱାରା ଜାଲିଆତିର ଅଧିକ ଆଶଙ୍କା ରହିଥାଏ। ଏଥିରେ ଅଧିକ ମାନବ ସମ୍ବଳର ଆବଶ୍ୟକତା ରହିଛି, ଅଧିକ ସମୟ ସାପେକ୍ଷ। ତେଣୁ ବାଲଟ ପେପରରେ ଭୋଟ ଗ୍ରହଣ ଯୁକ୍ତି ଏବେ ଗ୍ରହଣୀୟ ମନେ ହେଉନି। ଦିଲ୍ଲୀ, କୋଲକାତା, ମୁମ୍ବାଇ ଭଳି ମହାନଗରୀର ଜନସଂଖ୍ୟା ଯାହା ୟୁରୋପର ଅଧିକାଂଶ ଦେଶର ଜନସଂଖ୍ୟା ତାହାଠାରୁ କମ। ତେଣୁ ସେଠାରେ କ'ଣ ହେଉଛି ତାହା ଭାରତ ପାଇଁ ଗ୍ରହଣୀୟ ନହୋଇପାରେ। ଇଭିଏମ ପରିବର୍ତ୍ତେ ନିର୍ବାଚନରେ ପୁନର୍ବାର ବାଲଟ ପେପର ବ୍ୟବହାର ଦାବି କରି ଏକ ପିଟିସନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରି କହିଛନ୍ତି ଯେ, ଯେତେବେଳେ ନିର୍ବାଚନରେ ଜିତୁଛ, ସେତେବେଳେ ଇଭିଏମ ଟାମ୍ପରିଂ ହେଉନି, ଯେତେବେଳେ ପରାଜିତ ହେଉଛ, ସେତେବେଳେ ଇଭିଏମ ଉପରେ ସବୁ ଦୋଷ ଲଦି ଦିଆଯାଉଛି। ଏହା ଗ୍ରହଣୀୟ ନୁହେଁ। ଅତୀତରେ ଓଡ଼ିଶାରେ ବିଜେପି ମଧ୍ୟ ଜନାଦେଶକୁ ଯନ୍ତ୍ରାଦେଶ ବୋଲି କହୁଥିଲା। ଏବେ ସେହି ଦଳ ପୁଣି କିପରି ନିର୍ବାଚନରେ ବିଜୟୀ ହୋଇ କ୍ଷମତା ଦଖଲ କରିଛି? ପଶ୍ଚିମବଙ୍ଗରେ ମମତା ବାନାର୍ଜୀ କ୍ରମାଗତ ଭାବେ ନିର୍ବାଚନରେ ବିଜୟ ହାସଲ କରୁଛି। ସେଠାରେ କେନ୍ଦ୍ର ସରକାର କାହିଁକି ଇଭିଏମ ଟାମ୍ପରିଂ କରିପାରୁ ନାହାଁନ୍ତି। ଏକଦା ୟୁପିରେ ଅଖିଳେଶ ଯାଦଦବ କ୍ଷମତାସୀନ ଥିଲେ। ସେତେବେଳେ ନିର୍ବାଚନରେ ବିଜେପି ବିଜୟୀ ହେଲା। ସେତେବେଳେ ଅଖିଳେଶ ସରକାର କାହିଁକି ଇଭିଏମ ଟାମ୍ପରିଂ କରିପାରିଲେ ନାହିଁ। କାରଣ ରାଜ୍ୟ ପ୍ରଶାସନ ସବୁ ବେଳେ ରାଜ୍ୟରେ କ୍ଷମତାସୀନ ଦଳ ହାତରେ ରହିଥାଏ। ଅତୀତରେ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡ଼ୁଇଭିଏମ ଟାମ୍ପରିଂ ଅଭିଯୋଗ ଉଠାଇଥିଲେ। ଏବେ ସେହି ଦଳ ରାଜ୍ୟରେ ନିର୍ବାଚନ ଜିତି କ୍ଷମତାସୀନ ହୋଇଛି। ଦକ୍ଷିଣ ଭାରତର କେବଳ ଆନ୍ଧ୍ରକୁ ବାଦ ଦେଲେ ବାକି ସବୁ ରାଜ୍ୟରେ ଅଣ ଏନଡିଏ ମେଣ୍ଟ କ୍ଷମତାସୀନ ରହିଛି। ଦକ୍ଷିଣ ଭାରତରେ କାହିଁକି ଇଭିଏମ ଟାମ୍ପରିଂ ହୋଇପାରୁନି? ଏବେ ଏହି ପ୍ରସଙ୍ଗରେ ବିତର୍କର ଅନ୍ତ ହେବା ଉଚିତ। କିନ୍ତୁ ଇଭିଏମକୁ ଶତ ପ୍ରତିଶତ ସନ୍ଦେହମୁକ୍ତ କରିବା ନିମନ୍ତେ ସବୁ ପ୍ରୟାସ କରାଯିବା ଉଚିତ। ଇଭିଏମକୁ ବ୍ୟବହାରକୁ ଆହୁରି ସ୍ୱଚ୍ଛ ଏବଂ ସନ୍ଦେହମୁକ୍ତ କରିବା ନିମନ୍ତେ କ'ଣ କରାଯାଇପାରିବ ସେଥିଲାଗି ଏକ ଏକ୍ସପର୍ଟ କମିଟି ଗଠିତ ହେବା ଉଚିତ। କମିଟିର ସୁପାରିସ ଆଧାରରେ ପଦକ୍ଷେପ ନିଆଯିବା ଉଚିତ। ଏ ପ୍ରକାର ଡ୍ରାମାବାଜି ବନ୍ଦ ହେବା ଉଚିତ। ଆଉ ପଛକୁ ଫେରିବା ଉଚିତ ନୁହେଁ। ଆଇଟି ଯୁଗରେ ପୁଣି କାଗଜ ବ୍ୟବହାର ହାସ୍ୟାସ୍ପଦ।

# ଶିକ୍ଷାରେ ସ୍ୱଚ୍ଛତା ଓ ସଂସ୍କାର



**ମନୋରଞ୍ଜନ ମହାନ୍ତି**

ଏବେ ଯେଉଁ ଦୁଇଟି ଶବ୍ଦ ବେଶି ଶୁଣାଯାଉଛି, ସରକାରୀ ବେସରକାରୀ ଦପ୍ତରରେ ବୋର୍ଡ଼ରେ ଲେଖାଯାଇଛି, ସେଗୁଡ଼ିକ ହେଲା ଟ୍ରାନ୍ସପ୍ୟାରେନ୍ସି (ସ୍ୱଚ୍ଛତା) ଆଉ ଟ୍ରାନ୍ସଫର୍ମେସନ୍ (ରୂପାନ୍ତର), ଯାହା ଆମ ରାଷ୍ଟ୍ରୀୟ ସଂସ୍କୃତିର ଦୁଇଟି ପ୍ରମୁଖ ଅଙ୍ଗ। ବ୍ୟକ୍ତିର ଜୀବନଧାରା ସ୍ୱଚ୍ଛ ହେଲେ, ବ୍ୟକ୍ତି ସ୍ୱୟଂ ରୂପାନ୍ତରିତ ଅର୍ଥାତ୍ ସଂସ୍କାରିତ ହେଲେ ଆମର ଅନୁଷ୍ଠାନ, ସଙ୍ଗଠନ ସର୍ବୋପରି ସମଗ୍ର ସମାଜର ସ୍ୱଚ୍ଛତା ଓ ରୂପାନ୍ତର ପ୍ରକ୍ରିୟାରେ ସହାୟକ ହୋଇପାରିବ। ରୂପାନ୍ତରିତ ହେଲା ପରେ ଯାଇ ମହର୍ଷି ବାଲ୍ମୀକି, ସନ୍ଥ ତୁଳସୀ, କୃଷ୍ଣଭକ୍ତ ବିଲ୍ୱମଙ୍ଗଳ ଲେଖିଥିଲେ 'ରାମାୟଣ', 'ଶ୍ରୀରାମଚରିତ ମାନସ', 'କୃଷ୍ଣ କର୍ଣ୍ଣାମୃତମ୍' ଭଳି କାଳଜୟୀ ଗ୍ରନ୍ଥ। ଆମ ରାଷ୍ଟ୍ରୀୟ ବିଚାରରେ ସ୍ୱଚ୍ଛତା ଆଉ ସଂସ୍କାର ପ୍ରତ୍ୟେକ ବ୍ୟକ୍ତି-ଜୀବନର ସର୍ବାଗ୍ରଗଣ୍ୟ ଆବଶ୍ୟକତା।

ଏବେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ନୂଆନୂଆ ଶୈଳୀରେ କୋଠା ତିଆରି ହେଉଛି। ଆକର୍ଷଣୀୟ ରଙ୍ଗର ପ୍ରଲେପ। କୋଠରି ଚଟାଣ, କାନ୍ଥରେ ଟାଇଲ୍ ଖଂଜା ହୋଇଛି। ମାଲମାଲ କମ୍ପ୍ୟୁଟର୍, ସୁନ୍ଦର ଆରାମଦାୟକ ବେଞ୍ଚ୍, ଡେସ୍କ୍, ଚେୟାର୍, ଲାଇବ୍ରେରୀ, ଲାବେରୋଟୋରୀ ଇତ୍ୟାଦିରେ ଅତ୍ୟାଧୁନିକ ଟେକ୍ନୋଲୋଜିର ଚୁମ୍ବକୀୟ ସ୍ପର୍ଶ। ଗେଟ୍, ଗାର୍ଡେନ୍, ପ୍ଲେ ଫିଲ୍ଡ ସବୁଠି ଚିତ୍ତାକର୍ଷକ ଆୟୋଜନ। ପାଚେରି କାନ୍ଥରେ ମନୋମୁଗ୍ଧକର ଶିକ୍ଷଣୀୟ ଚିତ୍ରପନ୍ତି। ଆଖିଝଲ୍‌ସା କ୍ଲାସ୍‌ରୁମ୍‌ଗୁଡ଼ାକୁ ସ୍ମାର୍ଟ୍ ବୋଲି କୁହାଯାଉଛି। କିନ୍ତୁ ଅନେକ ସ୍ଥଳରେ ଅର୍ଥର ଅପବ୍ୟବହାରେ ସମ୍ପୃକ୍ତ କିଛି ଲୋକଙ୍କ ଅସ୍ୱଚ୍ଛତା ଓ ସଂସ୍କାରହୀନତାର ସୂଚନା ଦେଉଛି। ବାହାରକୁ ବେଶ୍ ଚିକ୍କଣ, ଚଟୁଳ ଦୃଶ୍ୟ ହେଉଥିବା କିଛି ଶିକ୍ଷାନୁଷ୍ଠାନ ଭିତରେ ର୍‌ଗିଂ ଚାଲିଛି, ଦଳେ ଛାତ୍ର ର୍‌ଗିଂ କରୁଛନ୍ତି, ଆଉ ଦଳେ ର୍‌ଗିଂ ଅର୍ଥାତ୍ ଶାରୀରିକ ମାନସିକ କ୍ଲେଶର ଶିକାର ହେଉଛନ୍ତି। ଦଳେ ଆଉ ଦଳେଙ୍କ ପାଠପଢ଼ାରେ ବାଧା ଦେଉଛନ୍ତି, ତୁଚ୍ଛ ତାଚ୍ଛଲ୍ୟ କରି କଥା କହୁଛନ୍ତି। ଅନୁଷ୍ଠାନ ସହିତ ସମ୍ପୃକ୍ତ ଓ କଳା, ବିଜ୍ଞାନ, ବାଣିଜ୍ୟରେ ସ୍ନାତକୋତ୍ତର, ଏମ୍.ଫିଲ୍, ପି.ଏଚ୍.ଡି, ଡି.ଲିଟ୍. ଡି.ଏସ୍.ସି ଡିଗ୍ରୀଧାରୀ କେତେକ ଶିକ୍ଷକ ଖୁବ୍ ହାଲ୍କା ଭାବରେ କହୁଛନ୍ତି ଅନୁଷ୍ଠାନରେ ର୍‌ଗିଂ ହେଉଛି ବୋଲି ସେମାନେ ଜାଣିନାହାନ୍ତି, ତେବେ ତଦନ୍ତ ଚାଲିଛି। ଏଥିରୁ ଜଣାଯାଉଛି ଆମର ଅଧିକାଂଶ ଶିକ୍ଷାନୁଷ୍ଠାନକୁ ଅସ୍ୱଚ୍ଛତା, ସଂସ୍କାରହୀନତା ଗ୍ରାସିଯାଉଛି।

ପୋଲିଂବୁଥ୍‌କୁ ଜବରଦଖଲ କରି କିଛି ରାଜନେତା ନିର୍ବାଚନ ଜିତନ୍ତି। ରାଜ୍ୟ ଓ ରାଷ୍ଟ୍ରସ୍ତରୀୟ କିଛି ସିଭିଲ୍ ସର୍ଭାଣ୍ଟ ଯେଉଁମାନଙ୍କୁ ଆମେ ସମାଜର କ୍ରିମ୍ କହୁ ସେମାନେ ଫିଲ୍ମ ଷ୍ଟାଇଲ୍‌ରେ ଦେଶସେବାର ମିଛିମିଛିକା ଅଭିନୟ କରି ଆତ୍ମସେବା ଅର୍ଥାତ୍ ନିଜ ସ୍ୱାର୍ଥସାଧନର ଡ୍ରିମ୍ ଦେଖନ୍ତି। ଠିକ୍ ସେହିପରି କିଛି ମଣିଷ ଉଚ୍ଚଉଚ୍ଚ ଡିଗ୍ରୀର ଶିଖରରେ ପହଞ୍ଚି ଶିକ୍ଷକ ହୁଅନ୍ତି, କିନ୍ତୁ ସେମାନଙ୍କ ମନଟା ଶିକ୍ଷାଦାନରେ ଆଦୌ ନଥାଏ। ଶିକ୍ଷାଳୟର କୋଠାଗୁଡ଼ାକ ଉପରେ ଶିକ୍ଷାର ନେତଟା ଉଡୁଥାଏ, କିନ୍ତୁ ଭିତରେ ଶିକ୍ଷା ନଥାଏ, ଶିକ୍ଷକ ବେତନମନସ୍କ ଓ ଛାତ୍ର ଶାଠମନସ୍କ ହୋଇ ରହିଥାଆନ୍ତି। ଏମାନେ କୌଣସି ଶୈକ୍ଷିକ ରୂପାନ୍ତର ପ୍ରକ୍ରିୟାରେ ଆଦୌ ସହାୟକ ହୋଇପାରନ୍ତି ନାହିଁ। ଯେଉଁଠି ଶିକ୍ଷକ ନିଜକୁ ବେତନଭୋଗୀ କର୍ମଚାରୀ, ଛାତ୍ର ନିଜକୁ ରାଜନୀତି ପଥଚାରୀ ଭାବନ୍ତି, ସେଠି ର୍‌ଗିଂ-ରୋଗ ପାଇଁ ରାଶିରାଶି ଆଇନ୍‌ର ସର୍ଜରୀ ଆଦୌ ଫଳପ୍ରଦ ହେବ ନାହିଁ। କାରଣ 'ଜନମଙ୍ଗଳ କୋଠା'ର ବାତାନୁକୂଳ କୋଠରିରେ ବସି ଆଇନ୍ ପ୍ରଣୟନ କରୁଥିବା କିଛି ଲୋକ ନିଜେ ସ୍ୱଚ୍ଛ ଓ ସଂସ୍କାରିତ ନୁହନ୍ତି।

କଳା, ବିଜ୍ଞାନ, ବାଣିଜ୍ୟର ବିଭିନ୍ନ ବିଷୟକୁ ଶିକ୍ଷକ ପଢ଼ାଉଛନ୍ତି, ଛାତ୍ର ପଢୁଛନ୍ତି। କିନ୍ତୁ ଚରିତ୍ର ବିନା କଳା, ମାନବିକତା ବିନା ବିଜ୍ଞାନ, ନୈତିକତା ବିନା ବାଣିଜ୍ୟ ଶିକ୍ଷା ଅର୍ଥଶୂନ୍ୟ, ଭୟାବହ ହେଉଛି। ର୍‌ଗିଂ ସମୟରେ ସହର, ଗାଁକୁ ଆଧାର କରି ବିଦ୍ରୂପୋକ୍ତି ଅତୀତରେ ଶୁଣାଯାଇଛି, ଏବେବି ଶୁଣାଯାଉଛି। ଗ୍ରାମବାସୀ-ଛାତ୍ରକୁ 'ଗାଉଁଲି ପିଲା', 'ମଫ', 'ଚୂଡ଼ା' କହି ତା'ର



ବେଶଭୂଷାକୁ ତାଚ୍ଛଲ୍ୟ କରୁଥିବା ସହରୀ-ଛାତ୍ର ଭୁଲିଯାଉଛି ଏବେ ସହରାଞ୍ଚଳରେ ବାସ କରୁଥିବା ସଂଖ୍ୟାଗୁରୁ ଲୋକଙ୍କ ଜନ୍ମ ଗାଁରେ, ପରବର୍ତ୍ତୀ ସମୟରେ ସେମାନେ ସହରକୁ ଯାଇ ବସବାସ କରୁଛନ୍ତି। 'ବୈଦେହୀଶ ବିଳାସ', 'ବିଦଗ୍ଧ ଚିନ୍ତାମଣି'ର ସ୍ରଷ୍ଟା ଗାଁରେ ରହି ସାହିତ୍ୟ ସାଧନାରେ ପ୍ରବୃତ୍ତ ଥିଲେ, 'ଉଡ୍‌ଲ୍ୟାଣ୍ଡସ୍', 'ଫାର୍ ଫ୍ରମ୍ ଦି ମ୍ୟାଡିଂ କ୍ରାଉଡ୍' ଉପନ୍ୟାସର ସ୍ରଷ୍ଟା ଗାଁରେ ରହୁଥିଲେ ଓ ଗ୍ରାମ୍ୟ ଭୂଖଣ୍ଡକୁ ଆଧାର କରି ଉପନ୍ୟାସ ରଚନା କରୁଥିଲେ। ଗୋପବନ୍ଧୁ ଚୌଧୁରୀ, ରମାଦେବୀଙ୍କ ସେବାକର୍ମ ଆରମ୍ଭ ହୋଇଥିଲା ନିପଟ ମଫସଲ ଅଞ୍ଚଳରୁ। ଏମିତି ସଂଖ୍ୟାହୀନ ଦୃଷ୍ଟାନ୍ତ ରହିଛି।

ଅଳ୍ପ କେତୋଟି ଦୃଷ୍ଟାନ୍ତ ଅବଲମ୍ବନରେ ଆମେ ଆମ ରାଷ୍ଟ୍ରୀୟ ଚିନ୍ତନକୁ ଅନ୍ତରାଷ୍ଟ୍ରୀୟ ଚିନ୍ତନ ସହିତ ଯୋଡ଼ିବା। ମାକ୍ସ ମୁଲର୍ ଲେଖିଲେ 'ଦି ପ୍ରିଫେସ୍ ଟୁ ଋଗ୍‌ବେଦ', ଆଲ୍‌ଡସ୍ ହକ୍ସଲେ 'ପ୍ରିଫେସ୍ ଟୁ ଦି ଗସ୍‌ପେଲ୍ ଅଫ୍ ରାମକୃଷ୍ଣ' ଲେଖିଲେ, ରାଲ୍ଫ୍ ୱାଲ୍‌ଡୋ ଇମର୍ସନ୍ 'ବ୍ରହ୍ମ' କବିତା ରଚନା କଲେ, ସମରସେଟ୍ ମମ୍ ରମଣ ମହର୍ଷିଙ୍କ ଆଶ୍ରମକୁ ଆସି ଧ୍ୟାନାଭ୍ୟାସ କଲେ, ରିଚାର୍ଡ ଆଲ୍‌ପଟ୍ର ରାମ ଦାସରେ ରୂପାନ୍ତରିତ ହେଲେ। ମହାଭାରତୀୟ ସଂସ୍କୃତିର ଜୀବନ ଓ ଜଗତ ସମ୍ବନ୍ଧୀୟ ସ୍ୱଚ୍ଛତା, ସଂସ୍କାର (ରୂପାନ୍ତର) ଦର୍ଶନ ସେମାନଙ୍କୁ ମୁଖ୍ୟତଃ ଆକର୍ଷିତ କରିଥିଲା। ବ୍ୟକ୍ତି ସହିତ ବିଶ୍ୱର ସମ୍ପର୍କ ଆଧାରରେ ବୈଦାନ୍ତିକ ଦର୍ଶନକୁ ଆମେ ଆମର ସମକାଳୀନ ପରିବେଶତତ୍ତ୍ୱ, ମନସ୍ତତ୍ତ୍ୱ, ପଦାର୍ଥବିଜ୍ଞାନର କ୍ୱାଣ୍ଟମ୍ ତତ୍ତ୍ୱ ପ୍ରତି ପ୍ରୟୋଗ କରିପାରିବା। କାହାରିକୁ ଶାରୀରିକ ମାନସିକ ନିର୍ଯାତନା ଦେଇ ସମ୍ପର୍କ ରକ୍ଷା କରାଯାଇନପାରେ। ଜଣେ ଅନ୍ୟ ଜଣକର କ୍ଷତି କରିବା ଦ୍ୱାରା ନିଜର ହିଁ କ୍ଷତି କରିଥାଏ। ମାଟିରେ ଆମେ ମଞ୍ଜିଟିଏ ପୋତୁ, ତାହା ଦିନେ ବଡ଼ ଗଛରେ ପରିଣତ ହୁଏ, ଯଦି ଗଛଟିକୁ କାଟିଦେଉ ତେବେ ଅମ୍ଳଜାନ ହରାଉ। ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ଅଛି, ର୍‌ଗିଂ କରୁଥିବା ଛାତ୍ର ମନେରଖିବାର କଥା।

ସହରୀ ହେଉ ବା ମଫସଲି ପ୍ରତ୍ୟେକ ବ୍ୟକ୍ତିର ବକ୍ତବ୍ୟ ଓ ବ୍ୟବହାରରେ ସ୍ୱଚ୍ଛତା, ସଂସ୍କାର ଲୋଡ଼ା। ତେବେ ଯାଇ ବ୍ୟକ୍ତି ରୂପାନ୍ତରିତ ହେବ। ବ୍ୟକ୍ତି ରୂପାନ୍ତରିତ ହେଲେ ଶିକ୍ଷାନୁଷ୍ଠାନ ସମେତ ସବୁ ଅନୁଷ୍ଠାନ ଆପେ ଆପେ ରୂପାନ୍ତରିତ ହୋଇଯିବ। ଚଟାଣରେ ଟାଇଲ, ମାର୍ବଲ୍ ବିଛା ହେଉ, ତା' ସହିତ ଜଣେ ମଣିଷ ଅନ୍ୟ ଜଣକୁ ମମତା, ମର୍ଯ୍ୟାଦା ଦେଇ ଶିଖୁ। ଆକର୍ଷଣୀୟ ବେଞ୍ଚ୍, ଡେସ୍କ୍, ଚେୟାର୍‌ର ବ୍ୟବହାର ହେଉ, ସେଥିସହିତ ମଣିଷ ଚରିତ୍ରବାନ୍ ହେଉ। କମ୍ପ୍ୟୁଟର୍‌ର ବହୁଳ ବ୍ୟବହାର ସହିତ ମଣିଷ କର୍ମଠ, କର୍ତ୍ତବ୍ୟନିଷ୍ଠ ହେଉ। ଗେଟ୍, ଗାର୍ଡେନ୍ ସୁସଜ୍ଜିତ ହେବା ସହିତ ମଣିଷ ନିଜ ଗୌରବ ପ୍ରତିପାଦନରେ ଯତ୍ନଶୀଳ ହେଉ। ଲାଇବ୍ରେରୀ, ଲାବେରୋଟୋରୀ ଅତ୍ୟାଧୁନିକ ଟେକ୍ନୋଲୋଜିସମ୍ପନ୍ନ ହେଉ, କିନ୍ତୁ ସମାନ୍ତରାଳ ଭାବରେ ମଣିଷ ଅଧ୍ୟୟନପିପାସୁ, ଗବେଷଣା ଅଭିମୁଖୀ ହେଉ। ସ୍ମାର୍ଟ୍ କ୍ଲାସ୍‌ରୁମ୍‌ରେ ମଣିଷ ଅତ୍ୟାଧୁନିକ ଜ୍ଞାନକୌଶଳ ଅର୍ଜନ ଦିଗରେ ଅନୁପ୍ରେରିତ ହେଉ। ତାହାହିଁ ହେବ ଅସଲ ରୂପାନ୍ତର ବା ଟ୍ରାନ୍ସଫର୍ମେସନ୍।

ଅନେକ ସମୟରେ ମନକୁ ପ୍ରଶ୍ନ ଆସୁଛି, ସଂସାରରେ ବିଭିନ୍ନ କ୍ଷେତ୍ରରେ ବିପୁଳ ଜ୍ଞାନ ସାଇତା ହୋଇ ରହିଥିବାବେଳେ କିଛି ଛାତ୍ର ଜ୍ଞାନ ଅର୍ଜନ ଦିଗରେ ସମୟ ବିନିଯୋଗ ନକରି ଆଉ କିଛି ଛାତ୍ରଙ୍କୁ ର୍‌ଗିଂ କରିବାରେ ସମୟର ଅପଚୟ କରୁଛନ୍ତି କାହିଁକି? ନିଜର ପାଠପଢ଼ା ପାଇଁ ସମ୍ପର୍କୀୟମାନଙ୍କଠାରୁ ଆଣୁଥିବା ଅର୍ଥର ଅପବ୍ୟବହାର କରୁଛନ୍ତି କାହିଁକି ? ଅନ୍ୟକୁ ର୍‌ଗିଂ କରି ମନସ୍ତାତ୍ତ୍ୱିକ କ୍ଷତ ସୃଷ୍ଟି କରିବା ଦ୍ୱାରା ସେମାନେ କି ଆନନ୍ଦ ପାଉଛନ୍ତି ? ଆମର ଛାତ୍ରମାନେ ସ୍ଥିର ଚିତ୍ତରେ ନିଜର ବିବେକକୁ ଏହି ପ୍ରଶ୍ନଗୁଡ଼ିକୁ ପଚାରନ୍ତୁ। ଆଇନ୍‌ପ୍ରଣେତାମାନେ କହୁଛନ୍ତି ର୍‌ଗିଂ-ଅଭିଯୁକ୍ତମାନଙ୍କୁ ଦଣ୍ଡ ଦିଆଯିବ। ଠିକ୍ କଥା, ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ। ତେବେ ଛାତ୍ରମାନଙ୍କୁ ଗୋଟିଏ ଆହ୍ୱାନ, ସେମାନେ ବିବେକୀ, ବିଚାରଶୀଳ ହୁଅନ୍ତୁ। ର୍‌ଗିଂ ଭଳି କୁତ୍ସିତ କର୍ମନିରତ ନହୋଇ ନିଜ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ସହିତ ଚରିତ୍ର ଓ ବ୍ୟକ୍ତିତ୍ୱକୁ ସ୍ୱଚ୍ଛ, ସଂସ୍କାରିତ କରନ୍ତୁ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋବାଇଲ୍: ୯୮୫୩୨୮୨୯୬୨**

# ରାଜନୈତିକ ଚର୍ଚ୍ଚାରେ ୨୦୨୪



**କିଶୋର ଚନ୍ଦ୍ର ବେହେରା**

୨୦୨୪ କାହାଠୁ କ୍ଷମତା ଛଡାଇନେଇ କ୍ଷତାକ୍ତ ଓ ସନ୍ୟାସ କରି ଦେଇଛି ତ ଆଉ କାହାର ଶୋଭା ବଢ଼ାଇଛି ରାଜଗାଦିର ସିଂହାସନରେ ବସାଇ। କାହାର ଆଶା ଆକାଂକ୍ଷାକୁ ଧୂଳିସାତ କରିଦେଇଛି ତ ଆଉ କାହାର ଲକ୍ଷ୍ୟ ଓ ସ୍ୱପ୍ନକୁ ସାକାର କରିଛି। ଏମିତି କିଛି ଉଲ୍ଲେଖନୀୟ ଘଟଣା ଓଡିଶା ରାଜନୀତିର ମୋଡ ବଦଳାଇ ଦେଇ ୨୦୨୪ ରଚିଛି ଏକ ନୂଆ ଅଧ୍ୟାୟ। ଏହି ରଚନାତ୍ମକ ଅଧ୍ୟାୟର ଗୁରୁତ୍ୱ ବହନ କରିଥିଲା ୧୮ତମ ସାଧାରଣ ନିର୍ବାଚନ ଓ ସାଧାରଣ ଜନତା। ଓଡ଼ିଶା ରାଜନୀତିରେ ଝଡ଼ ଭଳି ଆସି ଅତି ଶାନ୍ତ ଓ ନିରବତାର ସହିତ ବିଦାୟ ନେଉଛି ବର୍ଷ ୨୦୨୪। ରାଜନୈତିକ ଝଡଝଂଜାରେ ଟଳିପଡ଼ିଲା ନବୀନଙ୍କ ନେତୃତ୍ୱର ସେହି ୨୪ ବର୍ଷ କ୍ଷମତାର ବିଶାଳ ଅଟାଳିକା। ସତ୍ତାର ନବକଳେବର ଘଟିଲା, ପ୍ରଥମ ଥର ପାଇଁ ବିଜେପି ଓଡିଶାରେ ଏକାକୀ ସରକାର କରିବାରେ ସକ୍ଷମ ହେଲା ଏବଂ ଜଣେ ସାଧାରଣ ଓଡିଆ ଆଦିବାସୀପୁଅ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହେଲେ। ୧୭ତମ ବିଧାନସଭା ନିର୍ବାଚନରେ ବିଜେପି, ବିଜେଡି ଓ କଂଗ୍ରେସରୁ ବହୁ ବରିଷ୍ଠ ନେତା ଦଳ ବଦଳାଇବା ଥିଲା ସବୁଠାରୁ ବେଶ୍ ଚର୍ଚ୍ଚାର ବିଷୟ। ଆଉ ତା'ଠୁ ଅଧିକ ଚର୍ଚ୍ଚା ହେଲା ପାଣ୍ଡିଆନଙ୍କ ରାଜନୀତିରୁ ସନ୍ୟାସ। ବ୍ରହ୍ମପୁର ଲୋକେ ସଭା ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କ 'ଲେଖା ଛିଡିଲା' ଉକ୍ତି ରାଜନୀତିକୁ ଏକ ରୋଚକ ମୋଡରେ ଅବତାରଣ କରିଥିଲା। ଓଡିଶା ବିଧାନସଭା ମତଦାନ ରେ ବିଜେଡି ୫୧ ଟି ଆସନରେ ସିମିତ ରହିଥିଲା ବେଳେ ବିଜେପି ୭୮ ସିଟ ନିଜ ଦଖଲକୁ ନେଇ ଲୋକଙ୍କ ସରକାର ଗଢିଥିଲ।।

ସରକାର ଗଠନ ପରଠାରୁ ବିଜେପି କିଛି କରୁ ବା ନକରୁ ରଙ୍ଗ ବଦଳାଇବାରେ ଲାଗିଛି। ବଦଳିଗଲେ ସରକାର, ବଦଳୁଛି ନାମ ଫଳକ, ବଦଳୁଛି ମେଡ଼ିକାଲ କୋଠାର ରଙ୍ଗ, ଏପରି କି ସାଧାରଣ ଯାତ୍ରୀମାନଙ୍କ ପାଇଁ ନିୟୋଜିତ 'ଲକ୍ଷ୍ମୀ ବସ ଯୋଜନା' ପରିବର୍ତ୍ତନ ହୁଏ 'ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନା ନାମରେ'। ପୂର୍ତ୍ତ ବିଭାଗ ନିର୍ଦ୍ଦେଶକ୍ରମେ ସମସ୍ତ ସରକାରି କୋଠା ଗେରୁଆ ରଙ୍ଗରେ ରଙ୍ଗିନ ହେବାରେ ଲାଗିଛି। ସଭାସମିତିରେ ଦେଖିବାକୁ ମିଳୁନାହିଁ ସବୁଜ ରଙ୍ଗର ସାଜସଜ୍ଜା ଉପକରଣ କିମ୍ବା ମଞ୍ଚରେ ଶୁଭୁନାହିଁ 'ହେ ନବୀନ ବାବୁ ଆମେ ତୁମ ଫ୍ୟାନ' କିନ୍ତୁ ଗେରୁଆ ତୋରଣ ମଧ୍ୟରୁ ଗୁଞ୍ଜରିତ ହୁଏ 'ଓଡ଼ିଆ ଅସ୍ମିତା' ଓ 'ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପର ବାର୍ତ୍ତା'। ରାଜଧାନୀର ପବିତ୍ର ଗାନ୍ଧୀ ମାର୍ଗରେ ବିଭିନ୍ନ ସଂଗଠନର ହରତାଳ ଓ ଆନ୍ଦୋଳନର ସ୍ୱର ସହିତ ସ୍ୱର ମିସାଉଥିବା ରାଜନୈତିକ ଦଳ ଏବେ ସରକାରକୁ ଆସିଲା ପରେ ସ୍ୱର ପରିବର୍ତ୍ତନ ହୋଇଯାଉଛି 'ଆମେତ ନୂଆ ସରକାର, ଆମକୁ କିଛିଦିନ ସମୟ ଦିଅ'। ବିଧାନସଭାରେ ପ୍ରଶ୍ନୋତ୍ତର କାଳରେ ବିରୋଧୀଙ୍କ ପ୍ରଶ୍ନର ଉତ୍ତରକୁ ଏଡାଇ ଯାଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ତର ରଖନ୍ତି 'ଗତ ସରକାରଙ୍କ ଠାରୁ ସମସ୍ତ ସମସ୍ୟା ଆଣିଛୁ ଧାର ସୂତ୍ରରେ'। ଯେଉଁ ଓଡ଼ିଆ ଅସ୍ମିତା କହି ନିର୍ବାଚନ ବୈତରଣୀ ପର ହୋଇ ସରକାର ଗଠନ କରିଛନ୍ତି






ସେହି ସ୍ୱାଭିମାନ ଶବ୍ଦକୁ ଅକ୍ଷୁର୍ଣ୍ଣ ରଖିବାକୁ ଯାଇ କାର୍ଯ୍ୟକ୍ରମ ଜାରି ରଖିଛନ୍ତି 'ଓଡ଼ିଆ ଅସ୍ମିତା ଶିବିର' ସରକାରୀ ଓ ବେସରକାରୀ ସ୍ତରରେ। ବିରୋଧୀ ବି ସ୍ୱିକାର କରୁଛନ୍ତି ତାଙ୍କ ସରକାରଙ୍କ ସମୟରେ ମୁଖିଆଙ୍କୁ ଦଳୀୟ କର୍ମୀ ମସିବା ଯେଉଁଠି ସାତ ସପନ ସେଠି ସାଧାରଣ ଜନତାଙ୍କୁ ପଚାରେ କିଏ। ଚଳିତ ସରକାର ମୂଖିଆ ଜିଲ୍ଲା ମହୋତ୍ସବରେ ଉପସ୍ଥିତ ରହିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଲୋକଙ୍କ ସରକାରର ପରିଚୟ ଦିଏ।

ଚଳିତ ସରକାରଙ୍କର ସପ୍ତଦଶ ବିଧାନ ସପ୍ତଦଶ ବିଧାନ ସଭାର ଉଭୟ ପୂର୍ଣ୍ଣାଙ୍ଗ ବଜେଟ୍ ଓ ଅତିରିକ୍ତ ବଜେଟ କାର୍ଯ୍ୟ ଦିବସ ଅଧାରୁ ବନ୍ଦ ହେବା ଗଣତନ୍ତ୍ର ପାଇଁ ଅଶୁଭଙ୍କର। ପବିତ୍ର ସୁଶାସନ ଦିବସ ଅବସରରେ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ନବୀନ ପଟ୍ଟନାୟକ ଭାରତ ରତ୍ନ ପାଇବାର ହକଦାର ମନ୍ତବ୍ୟ ଜାତୀୟ ରାଜନୀତିକୁ ଉଷ୍ମତା ବୃଦ୍ଧି କରିବା ସହ କଂଗ୍ରେସ ଗୁମର ଖୋଲିବରେ ଲାଗିଛି ବିଜେପି- ବିଜେଡି ମଣ୍ଟର ସଂପର୍କ। ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସର ଘର ବାହୁଡ଼ା ହୋଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ହେମା ଗମାଙ୍ଗ ଓ ସଞ୍ଜୟ ଭୋଇ ପ୍ରମୁଖ। ନବୀନଙ୍କ ୨୪ ବର୍ଷ ଶାସନକାଳରେ ଯେଉଁଠି ଉପ- ମୁଖ୍ୟମନ୍ତ୍ରୀଙ୍କ ସ୍ଥାନ ନଥିଲା ମୋହନ ସରକାରଙ୍କ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ପଦବୀ ବେସ୍ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ର ସରକାରଙ୍କ ମନ୍ତ୍ରୀମଣ୍ଡଳରେ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଓ ଅଶ୍ୱିନୀ ବୈଷ୍ଣବ ତିନି ଜଣ ସାମିଲ ହେବା ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବା ଓଡ଼ିଶା ଇତିହାସର ଏକ ମାଇଲ ଖୁଣ୍ଟ। ବିଜେଡ଼ିର ଦୁଇ ରାଜ୍ୟ ସଭା ସାଂସଦ ସୁଜିତ କୁମାର ଓ ମମତା ମହନ୍ତ ସଭ୍ୟ ଓ ପ୍ରାଥମିକ ପଦରୁ ଇସ୍ତଫା ଦେଇ ବିଜେପିରେ ସାମିଲ୍ ହୋଇ ପୁନଶ୍ଚ ବିଜେପି ଦଳରୁ ରାଜ୍ୟ ସଭାକୁ ନିର୍ବାଚିତ ହେବା ଏକ ଚର୍ଚ୍ଚାର ବିଷୟ। ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ମହିଳାମାନଙ୍କ ସଶକ୍ତିକରଣ ନିମନ୍ତେ ୮୦ଲକ୍ଷ ମହିଳାଙ୍କୁ ୫୦୦୦ ଟଙ୍କା ପ୍ରଦାନ କରିବା ଓ ଶାସନ ଗାଦିରେ ବସିବା ପରଦିନ ଶ୍ରୀମନ୍ଦିର ଚାରି ଦ୍ୱାରା ଖୋଲିବା ଓ ମହାପ୍ରଭୁଙ୍କ ରତ୍ନ ଭଣ୍ଡାର ଖୋଲିବା ବିଜେପି ସରକାରଙ୍କ ନିର୍ବାଚନ ଇସ୍ତାହାର ଏକ ଅଧ୍ୟାୟ

ବିଶ୍ୱ ପ୍ରସିଦ୍ଧି ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ସମସ୍ତ କାଳାକାର ମାନଙ୍କୁ ଦଶ ହଜାର ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଯୁଗାନ୍ତକାରୀ ପଦକ୍ଷେପ। ଇଂରାଜୀ କ୍ୟାଲେଣ୍ଡରର ଶେଷ ପୃଷ୍ଠାଟି ଅଳ୍ପ ସମୟ ପରେ ଲେଉଟିବା ସହ ଅଲୋଡା ହୋଇଯିବ କିନ୍ତୁ ସ୍ମୃତି ହୋଇ ରହିଯିବ ଗଣତନ୍ତ୍ର ଶାସନର ସାଧାରଣ ଜନତାଙ୍କ ହୃଦୟରେ। ଇଂରାଜୀ ନବବର୍ଷ ସମସ୍ତଙ୍କ ପାଇଁ ଆଣି ଦେଉ ସୁଖ ଓ ସମୃଦ୍ଧିର ବର୍ଷ। ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। 'ଜୟ ଜଗନ୍ନାଥ'।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ଜଙ୍ଗଲ ଓ ରାସ୍ତା



**ଇଂ ସତ୍ୟନାରାୟଣ ମାଝୀ**

ଜଙ୍ଗଲ ଓ ରାସ୍ତା ପ୍ରସଙ୍ଗ ବହୁ ଜରୁରୀ ବ୍ୟବସ୍ଥା।ଗୋଟେ ହେଉଛି ପ୍ରାକୃତିକ ଓ ଅନ୍ୟଟି କୃତ୍ରିମ ବ୍ୟବସ୍ଥା।ଜଙ୍ଗଲ ସଂରକ୍ଷଣ ପରିବେଶ ସୁରକ୍ଷା ଆମଲାଗି ଅତ୍ୟନ୍ତ ଆବଶ୍ଯକୀୟ ପ୍ରସଙ୍ଗ ହେଲା ବେଳେ ରାସ୍ତା ମଧ୍ୟ ଆମ ଜୀବନ ଶୈଳୀକୁ ଉତ୍କୃଷ୍ଟ କରିବାର ଅନ୍ୟ ଏକ ଜରୁରୀ ମୌଳିକ ବ୍ୟବସ୍ଥା।ଏ ପ୍ରସଙ୍ଗରେ ଲେଖିବାର କାରଣ ହେଉଛି ଦୀର୍ଘଦିନର ସମସ୍ୟା ପାଲଟି ଯାଇଥିବା ମୟୂରଭଞ୍ଜ ଜିଲ୍ଲାର ୪୯ନଂ ଜାତୀୟ ରାଜପଥ ବାଙ୍ଗିରିପୋଷିର ଦ୍ୱାରଶୁଣୀ ଘାଟୀ ରାସ୍ତା ପ୍ରଶସ୍ତିକରଣ ବା ନିର୍ମାଣରେ ବିଳମ୍ବ ।ତାହା ନିଶ୍ଚିତ ଭାବରେ ଏହା ଆଲୋଚନାର ବିଷୟବସ୍ତୁ,କିନ୍ତୁ ତା ପୂର୍ବରୁ ଆମେ ଜଙ୍ଗଲ ଓ ରାସ୍ତା ଆବଶ୍ଯକତା ପ୍ରସଙ୍ଗ ଉପରକୁ ଯିବା।

ଭାରତବର୍ଷରେ ଜଙ୍ଗଲର ଏକ ସତନ୍ତ୍ର ପରିଚୟ ରହିଛି।ଯାହାକୁ ନେଇ ଆମ ଦେଶର ବହୁ ଲୋକ ନିଜର ଜୀବନ ଜୀବିକା ନିର୍ବାହ ରିଥାନ୍ତି।ଏହାପରେ ବି ବହୁ ପ୍ରଜାତିର ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରକାର ଗୁଳ୍ମଲତା ଭାରତୀୟ ଜଙ୍ଗଲରେ ଦେଖାଯାଏ।ସାଧାରଣ କଥା ଯଦି ବିଚାର କରିବା ଆମ ଜଙ୍ଗଲ ଗୁଡିକ ଅମ୍ଳଜାନ ଦେବାରେ ସାରା ପୃଥିବୀରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି।ଅନେକ ସମୟରେ କୁହାଯାଉଛି ଯେ ଯଦି ପୃଥିବୀର ସବୁ ଜଙ୍ଗଲ ଗୁଡିକୁ ନଷ୍ଟ କରିଦିଆଯାଏ,କେଇ ଘଣ୍ଟାରେ ପୂରାପୂରି ନିର୍ଜନ ପାଲଟିଯିବ ଏଇ ଧରାପୃଷ୍ଠ।ପରିବେଶ ଯଦି ସନ୍ତୁଳନ ରକ୍ଷା କରିଛି କେବଳ ଏଇ ଜଙ୍ଗଲ ପାଇଁ। କିନ୍ତୁ ମନୁଷ୍ୟ ସମାଜକୁ ଆଜିର ପରିସ୍ଥିତିରେ ଜଙ୍ଗଲର ଆବଶ୍ୟକତା ପରେ ପରେ ବିଶ୍ୱ ପ୍ରଗତିରେ ସ୍ଥିତି ବଜାୟ ରଖିବାକୁ ହେଲେ ରାସ୍ତାର ମଧ୍ୟ ବହୁ ଆବଶ୍ୟକତା ରହିଛି।ଯଦି ରାସ୍ତା ନ ଥାଆନ୍ତା ଆମ ମଣିଷ ସଭ୍ୟତା କୌଣସି ପ୍ରକାରରେ ଏତେ ଆଗକୁ ଯାଇପାରି ନଥାନ୍ତା।ରାସ୍ତା ଏକ ପ୍ରସଙ୍ଗ ଏମିତିକି ଆମକୁ ଦୁନିଆଁ ଦେଖାଇଥାଏ।ଘରୁ ପାଦ କାଢିଲେ ପାଦଚଲା ରାସ୍ତାରେ ଆମ ଆମର ଗାଁ ଦେଖିଥାଉ।ଆଉ ଟିକେ ପାଦ କାଢିଲେ ଗାଁରୁ ପଡୋଶୀ ଗାଁ ଦେଖିପାରିଥାଉ।ସେମିତି ଆଉ ଟିକେ ଆଗକୁ ଗଲେ ସହର ଦେଖିଥାଉ।ପଡୋଶୀ ଗାଁ ଅବା ସହର ଦେଖିବାଟା ବଡ କଥା ନୁହଁ।ଆମକୁ ଗାଁରୁ ସହରକୁ ଯିବାକୁ କେତେ ସମୟ ଲାଗୁଛି ଏବଂ କେତେ କଷ୍ଟ ଲାଗୁଛି ତାହା ନିରୀକ୍ଷଣ କରିବାର ଅଛି।ପୂର୍ବରୁ ଯେଉଁ କଷ୍ଟସାଧ୍ୟ ରାସ୍ତା ଥିଲା କିନ୍ତୁ ଏବେ ଘଣ୍ଟାକୁ ୧୦୦ କିମି ବି ସମ୍ଭବପର ହୋଇପାରୁଛି।ବହୁ ଗାଁର ପାଦଚଲା ରାସ୍ତା ବି ଏବେ ପିଚୁରେ ପରିଣତ ହୋଇଯାଇଛି।ବର୍ତ୍ତମାନ ଭାରତରେ ରାସ୍ତାର ମେରୁଦଣ୍ଡ ଟାଣ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ।ତେବେ ବହୁ ଅଂଚଳର ରାସ୍ତା ନିର୍ମାଣର ସାଧନ ଥିଲେ ବି ବିଭିନ୍ନ କାରଣରୁ ଅନେକ ରାସ୍ତାର ଉନ୍ନତିକରଣ ହୋଇପାରୁନାହିଁ। ଇତିମଧ୍ୟରେ ୪୯ନଂ ଜାତୀୟ ରାଜପଥରେ ବହଳାଗୋଡା-ସିଙ୍ଗଡା ସେକ୍‌ସନ୍‌ର ବାଙ୍ଗିରିପୋଷି ଦ୍ୱାରଶୁଣୀ ଘାଟୀ ରାସ୍ତା ମୁମ୍ବାଇ-କୋଲକାତାକୁ ସଂଯୋଗ କରୁଥିବା ବହୁ ଜରୁରୀକାଳୀନ ରାସ୍ତା।ବର୍ତ୍ତମାନ ପରିପେକ୍ଷୀରେ ଯାନବାହନ ସଂଖ୍ୟା ବଢିବା ଯୋଗୁଁ ଏହି ଜାତୀୟ ରାଜପଥଟି ଦୁଇଲେନ୍ ବିଶିଷ୍ଟ ଥିବାରୁ ଯାତାୟାତରେ ବହୁ ଅସୁବିଧା ସୃଷ୍ଟି ହେଉଛି।ଏହା ବାଦ ରାସ୍ତାଟି ମଝିରେ ମଝିରେ ବହୁ ଶୋଚନୀୟ ଅବସ୍ଥାକୁ ଚାଲିଆସୁଛି।ଯାହା ଫଳରେ ବହୁ କମ୍ ଦିନର ବ୍ୟବଧାନ ଅନେକ ଦୁର୍ଘଟଣା ଘଟି ଜୀବନ ହାନି ହେଉଛି।ପ୍ରମୁଖ ଭାବରେ ମୟୂରଭଞ୍ଜ ଜିଲ୍ଲାର ଜୀବନରେଖା କହିପାରିବା ମଧ୍ୟ ଏଇ ରାସ୍ତା।ଜିଲ୍ଲା ମୁଖ୍ୟାଳୟ ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଏବଂ ଚିକିତ୍ସାଳୟ ଆଦି ଗୁଡିକ ବାରିପଦାରେ ଥିବାରୁ ବାମନଘାଟି ଓ ପାଂଚପୀଢ ଭଳି ଉପଖଣ୍ଡର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। କାରଣ ଜନସାଧାରଣଙ୍କ ହିତରେ ଏସବୁର କୌଣସି ପ୍ରକାର ବିକଳ୍ପ ବ୍ୟବସ୍ଥା ନାହିଁ।ଏହା ତ ପୁଣି ବର୍ତ୍ତମାନ ଭାରତର ମହାମହିମ ରାଷ୍ଟ୍ରପତିଙ୍କର ନିଜସ୍ୱ ଜିଲ୍ଲା। ତେଣୁ ସରକାରୀସ୍ତରରେ ତ ନିଶ୍ଚୟ ଏକ ଜରୁରୀ ପ୍ରସଙ୍ଗ।ଏ ରାସ୍ତା ଉପରେ ତିନୋଟି ରାଜ୍ୟ ଓଡିଶା,ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଭଳି ରାଜ୍ୟର ଲୋକ ଦୈନଦିନ ଜୀବନରେ ନିର୍ଭର କରିଥାନ୍ତି।୧୯୭୨ ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ଓ ୧୯୮୦ ଜଙ୍ଗଲ ସଂରକ୍ଷଣ ଆଇନ୍‌କୁ ଭିତ୍ତି କରି

ସରକାରଙ୍କର ନିୟମ ଅନୁଯାୟୀ ଜଙ୍ଗଲ ବିଭାଗ ମଧ୍ୟ ନିରୀକ୍ଷଣ କରି ରାଜପଥ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଛି।କାରଣ ଏହା ଶିମିଳିପାଳ ଜଙ୍ଗଲର ବଫର ଜୋନ୍‌ରେ ଅନ୍ତର୍ଭୁକ୍ତ ଥିବାରୁ ତାର ଅନୁମୋଦନ ଲାଗି ଅନେକ ବହୁ ସୋପାନ ରହିଥିବାରୁ ବିଳମ୍ବ ହୋଇଥାଇପାରେ।ପ୍ରାୟ ୭.୬କିମି ରାସ୍ତା ଜଙ୍ଗଲ ଓ ଘାଟୀ ରାସ୍ତା ଥିବାରୁ ପଶସ୍ତିକରଣରେ ବିଳମ୍ବ ହୋଇଛି।ଜଙ୍ଗଲ ବିଭାଗର ରିପୋର୍ଟ ଅନୁଯାୟୀ ରାସ୍ତା ପ୍ରଶସ୍ତିକରଣ ହେଲେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଗଛ କଟା ଯିବାବି ଏକ କାରଣ।ଜଙ୍ଗଲ ଓ ରାସ୍ତା ପୃଥକ ପୃଥକ ବ୍ୟବସ୍ଥା ହୋଇପାରେ କିନ୍ତୁ ଏହା କୋଉଠି ନା କୋଉଠି ଜଡିତ।ବିକାଶ ଓ ସୁବିଧାର ଚିତ୍ରକୁ ଦେଖିବାକୁ ଗଲେ ରାସ୍ତା ପ୍ରଶସ୍ତିକରଣ ବହୁ ଜରୁରୀ ମନେ ହୁଏ।ଏହି ଘାଟୀ ରାସ୍ତା ନିର୍ମାଣ ପ୍ରସଙ୍ଗ ତ୍ୱରାନ୍ୱିତ ହେଲେ ଜନସାଧାରଣ ବିଶେଷ ଉପକୃତ ହୋଇପାରିବେ।ଜଙ୍ଗଲ ସୁରକ୍ଷା ଦୃଷ୍ଟିରୁ ବନୀକରଣ ଏବଂ ଅନ୍ୟ ପ୍ରଭାବିତ ପ୍ରସଙ୍ଗ ଉପରେ କର୍ତ୍ତୃପକ୍ଷଙ୍କୁ ଚିନ୍ତା କରିବା ଜରୁରୀ ରହିଛି।

**ଏକତାଳୀ, ଯଶିପୁର, ମୟୂରଭଞ୍ଜ**
**ମୋବାଇଲ୍: ୯୪୩୮୫୩୭୦୧୩**

# ଦେଶବାସୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୧।୧:** ନବବର୍ଷର ପ୍ରଥମ ସୂର୍ଯ୍ୟୋଦୟ। ନୂଆ ଆଶା ଓ ନୂଆ ସମ୍ଭାବନା ନେଇ ଦିଗବଳୟରେ ଉଇଁଛନ୍ତି ନୂତନ ସୂର୍ଯ୍ୟ। ଇଂରାଜୀ ନବବର୍ଷ ୨୦୨୫କୁ ସ୍ୱାଗତ ଜଣାଇବା ପରେ ଆଜି ନୂଆ ସକାଳରେ ନୂଆ ଆଶା ଓ ଆକାଂକ୍ଷା ନେଇ ବିଭିନ୍ନ ସ୍ଥାନରେ ସକାଳର ପ୍ରଥମ ସୂର୍ଯ୍ୟକୁ ଦର୍ଶନ କରିଛନ୍ତି ଲୋକେ। ଏହି ଅବସରରେ ଦେଶବାସୀଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପ୍ରମୁଖ। ନୂତନ ବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଏକତା ଆଣିଦେଉ ବୋଲି ସୋଶାଲ ମିଡିଆ ଜରିଆରେ ବାର୍ତ୍ତା ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନୂଆ ବର୍ଷ ଅବସରରେ ଦେଶବାସୀଙ୍କୁ ଉଜ୍ଜ୍ୱଳ ଓ ସମୃଦ୍ଧିଶୀଳ ଦେଶ ନିର୍ମାଣ ସଂକଳ୍ପକୁ ପୁର୍ନଜୀବିତ କରିବାକୁ ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରପତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦେଶବାସୀଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ନୂତନ ବର୍ଷ ଜୀବନରେ ସୁଯୋଗ, ସଫଳତା ସହ ଅସୁମାରୀ ସୁଖ ଆଣିଦେଉ ବୋଲି ଶୁଭେଚ୍ଛା ଜଣାଇଛନ୍ତି। ଦେଶବାସୀଙ୍କ ସମୃଦ୍ଧି ସହ ଉତ୍ତମ ସ୍ୱାସ୍ଥ୍ୟର କାମନା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଓଡ଼ିଶାବାସୀଙ୍କୁ ନୂଆ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା। ସୋଶାଲ ମିଡିଆ ଜରିଆରେ ବୈଜୟନ୍ତ ଓଡ଼ିଶାବାସୀଙ୍କ ପାଇଁ ବର୍ଷ ୨୦୨୫ ଖୁସି, ସମୃଦ୍ଧି ଓ ସଫଳତାରେ ଭରି ଯାଉ ବୋଲି କାମନା କରିଛନ୍ତି। ଏହା ସହ ସେ ଉଲ୍ଲେଖ କରିଛନ୍ତି ଯେ, ୨୦୨୪ର ଅସାଧାରଣ ସଫଳତା ଓ ମୂଲ୍ୟବାନ ମୁହୂର୍ତ୍ତଗୁଡ଼ିକୁ ଆଧାର କରି ଏକ ସଶକ୍ତ ଓ ସମୃଦ୍ଧ ଭାରତ ନିର୍ମାଣ ପାଇଁ ସବୁଠି ମିଳି ମିଶି କାର୍ଯ୍ୟ କରିବା ଆବଶ୍ୟକ। ଏହି ବର୍ଷ ସମସ୍ତଙ୍କ ଜୀବନରେ ଉତ୍ତମ ସ୍ୱାସ୍ଥ୍ୟ, ସୁଖ, ସମୃଦ୍ଧି ଓ ସଫଳତା ଆଣୁ ବୋଲି ଲେଖିଛନ୍ତି।

## ଡାକ୍ତରଙ୍କ ଘରେ କଳାକନା ବୁଲାଇଲା ଚାକର

**ମୁମ୍ବାଇ, ୧।୧:** ନୂଆ ବର୍ଷ ପାଳିବାକୁ ନିଜ ପରିବାର ସହ ଯାଇଥିବା ଡାକ୍ତରଙ୍କ ଘରେ କଳାକନା ବୁଲାଇଲେ ଚାକର। ସୁନା ଅଳଙ୍କାର ଓ ହୀରା ଖଚିତ ହାର ସହ ନଗଦ ଟଙ୍କା ମିଶାଇ ସମୁଦାୟ ସାଢେ ୮ ଲକ୍ଷ ଲୁଟିନେଲେ। ପ୍ରଥମେ ପ୍ରଥମେ ଚୋରି ଘଟଣାକୁ ଅସ୍ୱୀକାର କରୁଥିବା ଘରୋଇ ସହାୟକ ପରେ ଏହା ସ୍ୱୀକାର କରିଥିଲେ। ମାତ୍ର ଚୋରି ଜିନିଷ ଫେରାଇବାକୁ ଅମଙ୍ଗ ହେଲେ। ଶେଷରେ ପୁଲିସ୍ ତାଙ୍କୁ ବାନ୍ଧିବା ସହ ଚୋରି ଜିନିଷ ଜବତ କରିଛି। ଏପରି ଏକ ଘଟଣା ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରେ ଘଟିଛି। ମୁମ୍ବାଇରେ ଅନ୍ଧେରୀ ଅଞ୍ଚଳରେ ରହୁଥିବା ଜଣେ ୭୩ ବର୍ଷୀୟ ଡାକ୍ତର ନିଜ ପରିବାର ସହ ଛୁଟି କାଟିବାକୁ ଗତ ୨୫ ତାରିଖରୁ ଲୋନାୱାଲା ଯାଇଥିଲେ। ସେ ଘରକୁ ଫେରିବା ପରେ ତାଙ୍କ ଆଲମାରୀରୁ ନଗଦ ୪ ଲକ୍ଷ ଟଙ୍କା ଓ ୪ ଲକ୍ଷ ଟଙ୍କାର ସୁନା ଓ ହୀରା ଖଚିତ ହାର ଗାଏବ ହୋଇଯାଇଥିବା ଜାଣିବାକୁ ପାଇଲେ। ଏନେଇ ପରିବାର ଲୋକେ ଘରେ କାମ କରୁଥିବା ସୁଧାଂଶୁ ଯାଦବଙ୍କୁ ପଚରାଉଚରା କରିବାରୁ ସେ ଚୋରି କରିଥିବା ସ୍ୱୀକାର କରିଥିଲେ। ମାତ୍ର ଚୋରି ଜିନିଷ ଦେବାକୁ ରାଜି ହୋଇ ନ ଥିଲେ। ତେଣୁ ପରିବାର ଲୋକେ ଏ ନେଇ ପୁଲିସ୍‌କୁ ସୂଚନା ଦେଇଥିଲେ।

## ଡ୍ରଗ୍ସ ମାମଲାରେ ୮ ପାକିସ୍ତାନୀଙ୍କୁ ୨୦ ବର୍ଷ ଜେଲ୍

**ମୁମ୍ବାଇ, ୧।୧:** ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ୮ ପାକିସ୍ତାନୀ ନାଗରିକଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୫ ଡ୍ରଗ୍ସ ଜବତ ମାମଲାରେ କୋର୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି। ପ୍ରକାଶ ଯେ ୨୦୧୫ରେ ଭାରତୀୟ ତଟରକ୍ଷୀ ବାହିନୀ ଗୁଜରାଟ ଉପକୂଳ ନିକଟରେ ହିରୋଇନ୍ ନେଇ ଯାଉଥିବା ଏକ ଡଙ୍ଗାରୁ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୬.୯୬ କୋଟି ଟଙ୍କା ମୂଲ୍ୟର ୨୩୨ କିଲୋଗ୍ରାମ ଡ୍ରଗ୍ସ ଜବତ କରାଯାଇଥିଲା। ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସ (ଏନଡିପିଏସ) ଆକ୍ଟ ମାମଲାର ସ୍ୱତନ୍ତ୍ର ବିଚାରପତି ଶଶିକାନ୍ତ ବାଙ୍ଗର ଏହି ୮ ଜଣଙ୍କୁ ଡ୍ରଗ୍ସ ବିରୋଧୀ ଆଇନ ଅଧୀନରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଏନଡିପିଏସ ଆକ୍ଟ ଅନୁଯାୟୀ ସର୍ବାଧିକ ୨୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏହାସହିତ କୋର୍ଟ ପ୍ରତ୍ୟେକଙ୍କ ଉପରେ ୨ ଲକ୍ଷ ଟଙ୍କା ଜରିମାନା ମଧ୍ୟ ଲଗାଇଛନ୍ତି।

## ସୁରକ୍ଷା ପରିଷଦ ଅସ୍ଥାୟୀ ସଦସ୍ୟ ଭାବେ ପାକିସ୍ତାନର କାର୍ଯ୍ୟକାଳ ଆରମ୍ଭ

**ନ୍ୟୁୟର୍କ, ୧।୧:** ନୂତନ ବର୍ଷର ଆରମ୍ଭ ସହିତ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅନେକ ସଦସ୍ୟ ପରିବର୍ତ୍ତନ ହୋଇଛନ୍ତି। ବର୍ତ୍ତମାନ ପାକିସ୍ତାନ ଏଥିରେ ଏକ ଅସ୍ଥାୟୀ ସଦସ୍ୟ ଭାବରେ ପ୍ରବେଶ କରିଛି। ଆଜି ଅର୍ଥାତ୍ ୧ ଜାନୁୟାରୀ ୨୦୨୫ରୁ ପାକିସ୍ତାନ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍ସି)ର ଅସ୍ଥାୟୀ ସଦସ୍ୟ ଭାବରେ ଦୁଇ ବର୍ଷ କାର୍ଯ୍ୟକାଳ ଆରମ୍ଭ କରିଛି। ଏନେଇ ରାଷ୍ଟ୍ରଦୂତ ମୁନିର ଆକ୍ରାମ କହିଛନ୍ତି ଯେ, ପାକିସ୍ତାନୀ ପ୍ରତିନିଧୀ ବିଶ୍ୱ ସମ୍ମୁଖୀନ ହେଉଥିବା ପ୍ରମୁଖ ଆହ୍ୱାନର ସମାଧାନରେ ଏକ ସକ୍ରିୟ ତଥା ଗଠନମୂଳକ ଭୂମିକା ଗ୍ରହଣ କରିବେ। ସରକାରୀ ସମ୍ବାଦ ଏଜେନ୍ସି ଏପିପି (ଆସୋସିଏଟେଡ୍ ପ୍ରେସ ଅଫ୍ ପାକିସ୍ଥାନ)କୁ ଆକ୍ରାମ କହିଛନ୍ତି, ସୁରକ୍ଷା ପରିଷଦରେ ଆମର ଉପସ୍ଥିତି ଅନୁଭବ ହେବ। ୨୦୨୫-୨୬ରେ ପାକିସ୍ତାନ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ହୋଇ କାର୍ଯ୍ୟ କରିବ। ଆକ୍ରାମ କହିଛନ୍ତି, ବିଶ୍ୱ ରାଜନୀତି ଏକ ଅଶାନ୍ତିର ସମୟ ଦେଇ ଗତି କରୁଥିବା ସମୟରେ ଆମେ ପରିଷଦର ସଦସ୍ୟ ହୋଇଛୁ। ୟୁରୋପ, ମଧ୍ୟ ପୂର୍ବ, ଆଫ୍ରିକା ଏବଂ ଅନ୍ୟାନ୍ୟ ସ୍ଥାନରେ ଯୁଦ୍ଧ ଚାଲିଛି ଏବଂ ଅସ୍ତ୍ରଶସ୍ତ୍ର ଦୌଡ଼ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ପାକିସ୍ତାନ ଜାପାନକୁ ସ୍ଥାନିତ କରିଛି, ଯାହା ବର୍ତ୍ତମାନ ସୁରକ୍ଷା ପରିଷଦରେ ଏସୀୟ ଆସନ ରଖିଛି, ଯାହା ଅନ୍ତର୍ଜାତୀୟ ଶାନ୍ତି ପ୍ରତିଷ୍ଠା ତଥା ବଜାୟ ରଖିବା ପାଇଁ ଏକ ପ୍ରାଥମିକ ଉପକରଣ। ଅଷ୍ଟମ ଥର ପାଇଁ ପାକିସ୍ତାନ ୧୫ ସଦସ୍ୟ ବିଶିଷ୍ଟ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟତା ପାଇଛି। ଜୁନ୍ ମାସରେ ପାକିସ୍ତାନ ସଂଖ୍ୟାଗରିଷ୍ଠତା ଦ୍ୱାରା ଅସ୍ଥାୟୀ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲା।

## ସ୍ତ୍ରୀ ଦେଉଥିଲେ ନିର୍ଯାତନା, ଝୁଲିପଡ଼ିଲେ ସ୍ୱାମୀ

**ନୂଆଦିଲ୍ଲୀ, ୧।୧:** ପତ୍ନୀଙ୍କ ନିର୍ଯାତନା ସହିତ ନପାରି ଦିଲ୍ଲୀର ଜଣେ ୩୯ ବର୍ଷୀୟ ଯୁବକ ମଙ୍ଗଳବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତାଙ୍କ ଘରୁ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହକୁ ଉଦ୍ଧାର କରାଯାଇଛି। ଦିଲ୍ଲୀର ମଡେଲ ଟାଉନ୍‌ର କଲ୍ୟାଣ ବିହାର ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତ ଯୁବକଙ୍କ ନାଁ ପୁନୀତ ଖୁରାନା। ସେ ଦିଲ୍ଲୀର ଅନ୍ୟତମ ଜଣାଶୁଣା କାଫେ 'ଉଡ୍‌ବକ୍ସ'ର ଯୁଗ୍ମ ପ୍ରତିଷ୍ଠାତା ଥିଲେ। ପତ୍ନୀ ମାଣିକ ଜଗଦୀଶ ପହୱାଙ୍କ ସହିତ ମିଶି ସେ ଏହି କାଫେ ତିଆରି କରିଥିଲେ। ୨୦୧୬ରେ ସେମାନେ ବିବାହ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ସମ୍ବନ୍ଧ ଆଉ ଭଲ ନଥିଲା। କୋର୍ଟରେ ସେମାନଙ୍କ ବିବାହ ବିଚ୍ଛେଦ ମାମଲା ଚାଲିଥିବା ବେଳେ ଆତ୍ମହତ୍ୟା କରିଛନ୍ତି ପୁନୀତ ଖୁରାନା। ବ୍ୟବସାୟକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା ବୋଲି ଜଣାପଡ଼ିଛି। ପୁନୀତ ଖୁରାନାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ସେ ତାଙ୍କ ପତ୍ନୀଙ୍କ ଉପରେ ଖୁବ୍ ଅସନ୍ତୁଷ୍ଟ ଥିଲେ। ମୃତ୍ୟୁ ପୂର୍ବରୁ ୩୦ ତାରିଖ ବିଳମ୍ବିତ ରାତିରେ ପତ୍ନୀଙ୍କୁ ଫୋନ୍ କରିଥିଲେ ପୁନୀତ ଖୁରାନା। ସେହି ସମୟରେ ସେମାନଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳପ ସାମ୍ନାକୁ ଆସିଛି। ୧୬ ମିନିଟ୍‌ରେ ଏହି ବାର୍ତ୍ତାଳପରେ ପୁନୀତ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ କେବଳ ଝଗଡ଼ା ହୋଇଛି। ଏମିତିକି ପୁନୀତଙ୍କୁ ତାଙ୍କ ପତ୍ନୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ମଧ୍ୟ କରିଛନ୍ତି। ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ୍‌କୁ ନେଇ ସେମାନଙ୍କ ବାର୍ତ୍ତାଳପ ଆରମ୍ଭ ହୋଇଥିଲା। ମାଣିକ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ୍ କରିଛନ୍ତି ବୋଲି ପୁନୀତ ଅଭିଯୋଗ କରିଛନ୍ତି।

# ନୂଆବର୍ଷରେ ଚାଷୀଙ୍କୁ ବଡ଼ ଉପହାର ଦେଲେ ମୋଦୀ

**ନୂଆଦିଲ୍ଲୀ, ୧।୧:** ନୂଆବର୍ଷର ପ୍ରଥମ ଦିନରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାଷୀଙ୍କ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଡିଏପି ସାର ଉତ୍ପାଦନ କରୁଥିବା କମ୍ପାନିଗୁଡିକ ପାଇଁ ସରକାର ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଅନୁମୋଦନ କରିଛନ୍ତି। ମୋଦୀ ସରକାରଙ୍କ କ୍ୟାବିନେଟ ବୈଠକ ନୂଆବର୍ଷର ପ୍ରଥମ ଦିନରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସରକାର ଚାଷୀଙ୍କ ସହ ଜଡିତ ଅନେକ ପ୍ରମୁଖ ନିଷ୍ପତ୍ତି ନେଇଥିଲେ। ଡିଏପି ସାର ଉତ୍ପାଦନ କରୁଥିବା କମ୍ପାନିଗୁଡିକ ପାଇଁ ସରକାର ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଅନୁମୋଦନ କରିଛନ୍ତି। ସବସିଡି ବ୍ୟତୀତ ସରକାର କମ୍ପାନିମାନଙ୍କୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିବେ। ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ସରକାର ଏହି ପ୍ୟାକେଜକୁ ଅନୁମୋଦନ



କରିଛନ୍ତି। ଏହା ବ୍ୟତୀତ କୃଷକମାନଙ୍କ ପାଇଁ ଫସଲ ବୀମା ଯୋଜନାକୁ ଆକର୍ଷଣୀୟ କରିବା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି। ସୂଚନାଯୋଗ୍ୟ, ଭାରତ ଏହାର ମୋଟ ଡିଏପି ଚାହିଦାର ଏକ ବଡ଼ ଅଂଶ ଆମଦାନି କରେ। ଆମଦାନୀ ମୁଖ୍ୟତଃ ଚୀନ୍, ସାଉଦି ଆରବ ଏବଂ ମରୋକୋ ଭଳି ଦେଶରୁ କରାଯାଇଥାଏ। ଅନ୍ତର୍ଜାତୀୟ ବଜାରରେ କଞ୍ଚାମାଲର ମୂଲ୍ୟ ବୃଦ୍ଧି ଯୋଗୁ ଡିଏପିର ମୂଲ୍ୟ ବୃଦ୍ଧି ହୋଇଥାଏ। ଏଭଳି ପରିସ୍ଥିତିରେ ଚାଷୀଙ୍କୁ ଆଶ୍ୱସ୍ତି ଯୋଗାଇବା ପାଇଁ ସରକାର ସବସିଡି ପ୍ରଦାନ କରୁଛନ୍ତି। ଫସଲ ବୀମା ଯୋଜନାକୁ ସରଳ କରିବାକୁ ଏହାର ନିୟମ ଏବଂ ନିୟମାବଳୀରେ ସଂଶୋଧନ କରାଯିବ। ଶସ୍ତା ମୂଲ୍ୟରେ ଏବଂ ସହଜ ନିୟମ ଅନୁଯାୟୀ ଫସଲ ବୀମାଭୁକ୍ତ ହେବା ପାଇଁ ବ୍ୟବସ୍ଥା କରାଯିବ।

## ୨୬/୧୧ ମୁମ୍ବାଇ ଆକ୍ରମଣ ଅଭିଯୁକ୍ତ ତହୱୁର ରାଣାଙ୍କୁ ଅଣାଯିବ ଭାରତ

**ଆମେରିକା ଦେଲା ସବୁଜ ସଙ୍କେତ**

**ନୂଆଦିଲ୍ଲୀ, ୧।୧:** ଭାରତକୁ ମିଳିଲା ବଡ଼ ସଫଳତା। ୨୬/୧୧ ମୁମ୍ବାଇ ଆକ୍ରମଣ ଅଭିଯୁକ୍ତ ତହୱୁର ରାଣାଙ୍କୁ ଭାରତ ଆଣିବାର ପଥ ପରିଷ୍କାର ହୋଇଛି। ରାଣାଙ୍କ ପ୍ରତ୍ୟର୍ପଣ ପାଇଁ ସବୁଜ ସଙ୍କେତ ଦେଇଛନ୍ତି ଆମେରିକା କୋର୍ଟ। କୋର୍ଟ ୨୦୨୪ ଅଗଷ୍ଟରେ ନିଜର ରାୟ ଦେବା ବେଳେ ଭାରତ-ଆମେରିକା ପ୍ରତ୍ୟର୍ପଣ ଚୁକ୍ତି ଅଧୀନରେ ରାଣାଙ୍କୁ ଭାରତ ପଠାଇବାକୁ ମଞ୍ଜୁରୀ ଦେଇଥିଲେ। ଏବେ ଭାରତ ତାଙ୍କୁ ଜଲଦି ଫେରାଇ ଆଣିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ରାଣା ୨୬/୧୧ ମାଷ୍ଟରମାଇଣ୍ଡ ଡେଭିଡ୍ କୋଲମାନ ହେଡଲିଙ୍କୁ ସାହାଯ୍ୟ କରିଥିଲେ ବୋଲି ଅଭିଯୋଗ ରହିଛି। ହେଡଲି ମୁମ୍ବାଇରେ ସ୍ଥାନଗୁଡ଼ିକର ରେକି କରିଥିଲେ ଅର୍ଥାତ୍ ସ୍ଥାନଗୁଡ଼ିକୁ ବୁଲି ଦେଖିଥିଲେ। ଏହାପୂର୍ବରୁ ଭାରତ ଆମେରିକୀୟ କୋର୍ଟରେ ଦୃଢ଼ ପ୍ରମାଣ ଉପସ୍ଥାପନ କରିଥିଲା। ଏଥିରେ ରାଣାଙ୍କ ସମ୍ପୃକ୍ତି ସ୍ପଷ୍ଟ ରୂପରେ ଦେଖାଯାଇଥିଲା। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଭାରତରେ ରାଣାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଆମେରିକୀୟ ମାମଲାଗୁଡ଼ିକଠାରୁ ଭିନ୍ନ। ଦୁଇ ଦେଶ ମଧ୍ୟରେ ଯେଉଁ ଚୁକ୍ତିନାମା ହୋଇଛି, ତାହା ଅନୁସାରେ ତାଙ୍କୁ ଭାରତ ପଠାଯାଇପାରିବ। ଏଫବିଆଇ ରାଣାଙ୍କୁ ୨୦୦୯ରେ ଚିକାଗୋରୁ ଗିରଫ କରିଥିଲା। ସେ ପାକିସ୍ତାନର ଆଇଏସଆଇ ଏବଂ ଲସ୍କର-ଏ-ତାଏବାର ଜଣେ ଅପରେଟିଭ୍ ବୋଲି କୁହାଯାଉଛି। ଏବେ ତାଙ୍କୁ ଭାରତ ଆଣିବା ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଆତଙ୍କବାଦୀ ସଙ୍ଗଠନକୁ ସାହାଯ୍ୟ କରିବା ଏବଂ ଡେନମାର୍କରେ ଆତଙ୍କୀ ଆକ୍ରମଣର ବିଫଳ ଷଡ଼ଯନ୍ତ୍ର ରଚିବା ପାଇଁ କୋର୍ଟ ରାଣାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ତେବେ ଭାରତରେ ହୋଇଥିବା ଆକ୍ରମଣ ଅଭିଯୋଗକୁ କୋର୍ଟ ପ୍ରତ୍ୟାଖ୍ୟାନ କରିଥିଲେ। କିନ୍ତୁ କୋର୍ଟ କହିଥିଲେ ଯେ ସେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିଲେ ଏବଂ ତାଙ୍କୁ ଭାରତ ପ୍ରତ୍ୟର୍ପଣ କରାଯିବା ଉଚିତ୍।

## ସୁରତ ଷ୍ଟିଲ ପ୍ଲାଣ୍ଟରେ ଅଗ୍ନିକାଣ୍ଡ, ୪ ମୃତ

**ଅହମ୍ମଦାବାଦ, ୧।୧:** ଗୁଜରାଟ ସୁରତ ଷ୍ଟିଲ କାରଖାନାରେ ବଡ଼ ଧରଣର ଅଗ୍ନିକାଣ୍ଡ।୪ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଶ୍ରମିକ ଆହତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଗୁଜରାଟର ସୁରଟର ହାଜିରା ଶିଳ୍ପାଞ୍ଚଳର ଥିବା ଏକ ଇସ୍ପାତ କାରଖାନାରେ ଏଭଳି ଅଘଟଣ ଘଟିଛି।ସୁରତ ପୋଲିସ ଆୟୁକ୍ତ ଅନୁପମ ସିଂ ଗେହଲତ କହିଛନ୍ତି କି, ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ଲିମିଟେଡରେ ଏହି ଘଟଣା ଘଟିଛି। ସେ କହିଛନ୍ତି, ଜଳୁଥିବା କୋଇଲା ହଠାତ୍ ବ୍ୟାପିଯିବାରୁ ନିଆଁ ବ୍ୟାପି ଯାଇଥିଲା। ନିଆଁ ଲାଗିବାରୁ ୪ ଜଣ ଶ୍ରମିକଙ୍କ ଜୀବନ ଚାଲିଯାଇଛି। ଏହି ଅଗ୍ନିକାଣ୍ଡରେ କାରଖାନାର ଏକ ଲିଫ୍ଟରେ ଥିବା ୪ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି।ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି ପୋଲିସ।କମ୍ପାନୀର ମୁଖପାତ୍ର କହିଛନ୍ତି ଯେ, କୋରେକ୍ସ ପ୍ଲାଣ୍ଟରେ ଯନ୍ତ୍ରପାତି ବିଫଳତା ହେତୁ ଏହି ଘଟଣା ଘଟିଛି।ତେବେ ଯେଉଁମାନଙ୍କ ଜୀବନ ଚାଲିଯାଇଛି, ସେମାନଙ୍କ ପରିବାରକୁ ଯଥାସମ୍ଭବ ସହାୟତା ପ୍ରଦାନ କରାଯିବ।ଏବେ ଆପତ୍ତକାଳୀନ ପ୍ରୋଟୋକୋଲ ତୁରନ୍ତ ସକ୍ରିୟ କରିଦିଆଯାଇଛି।ସ୍ଥାନୀୟ ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି।ତେବେ ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ ଯାଞ୍ଚ ଚାଲିଛି। ସୂଚନାଯୋଗ୍ୟ, ତାମିଲନାଡୁ ଡିଣ୍ଡିଗୁଲର ଏକ ଘରୋଇ ହସ୍ପିଟାଲରେ ଭୟାଭୟ ଅଗ୍ନିକାଣ୍ଡ ଘଟିଥିଲା।ଅଗ୍ନିକାଣ୍ଡରେ ୬ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୨୦ ଆହତ ହୋଇଥିଲେ। ଗୁରୁବାର ରାତି ୧୦ଟା ସମୟରେ ତ୍ରିଚି ରୋଡସ୍ଥିତ ସିଟି ହସ୍ପିଟାଲରେ ନିଆଁ ଲାଗିଯାଇଥିଲା।ନିଆଁର ପ୍ରକୋପ ଏତେ ଥିଲାଯେ ଏହା ସଙ୍ଗେ ସଙ୍ଗେ ଉପର ମହଲାକୁ ବ୍ୟାପି ଯାଇଥିଲା।

## ଜଳଗାଓଁରେ ହିଂସା ▶ ଦୁଇ ଗୋଷ୍ଠୀ ମଧ୍ୟରେ ପଥର ଫିଙ୍ଗା, କର୍ଫ୍ୟୁ ଜାରି

**ଜଲଗାଓଁ, ୧।୧:** ମହାରାଷ୍ଟ୍ରର ଜଲଗାଓଁରେ ଦୁଇ ଗୋଷ୍ଠୀ ମଧ୍ୟରେ ପଥର ଫିଙ୍ଗିବା ମାମଲା ଘଟିଛି। ଶିବସେନା ମନ୍ତ୍ରୀ ଗୁଲାବରାଓ ପାଟିଲଙ୍କ ପରିବାର କାରରେ ଯାଉଥିବା ସମୟରେ ହର୍ଣ୍ଣ ବଜାଇବାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହା ସହିତ ଉତ୍ତେଜନା ବଢ଼ିବା ସହ ହିଂସାକାଣ୍ଡ ଆରମ୍ଭ ହୋଇଥିଲା।



ସୂଚନାନୁସାରେ, ମଙ୍ଗଳବାର ରାତିରେ ଜଲଗାଓଁ ଜିଲ୍ଲାର ପାଲାଡି ଗ୍ରାମରେ ପଥର ଫିଙ୍ଗିବା ସହ ଅଗ୍ନିକାଣ୍ଡ ଘଟଣା ଘଟିଛି। ଜଲଗାଓଁରେ ଏହି ବିବାଦ ଆରମ୍ଭ ହୋଇଥିଲା ଯେତେବେଳେ ଶିବସେନା ମନ୍ତ୍ରୀ ଗୁଲାବରାଓ ପାଟିଲଙ୍କ ପରିବାର ଯେଉଁ ଗାଡି ଚଳାଉଥିଲେ ସେହି ଡ୍ରାଇଭର ହର୍ଣ୍ଣ ବଜାଇବା ଆରମ୍ଭ କରିଥିଲେ ସେତେବେଳେ ଲୋକମାନେ ଅସନ୍ତୁଷ୍ଟ ହୋଇଥିଲେ। ଏହାକୁ ନେଇ କର୍ମୀମାନଙ୍କ ମଧ୍ୟରେ ବାଦବିବାଦ ଆରମ୍ଭ ହୋଇଥିଲା। ଏହି କାରଣରୁ କ୍ରୋଧିତ ଜନତା ପଥର ଫିଙ୍ଗିବା ଆରମ୍ଭ କରିଥିଲେ ଏବଂ ହିଂସାକାଣ୍ଡ ଘଟିଥିଲା। ଉତ୍ତ୍ୟକ୍ତ ଲୋକେ ଦୋକାନ ଓ ଗାଡିରେ ନିଆଁ ଲଗାଇବା ଆରମ୍ଭ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ୨୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି ଏବଂ ଏପର୍ଯ୍ୟନ୍ତ ପ୍ରାୟ ୧୦ ଜଣଙ୍କୁ ଗିରଫ କରିଛି। ଏହି ପ୍ରସଙ୍ଗରେ ଜଲଗାଓଁ ଏଏସପି କବିତା ନେରକର କହିଛନ୍ତି, ସୋମବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଗାଁରେ କର୍ଫ୍ୟୁ ଲାଗୁ କରାଯାଇଛି। ମଙ୍ଗଳବାର ରାତିରେ ଧାରଣ ଗ୍ରାମ ପୁଲିସ ଷ୍ଟେସନ ଅନ୍ତର୍ଗତ ପର୍ଦା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ସାମାନ୍ୟ ଘଟଣାକୁ ନେଇ ବିବାଦ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଲୋକମାନେ କିଛି ଦୋକାନରେ ନିଆଁ ଲଗାଇ ଦେଇଥିଲେ। ତେଣୁ ପୁଲିସ ଏହି ଅଞ୍ଚଳରେ ବହୁ ସଂଖ୍ୟକ ପୁଲିସ ଟିମ୍ ନିୟୋଜିତ କରିଛି ଯାହା ପରେ ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ଆଭ୍ୟନ୍ତରୀଣ ବିବାଦ କାରଣରୁ ଘଟିଥିବା ଏହି ଘଟଣାରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରାୟ ୨୦-୨୫ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏଥିସହ ଶାନ୍ତି ବଜାୟ ରଖିବାକୁ ପୁଲିସ ସମସ୍ତଙ୍କୁ ନିବେଦନ କରିଛି।

# ନୂଆବର୍ଷର ପ୍ରଥମ ଦିନ: ରକ୍ତରେ ଭାସିଲା ଗାଜା

**ଗାଜା, ୧।୧:** ଉତ୍ସବ, ଆନନ୍ଦ ଏବଂ ନୂତନ ଆଶା ସହିତ ସମଗ୍ର ବିଶ୍ୱ ନୂତନ ବର୍ଷରେ ପ୍ରବେଶ କରିଥିବାବେଳେ ଗାଜାରେ ନୂତନ ବର୍ଷର ପ୍ରଥମ ଦିନ ମଧ୍ୟ ରକ୍ତରେ ଭାସିଛି। ୨୦୨୫ ବର୍ଷର ପ୍ରଥମ ଦିନରେଗାଜା ଯୁଦ୍ଧ ଏହାର ୪୫୩ ତମ ଦିନରେ ପ୍ରବେଶ କରିଛି, ବର୍ଷର ପ୍ରଥମ ଦିନରେ ମଧ୍ୟ ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ ଜାରି ରଖିଛି। ବୁଧବାର ଉତ୍ତର ଜବାଲିଆ ଏବଂ କେନ୍ଦ୍ରୀୟ ଅଲ-ବୁରିଜ କ୍ୟାମ୍ପରେ ଇସ୍ରାଏଲ ବୋମା ବିସ୍ଫୋରଣରେ ୧୭ ପାଲେଷ୍ଟାଇନୀୟଙ୍କର ମୃତ୍ୟୁ ଘଟିଛି। ଏହା ସହିତ ରିଲିଫ କ୍ୟାମ୍ପରେ ମଧ୍ୟ ଲୋକଙ୍କ ଜୀବନ ଯାଇଛି। ଗତ କିଛି ଦିନ ହେବ ବର୍ଷା ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି। ବର୍ଷା ତମ୍ବୁକୁ ବୁଡ଼ାଇ ଦେଇଛି



ଏବଂ ଗାଜାରେ ଇସ୍ରାଏଲର ପ୍ରତିବନ୍ଧକ ପରିସ୍ଥିତିକୁ ଆହୁରି ଖରାପ କରୁଛି।

ମିଳିତ ଜାତିସଂଘ କହିଛି ଯେ, ଗାଜାର ଡାକ୍ତରଖାନା ଉପରେ ଇସ୍ରାଏଲର ଆକ୍ରମଣ ଯୋଗୁ ସ୍ୱାସ୍ଥ୍ୟ ସେବାକୁ ନଷ୍ଟ ହୋଇଯାଇଛି। ଜାତିସଂଘ ଏହା ମଧ୍ୟ କହିଛି ଯେ, ଏହି ଆକ୍ରମଣ କରିବା ପଛରେ ଇସ୍ରାଏଲର କାରଣ, ପାଲେଷ୍ଟାଇନ ସଶସ୍ତ୍ର ଗୋଷ୍ଠୀ ଏହି ସୁବିଧା ବ୍ୟବହାର କରୁଛନ୍ତି। ଏହା ମି ଇସ୍ରାଏଲ୍ ଆକ୍ରମଣ ପରେ ମଧ୍ୟ ହମାସ୍‌ର ଅଲ-କାସାମ ବ୍ରିଗେଡ୍ ଇସ୍ରାଏଲ୍ ବାହିନୀ ଏବଂ ବସ୍ତିବାସିନ୍ଦାଙ୍କୁ ଟାର୍ଗେଟ କରିଚାଲିଛି। ହମାସ୍‌ର ସାମରିକ ୱିଙ୍ଗ ଅଲ-କାସାମ ବ୍ରିଗେଡ ଘୋଷଣା କରିଛି ଯେ ଏହାର ଯୁଦ୍ଧବିମାନ ଇସ୍ରାଏଲର ନେଟିଭୋଟ ବସ୍ତିରେ ରକେଟ ମାଡ଼ କରିଛି।

## ଗୁଜରାଟରେ ଭୂକମ୍ପ ଝଟକା

**ନୂଆଦିଲ୍ଲୀ, ୧।୧:** ପୁଣି ଥରିଲା ଗୁଜୁରାଟ। ଆଜୁ ଗୁଜୁରାଟରେ କୁଚ୍ ଜିଲ୍ଲାରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି।ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୨ ରେକର୍ଡ କରାଯାଇଛି। ତେବେ ଏହି ଭୂକମ୍ପଜନିତ ଆହତ କିମ୍ବା କ୍ଷୟକ୍ଷତି ସମ୍ବନ୍ଧରେ ଏବେ ସୁଦ୍ଧା କୌଣସି ସୂଚନା ମିଳିପାରିନାହିଁ। ଭୂକମ୍ପ ସମୟରେ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇ ସୁରକ୍ଷିତ ସ୍ଥାନକୁ ଚାଲି ଯାଇଥିଲେ। ଜାତୀୟ ଭୂକମ୍ପ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଆଜି (ବୁଧବାର) ସକାଳେ ଗୁଜୁରାଟର କୁଚ୍ ଜିଲ୍ଲାରେ ୩.୨ ତୀବ୍ରତାର ଏହି ଭୂକମ୍ପ ଅନୁଭୂତ ହୋଇଛି। ଏହି ଭୂମିକମ୍ପର ଗଭୀରତା ୨୩ କିଲୋମିଟର। ଅନ୍ୟପଟେ ଭୂକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତି ସୂଚନା ମିଳିନି।

# ବିଜେପି ବିରୋଧରେ ମୋହନ ଭାଗବତଙ୍କୁ ଚିଠି ଲେଖିଲେ କେଜ୍ରିୱାଲ

**ନୂଆଦିଲ୍ଲୀ, ୧।୧:** ଦୁଇ ଦିନ ତଳେ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଏଥିରେ ସେ ବିଜେପି ନାଁରେ କିଛି ଅଭିଯୋଗ ଆଣିଥିବା ବେଳେ ସେଗୁଡ଼ିକୁ ଆରଏସଏସ କେମିତି ନଜରରେ ଦେଖୁଛି ବୋଲି ମୋହନ ଭାଗବତଙ୍କୁ ପ୍ରଶ୍ନ କରିଛନ୍ତି କେଜ୍ରିୱାଲ। ଅନ୍ୟପକ୍ଷରେ ଆଜି ଏହାକୁ କାଉଣ୍ଟର କରି ଦିଲ୍ଲୀ ବିଜେପି ପକ୍ଷରୁ ଅରବିନ୍ଦ କେଜ୍ରିୱାଲଙ୍କ ନିକଟକୁ ଏକ ଚିଠି ଲେଖାଯାଇଛି ଓ ନୂଆ ବର୍ଷରେ ୫ଟି ସଂକଳ୍ପ ନେବାକୁ ପରାମର୍ଶ ଦିଆଯାଇଛି। ଗତ ଡିସେମ୍ବର ୩୦ ତାରିଖରେ କେଜ୍ରିୱାଲ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ନିକଟକୁ ପଠାଇଥିବା ଚିଠିରେ ଲେଖିଛନ୍ତି, "ଗଣମାଧ୍ୟମରେ ଖବର ଆସୁଛି ଯେ ଦିଲ୍ଲୀ ନିର୍ବାଚନରେ ବିଜେପି ପାଇଁ ଭୋଟ୍ ମାଗିବ ଆରଏସଏସ। ଏହା କ'ଣ ଠିକ୍? ଏହା ପୂର୍ବରୁ ଲୋକେ ଆପଣଙ୍କଠାରୁ ଜାଣିବାକୁ ଚାହୁଁଛନ୍ତି ଯେ ଅତୀତରେ ବିଜେପି ଯେଉଁ ଭୁଲ୍ କାମ କରିଛି, ଆରଏସଏସ୍ କ'ଣ ସେଗୁଡ଼ିକୁ ସମର୍ଥନ କରୁଛି? ବିଜେପି ନେତାମାନେ ଖୋଲାଖୋଲି ଭାବେ ଟଙ୍କା ଦେଇ ଭୋଟ୍ କିଣୁଛନ୍ତି। ଆରଏସଏସ କ'ଣ ଏହାକୁ ସମର୍ଥନ କରୁଛି? ବ୍ୟାପକ ସଂଖ୍ୟକ ଗରିବ, ଦଳିତ, ପୂର୍ବାଞ୍ଚଳ ଲୋକ ଓ ବସ୍ତିବାସିନ୍ଦା ଯେପରି ଭୋଟ୍ ନଦେଇ ପାରିବେ, ସେ ନେଇ ପ୍ରୟାସ କରୁଛି ବିଜେପି। ସେମାନେ ବହୁ ବର୍ଷ ଧରି ଦିଲ୍ଲୀରେ ରହୁଥିଲେ ହେଁ ସେମାନଙ୍କ ଅଧିକାର ଛଡ଼ାଇ ନେବାକୁ ପ୍ରୟାସ କରାଯାଉଛି। ଆରଏସଏସକୁ କ'ଣ ଲାଗୁଛି, ଏଭଳି କରିବା ଭାରତୀୟ ଗଣତନ୍ତ୍ର ପାଇଁ ଠିକ୍? ଆପଣଙ୍କୁ କ'ଣ ଲାଗୁନି ଯେ ବିଜେପି ଏହିଭଳି ଭାବେ ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରି ଦେଉଛି।" କେଜ୍ରିୱାଲଙ୍କ ଏହି ଚିଠିର ଜବାବରେ ଦିଲ୍ଲୀ ବିଜେପି ପକ୍ଷରୁ ତାଙ୍କ ନିକଟକୁ ଏକ ଚିଠି ପଠାଯାଇଛି। ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବା ତାଙ୍କ ପାଖକୁ ପଠାଇଥିବା ଚିଠିରେ ନୂଆ ବର୍ଷରେ ୫ଟି ସଂକଳ୍ପ ନେବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ସଚଦେବ ଲେଖିଛନ୍ତି, ମୋର ବିଶ୍ୱାସ ଅଛି ଯେ ଆପଣ ଆଉ କେବେ ବି ଆପଣଙ୍କ ଛୁଆଙ୍କ ନାଁ ନେଇ ମିଛ ଶପଥ ନେବେ ନାହିଁ। ଆପଣ ମିଛ ପ୍ରତିଶ୍ରୁତି ଦେଇ ଦିଲ୍ଲୀର ମହିଳା, ବରିଷ୍ଠ ନାଗରିକ ଓ ଧାର୍ମିକ ବ୍ୟକ୍ତିଙ୍କ ଭାବନା ସହ ଖେଳିବେ ନାହିଁ। ଦିଲ୍ଲୀରେ ମଦ ବିକ୍ରିକୁ ପ୍ରୋତ୍ସାହିତ କରିଥିବାରୁ ଦିଲ୍ଲୀବାସୀଙ୍କୁ କ୍ଷମା ମାଗିବେ। ଯମୁନା ନଦୀକୁ ସଫା କରିବା ନାଁରେ ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ଓ ଏଥିରେ ହୋଇଥିବା ଦୁର୍ନୀତି ପାଇଁ ଆପଣ ସର୍ବଜନରେ କ୍ଷମା ମାଗିବେ। ଆପଣ ରାଜନୀତିକ ସ୍ୱାର୍ଥ ପାଇଁ ବିରୋଧୀଙ୍କ ସହି ନମିଶିବା ଓ ଚାନ୍ଦା ନ ନେବା ପାଇଁ ସଂକଳ୍ପ ନେବେ। କେଜ୍ରିୱାଲଙ୍କ ଉଦ୍ଦେଶ୍ୟରେ ଶ୍ରୀ ସଚଦେବ ଆହୁରି ଲେଖିଛନ୍ତି, ଆଶା କରୁଛି ଯେ ଆପଣ ମୋର ଏହି ପରାମର୍ଶଗୁଡ଼ିକୁ ଆପଣାଇ ମିଥ୍ୟା ଓ ଛଳକପଟରୁ ଦୂରେଇ ରହିବେ ଓ ନିଜକୁ ସୁଧାରି ନେବେ। ବିଜେପିର ରାଜ୍ୟସଭା ସାଂସଦ ସୁଧାଂଶୁ ତ୍ରିବେଦୀ କହିଛନ୍ତି ଯେ କେବଳ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ଅରବିନ୍ଦ କେଜ୍ରିୱାଲ ଆରଏସଏସ ମୁଖ୍ୟଙ୍କ ନିକଟକୁ ଚିଠି ଲେଖିଛନ୍ତି। କେଜ୍ରିୱାଲଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି, ସଂଘକୁ ଚିଠି ଲେଖ ନାହିଁ। ଏହାଠାରୁ କିଛି ଶିଖ। ରାଜନୀତିକ ରଣକୌଶଳ ଛାଡ଼ି



ସେବା କେମିତି କରାଯାଏ, ତାହା ଶିଖ।

ଗତ ରବିବାର କେଜ୍ରିୱାଲ କହିଥିଲେ ଯେ ଦିଲ୍ଲୀ ନିର୍ବାଚନ ପାଇଁ ବିଜେପି ପାଖରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ କି ପ୍ରାର୍ଥୀ ମଧ୍ୟ ନାହାନ୍ତି। ବିଜେପି ଯେମିତି ସେମିତି କରି ଅର୍ଥାତ୍ ଭୁଲ୍ ଉପାୟ ଆପଣାଇ ନିର୍ବାଚନ ଜିତିବା ଲକ୍ଷ୍ୟରେ ରହିଛି। କିନ୍ତୁ ଦିଲ୍ଲୀବାସୀ ସେପରି ହେବାକୁ ଦେବେନି। ସେମାନେ (ବିଜେପି) ମହାରାଷ୍ଟ୍ର ଓ ହରିୟାଣାରେ ଯେମିତି ନିର୍ବାଚନ ଜିତିଲେ, ସେ କୌଶଳ ଏଠାରେ ଆପଣାଇବାକୁ ଚାହିଁବେ। କିନ୍ତୁ ସେମାନଙ୍କୁ ସେଭଳି କରିବାକୁ ଦିଆଯିବ ନାହିଁ। ସୂଚନାଯୋଗ୍ୟ, ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଚଳିତ ବର୍ଷ ଫେବ୍ରୁଆରୀ ମାସରେ ନିର୍ବାଚନ ହୋଇପାରେ।

## ବର୍ଡର ଗାଭାସ୍କର ଟ୍ରଫି

# ଶେଷ ଯୁଦ୍ଧ ପାଇଁ ସିଡନୀରେ ଟିମ୍ ଇଣ୍ଡିଆ

### ୩ରୁ ନୂଆବର୍ଷ ଟେଷ୍ଟ

**ସିଡନୀ ୦୧/୦୧:** ଚଳିତ ବର୍ଡର ଗାଭାସ୍କର ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ଖେଳିବା ପାଇଁ ଭାରତୀୟ ଦଳ ମଙ୍ଗଳବାର ସିଡନୀରେ ପହଞ୍ଚିଛି। ୩ ତାରିଖରୁ ନୂଆ ବର୍ଷ ଟେଷ୍ଟ ଆରମ୍ଭ ହେବ। ଆଜିଠୁ ଅଭ୍ୟାସ କରିବ ଭାରତୀୟ ଟିମ୍। ଅବଶ୍ୟ ୩ଦିନ ମଧ୍ୟରେ ଅଭ୍ୟାସ କରିବା ଅପେକ୍ଷା ବିଶ୍ରାମ ନେବା ଶ୍ରେୟସ୍କର ହେବ। ଦଳର କିଛି ଖେଳାଳି ସିଡନୀରେ ପହଞ୍ଚି ନୂଆ ବର୍ଷ କଟାଇବା ପାଇଁ ପରିବାର ସହ ବୁଲାବୁଲି କରୁଥିବା ଦେଖିବାକୁ ମିଳୁଛି। ମେଲବର୍ଣ୍ଣରେ ଅନୁଷ୍ଠିତ ବକ୍ସିଂ ଡେ' ଟେଷ୍ଟରେ ଭାରତୀୟ ଦଳର ପ୍ରମୁଖ ବୋଲର ଯଶପ୍ରୀତ ବୁମରା କଠିନ ପରିଶ୍ରମ କରିଥିଲେ। ଉଭୟ ଇନିଂସରେ ସେ ମୋଟ୍ ୫୩.୨ ଓଭର ବୋଲିଂ କରିଥିଲେ। ସେହିପରି ମହମ୍ମଦ ସିରାଜ ୪୬ ଓଭର ଓ ଆକାଶ ଦୀପ ୪୩ ଓଭର ବୋଲିଂ କରିଥିଲେ। ସିଡନୀରେ ମଧ୍ୟ ପୂର୍ଣ୍ଣ ୫ଦିନ ଧରି ଘମାଘୋଟ ଲଢେଇ ହେବା ନିଶ୍ଚିତ। ତେଣୁ ପେସ୍ ବାହିନୀଙ୍କୁ ଉପଯୁକ୍ତ ବିଶ୍ରାମ ନେବା ଜରୁରି। ଆସନ୍ତାକାଲି ଟିମ ମ୍ୟାନେଜମେଣ୍ଟର ବୈଠକ ବସିପାରେ। ପଞ୍ଚମ ଟେଷ୍ଟ ପାଇଁ ଏକାଦଶ ଚୟନ ଓ ରଣନୀତି ପ୍ରସ୍ତୁତ କରିବା ବୈଠକର ମୁଖ୍ୟ ବିଷୟ ରହିବ।



### କୋହଲିଙ୍କ ଫୁଟ ୱାର୍କରେ ରହିଛି ତ୍ରୁଟି

ଗାଭାସ୍କର ଭାରତୀୟ କ୍ରିକେଟ୍ ଦଳ ମେଲ୍‌ବର୍ଣ୍ଣରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟରେ ୧୮୪ ରନ୍‌ରେ ପରାଜିତ ହୋଇଥିଲା। ଅଷ୍ଟ୍ରେଲିଆ ୨-୧ରେ ସିରିଜ ଆଗୁଆ ରହିଛି। ୩ତାରିଖରୁ ପଞ୍ଚମ ଟେଷ୍ଟ ଆରମ୍ଭ ହେବ। ଭାରତ ଉକ୍ତ ମ୍ୟାଚ୍ ଜିତିଲେ ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିବ। ମାତ୍ର ଏହା ପୂର୍ବରୁ ସିନିୟର ବ୍ୟାଟରଙ୍କୁ ତ୍ରୁଟି ସୁଧାରିବାକୁ ହେବ। ପର୍ଥ ପରେ କ୍ରମାଗତ ୩ଟି ଟେଷ୍ଟରେ ବିଫଳ ହୋଇଥିବା ବିରାଟ କୋହଲିଙ୍କ ଫୁଟୱାର୍କରେ ତ୍ରୁଟି ଖୋଜି ପାଇଛନ୍ତି ପୂର୍ବତନ କ୍ରିକେଟ୍ ଖେଳାଳି ସୁନିଲ ଗାଭାସ୍କର। ସେ କହିଛନ୍ତି, ସଟ୍ ଖେଳିବାପୂର୍ବରୁ କୋହଲିଙ୍କ ଫ୍ରଣ୍ଟ ଫୁଟ୍ ବଲ୍ ଆଡ଼କୁ ନଯାଇ ସିଧା ଆଗକୁ ଯାଉଛି। ଫଳରେ ବଲର ଲାଇନ୍ ପରଖିବାରେ ସେ ବିଫଳ ହେଉଛନ୍ତି। ସେ ନଚାହିଁଲେ ମଧ୍ୟ ଅଫ ଷ୍ଟମ୍ପ ବାହାର ବଲରେ ବ୍ୟାଟ୍ ଲଗାଇ ଦେଉଛନ୍ତି। ବଲ୍ ଲାଇନ୍ ଆଡ଼କୁ ଗୋଡ଼ ବଢ଼ିଲେ ସଟ୍ ଚୟନ ସହଜ ହେବ। **ବୁମରା ବିଶ୍ୱର ଶ୍ରେଷ୍ଠ ବୋଲର:** ଲେହମାନ ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ପେସ୍ ବୋଲର ଯଶପ୍ରୀତ ବୁମରାଙ୍କୁ ପୂର୍ବତନ ଅଷ୍ଟ୍ରେଲିଆ ଖେଳାଳି ଡାରେନ ଲେହମାନ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ମୋ କ୍ରିକେଟ୍ କ୍ୟାରିୟର୍‌ରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ମୁଁ ଯେତେ ବୋଲରଙ୍କୁ ଦେଖିଛି, ସେମାନଙ୍କ ମଧ୍ୟରେ ବୁମରା ଶ୍ରେଷ୍ଠ। ମୁଁ ୱାସିମ ଆକ୍ରମ, ଗ୍ଲେନ ମ୍ୟାକ୍‌ଗ୍ରା, କର୍ଟନୀ ୱାଲ୍ସଙ୍କ ଭଳି ପେସ୍ ବୋଲରଙ୍କୁ ସାମ୍ନା କରିଛି। ଜେମ୍ସ ଆଣ୍ଡରସନଙ୍କ ଭଳି ପ୍ରସିଦ୍ଧ ବୋଲରଙ୍କୁ ଖେଳିଛି। ତଥାପି ମୋ ନଜରରେ ବୁମରା ଶ୍ରେଷ୍ଠ। ସେ ମୋତେ ବେଶ୍ ପ୍ରଭାବିତ କରିଛନ୍ତି। ଏଭଳି ଅନ୍ୟ କୌଣସି ବୋଲର ମୋତେ ପ୍ରଭାବିତ କରିନଥିଲେ। ୨୦୧୩/୧୪ ଆସେସରେ ମିଚେଲ ଜନସନଙ୍କ ବୋଲିଂ ପ୍ରଭାବଶାଳୀ ରହିଥିଲା। ମାତ୍ର ବୁମରା ଏକୁଟିଏ ଏହି ସିରିଜରେ ଆତଙ୍କ ଖେଳାଇ ରଖିଛନ୍ତି।

### ରୋହିତଙ୍କ ମାନସିକତା ବୁଝି ହେଉନି: ଗାଙ୍ଗୁଲି

ବକ୍ସିଂ ଡେ' ଟେଷ୍ଟରେ ଭାରତର ପରାଜୟ ପରେ ଅଧିନାୟକ ରୋହିତ ଶର୍ମା ତୀବ୍ର ସମାଲୋଚିତ ହୋଇଛନ୍ତି। ତାଙ୍କୁ ଅଦରକାରୀ ବସ୍ତୁ ଭାବେ ବର୍ଣ୍ଣନା କରାଯାଉଛି। କିଛି ମାସ ତଳେ ରୋହିତଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଭାରତ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜିତିଥିଲା। ଏହା ପୂର୍ବରୁ ଦଳ ଦିନିକିଆ ବିଶ୍ୱକପ ଫାଇନାଲ୍‌ରେ ପ୍ରବେଶ କରିଥିଲା। ରୋହିତଙ୍କ ବ୍ୟାଟିଂ ଯୋଗୁଁ ଏହା ସମ୍ଭବ ହୋଇଥିଲା। ମାତ୍ର ଏଥର ସେ ଫର୍ମରେ ନାହାନ୍ତି। ଦଳରେ ଅନ୍ୟ କିଛି ବ୍ୟାଟରମାନେ ମଧ୍ୟ ଫର୍ମ ହରାଇଛନ୍ତି। କିନ୍ତୁ ରୋହିତଙ୍କୁ ସବୁ ସମାଲୋଚନା କରୁଛନ୍ତି। ସୌରଭ ଗାଙ୍ଗୁଲି କହିଛନ୍ତି, ମୁଁ ବର୍ତ୍ତମାନ ରୋହିତଙ୍କ ମାନସିକତାକୁ ବୁଝିବାରେ ବିଫଳ ହୋଇଛି। ସେହିପରି ଜଷ୍ଟିନ ଲାଙ୍ଗର କହିଛନ୍ତି, ମୋ ମତରେ ରୋହିତ କ୍ଳାନ୍ତ ହୋଇପଡ଼ିଛନ୍ତି। ମୁଁ ତାଙ୍କୁ ଏଭଳି କେବେ ଦେଖି ନଥିଲି। ସେ ଗ୍ରାଉଣ୍ଡରେ ଭାବ ବିହ୍ୱଳ ହୋଇପଡୁଛନ୍ତି। ସେ ସର୍ବଦା ଶାନ୍ତ ମନରେ ବିନା ଚାପରେ ଖେଳି ଆସିଛନ୍ତି। କିନ୍ତୁ ଏଥର ଛୋଟ ମୋଟ ତ୍ରୁଟିରେ ମଧ୍ୟ ବିରକ୍ତ ହେଉଛନ୍ତି। ମାନସିକ ସ୍ତରରେ ସେ କ୍ଳାନ୍ତ ଥିବା ମୁଁ ଅନୁଭବ କରୁଛି।

## ରବିନ୍ ଉଥପ୍ପାଙ୍କୁ ଆଶ୍ୱସ୍ତି

# ଆରେଷ୍ଟ ୱାରେଣ୍ଟ ଉପରେ ରୋକ ଲଗାଇଲେ ହାଇକୋର୍ଟ



**ନୂଆଦିଲ୍ଲୀ,୦୧/୦୧:** ଭାରତର ପୂର୍ବତନ କ୍ରିକେଟର ରବିନ୍ ଉଥପ୍ପାଙ୍କୁ ବଡ ଆଶ୍ୱସ୍ତି ମିଳିଛି। ଇପିଏଫ ଠକେଇ ମାମଲାରେ ରବିନ୍ ଉଥପ୍ପାଙ୍କ ଗିରଫ ପରୱାନା ଉପରେ ରୋକ୍ ଲଗାଇଛନ୍ତି କର୍ଣ୍ଣାଟକ ହାଇକୋର୍ଟ। ପିଏଫ ରିଜନାଲ କମିଶନର ଏସ ଗୋପାଳ ରେଡ୍ଡୀ ଡିସେମ୍ବର ୨୧ରେ ଉଥପ୍ପାଙ୍କ ନାମରେ ଆରେଷ୍ଟ ୱାରେଣ୍ଟ ଜାରି କରିଥିଲେ। ପୁଲକେଶିନଗର ପୋଲିସକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ୨୩ ଲକ୍ଷ ପିଏଫ ସ୍କାମରେ ରବିନ୍ ଉଥପ୍ପାଙ୍କ ନାମରେ ଗିରଫ ପରୱାନ ଜାରି ହୋଇଥିଲା।

ରବିନ୍ ଉଥପ୍ପା ସେଞ୍ଚୁରିସ ଲାଇଫଷ୍ଟାଇଲ ବ୍ରାଣ୍ଡ ପ୍ରାଇଭେଟ ନାମକ ଗୋଟିଏ କମ୍ପାନୀ ଚଳାଉଛନ୍ତି। ଏଠାରେ କାମ କରୁଥିବା କର୍ମଚାରୀଙ୍କ ଦରମାରୁ ସେ ପିଏଫ ବାବଦରେ ଟଙ୍କା କାଟୁଛନ୍ତି। କିନ୍ତୁ ଏହାକୁ ସେ ଜମା କରୁନାହାନ୍ତି। ଏହିପରି ସେ ୨୩ ଲକ୍ଷ ଟଙ୍କାର ପିଏଫ ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଡିସେମ୍ବର ୪ ତାରିଖରେ କମିଶନର ଗୋପାଳ ରେଡ୍ଡୀ ଆରେଷ୍ଟ ୱାରେଣ୍ଟକୁ କାର୍ଯ୍ୟକାରୀ କରିବାକୁ ପୋଲିସ କହିଥିଲେ। କିନ୍ତୁ ଉଥପ୍ପା ତାଙ୍କ ପୁରୁଣା ଠିକଣାରେ ରହୁ ନଥିବାରୁ ଉକ୍ତ ୱାରେଣ୍ଟ ପିଏଫ ଅଫିସକୁ ଫେରି ଆସିଥିଲା। ଏହାପରେ ଡିସେମ୍ବର ୨୧ରେ ଗିରଫ ପରୱାନ ଜାରି କରିଥିଲେ। ଉଥପ୍ପାଙ୍କ ନାମରେ ଇପିଏଫ ବା ଭବିଷ୍ୟନିଧି ପାଣ୍ଠି ହଡପ ଅଭିଯୋଗକୁ ଖଣ୍ଡନ କରିଥିଲେ। ଗିରଫ ୱାରେଣ୍ଟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ଶୁଣାଣି ଯାଏ ହାଇକୋର୍ଟ ୱାରେଣ୍ଟ ଉପରେ ରୋକ ଲଗାଇଛନ୍ତି। ଭାରତୀୟ କ୍ରିକେଟ ଟିମରେ ରବିନ ଉଥପ୍ପା ଜଣେ ଲୋକପ୍ରିୟ ଚେହେରା। ସେ ଭାରତ ପାଇଁ ୪୬ଟି ଦିନିକିଆ ଓ ୧୩ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ୨୦୦୭ ଟି-୨୦ ବିଶ୍ୱକପ ବିଜୟୀ ଦଳରେ ସାମିଲ ଥିଲେ ଉଥପ୍ପା।

# ଆୟୁଷ ମାହତ୍ରେଙ୍କ ରେକର୍ଡ, ଜୈସ୍ୱାଲଙ୍କୁ ଟପିଲେ



**ନୂଆଦିଲ୍ଲୀ,୦୧/୦୧:** ଗୋଟିଏ ପଟେ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ଦେଖିବାକୁ ମିଳିଛି। ଆଉ ଗୋଟିଏ ପଟେ ଭାରତୀୟ କ୍ରିକେଟରେ ଜଣେ ଷ୍ଟାର ଉଭା ହୋଇଛନ୍ତି। ମୁମ୍ବାଇର ଆୟୁଷ ମାହତ୍ରେ ଲିଷ୍ଟ-ଏ କ୍ରିକେଟରେ ୧୫୦ରୁ ଅଧିକ ରନ କରିଥିବା ସବୁଠୁ କମ ବର୍ଷୀୟ ଖେଳାଳି ହୋଇଛନ୍ତି। ଏହା ସହିତ ଯଶସ୍ୱୀ ଜୈସ୍ୱାଲଙ୍କ ରେକର୍ଡ ଭାଙ୍ଗିଛନ୍ତି। ମୁମ୍ବାଇ ଦଳର ଯୁବ ଷ୍ଟାର ବ୍ୟାଟର ଆୟୁଷ ମାହତ୍ରେ ବିଜୟ ହଜାରେ ଟ୍ରଫିରେ ୧୮୧ରନପ ଧୂଆଁଧାର ପାଳି ଖେଳିଛନ୍ତି। ଅହମ୍ମଦାବାଦ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ନାଗାଲାଣ୍ଡ ବିପକ୍ଷରେ ଏହି ରେକର୍ଡ କରିଛନ୍ତି। ୧୭ ବର୍ଷ ୧୬୮ ଦିନର ଆୟୁଷ ଏହି ଦମଦାର ରେକର୍ଡ ସହ ଜୈସ୍ୱାଲଙ୍କୁ ପଛରେ ପକାଇଛନ୍ତି। ୨୦୧୯ରେ ସମାନ ବୟସରେ ଜୈସ୍ୱାଲ ଝାଡଖଣ୍ଡ ବିପକ୍ଷରେ ଏହି ରେକର୍ଡ କରିଥିଲେ। ଚଳିତ ବିଜୟ ହଜାରେ ଟ୍ରଫିରେ ଆୟୁଷଙ୍କ ଏହି ରେକର୍ଡ ସହ ସେ କନିଷ୍ଠ ଖେଳାଳି ଭାବେ ଲିଷ୍ଟ ଏ କ୍ରିକେଟର ଭାବେ ୧୫୦ରନର ଇନିଂସ ଖେଳିଛନ୍ତି। ନାଗାଲାଣ୍ଡ ବିପକ୍ଷରେ ମାହତ୍ରେ ୧୧୭ ବଲରୁ ୧୮୧ ରନ କରିଥିଲେ। ଏଥିରେ ୧୮ଟି ଚୌକା ଓ ୧୧ଟି ଛକା ମାରିଥିଲେ। ମୁମ୍ବାଇ ୫୦ ଓଭରରେ ୭ ୱିକେଟ ହରାଇ ୪୦୩ ରନ କରିଥିଲା। ଆୟୁଷ ଦଳରେ ଯୋଗ ଦେବାପରେ ମୁମ୍ବାଇର ପ୍ରଦର୍ଶନରେ ଉନ୍ନତି ହୋଇଛି। ଜବାବରେ ନାଗାଲାଣ୍ଡ ୯ ୱିକେଟ ହରାଇ ୨୧୪ ରନ କରିବାକୁ ସକ୍ଷମ ହୋଇଥିଲା। ପୂର୍ବରୁ ଏହି ରେକର୍ଡ ଜୈସ୍ୱାଲଙ୍କ ନାମରେ ଥିଲା। ୨୦୧୯ରେ ଝାଡଖଣ୍ଡ ବିପକ୍ଷରେ ୧୫୪ ବଲ ଖେଳି ୨୦୩ ରନର ଇନିଂସ ଖେଳିଥିଲେ। ସେତେବେଳେ ତାଙ୍କ ବୟସ ୧୭ ବର୍ଷ ୨୯୧ ଦିନ ରହିଥିଲା। ଆୟୁଷ ମାହତ୍ରୋଙ୍କ ବୟସ ବର୍ତ୍ତମାନ ୧୭ ବର୍ଷ ୧୮୬ ଦିନ ରହିଛି।



# ବର୍ଷ ଆରମ୍ଭରୁ ଇତିହାସ ରଚିଲେ ଯଶପ୍ରୀତ ବୁମରା

## ଭାଙ୍ଗିଲେ ଅଶ୍ୱିନୀଙ୍କ ରେକର୍ଡ

**ନୂଆଦିଲ୍ଲୀ,୦୧/୦୧:** ଇଣ୍ଟରନ୍ୟାସନାଲ କ୍ରିକେଟ କାଉନସିଲ (ଆଇସିସି) ସଦ୍ୟ ରାଙ୍କିଂ ଜାରି କରିଛି। ଏଥରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଧମାଲ କରିଛନ୍ତି। ବର୍ଷ ଆରମ୍ଭରୁ ଇତିହାସ ରଚିଛନ୍ତି ବୁମରା। ଆଇସିସି ଟେଷ୍ଟ ବୋଲିଂ ରାଙ୍କିଂରେ ନମ୍ବର ୱାନ ସ୍ଥାନ କବଜା କରିଛନ୍ତି। ରାଙ୍କିଙ୍ଗ ପଏଣ୍ଟ ୯୦୭ ହୋଇଛି। ବୁମରା ଏହି ପଏଣ୍ଟ ହାସିଲ କରିବାରେ ପ୍ରଥମ ଭାରତୀୟ ବୋଲର ହୋଇଛନ୍ତି। ଏହା ସହିତ ପୂର୍ବ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନୀଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏହାପୂର୍ବରୁ ୨୦୧୬ରେ ୯୦୪ ପଏଣ୍ଟ ହାସଲ କରିଥିଲେ ଅଶ୍ୱିନୀ। ବୁମରା ଅଷ୍ଟ୍ରେଲିଆ ବିପକ୍ଷରେ ଧମଦାର ବୋଲିଂ କରିଥିଲେ। ଯାହାର ଫାଇଦା ଆଇସିସି ରାଙ୍କିଙ୍ଗ ହାସଲ କରିବାରେ ସହାୟକ ହୋଇଛି। ବୁମରା ୯୦୭ ପଏଣ୍ଟ ସହ ଇଂଲଣ୍ଡର ସ୍ପିନର ଡେରେକ ଅଡରବୁଡଙ୍କ ସହ ୧୭ତମ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ଇଂଲଣ୍ଡର ଦ୍ରୁତ ବୋଲର ସିଜନୀ ବାର୍ନେ ୯୩୨ ପଏଣ୍ଟ, ଜର୍ଜ ଲୋହମେନ ୯୩୧ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ଇମରାନ ଖାନ ୯୨୨ ଏବଂ ମୁଥେୟା ମୁରଲୀଧରନ ୯୨୦ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ବର୍ଡର ଗାଭାସ୍କର ଟ୍ରଫିରେ ବୁମରା ଟପ୍ ୱିକେଟ ଟେକର ହୋଇଛନ୍ତି। ୪ଟି ମ୍ୟାଚରେ ସେ ୮ଟି ପାଳିରେ ମୋଟ ୩୦ଟି ୱିକେଟ ନେଇଛନ୍ତି।

# ପିଭି ସିନ୍ଧୁ ସର୍ବାଧିକ ଆୟକାରୀ ବ୍ୟାଡ୍‌ମିଣ୍ଟନ ଖେଳାଳି



**ନୂଆଦିଲ୍ଲୀ,୦୧/୦୧:** ବ୍ୟାଡମିଣ୍ଟନ ତାରକା ପିଭି ସିନ୍ଧୁ ସର୍ବାଧିକ ଆୟକାରୀ ଖେଳାଳି ହୋଇଛନ୍ତି। ଦୁଇଥରର ଅଲମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ବିଦାୟୀ ବର୍ଷରେ କେବଳ ଗୋଟିଏ ମାତ୍ର ଟାଇଟଲ ଜିତିଛନ୍ତି। ତେବେ ବିଶ୍ୱର ମହିଳା ବ୍ୟାଡମିଣ୍ଟନ ଖେଳାଳିଙ୍କ ମଧ୍ୟରେ ଆୟରେ ୨୯ ବର୍ଷୀୟା ପିଭି ସିନ୍ଧୁ ଶୀର୍ଷରେ ରହିଛନ୍ତି। ମହିଳା ଆଥଲେଟ ଭାବେ ବିଶ୍ୱରେ ୧୭ର ନମ୍ବରରେ ରହିଛନ୍ତି। ଫୋର୍ବସରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୪ରେ ସିନ୍ଧୁ ମୋଟ ୭.୧ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୬୦କୋଟି ୭୨ ଲକ୍ଷ ୪୨ ହଜାର ଟଙ୍କା) ଆୟ କରିଛନ୍ତି। ଯାହାକି ବିଶ୍ୱରେ ମହିଳା ବ୍ୟାଡମିଣ୍ଟନ ଖେଳାଳିଙ୍କ ମଧ୍ୟରେ ସର୍ବାଧିକ। ବର୍ଷରେ ସେ ସର୍ବାଧିକ ଆୟ ବିଭିନ୍ନ ବିଜ୍ଞାପନରୁ କରିଥିଲେ। ୨୦୨୪ରେ ମହିଳା ଖେଳାଳିଙ୍କ ମଧ୍ୟରେ ବିଶ୍ୱରେ ଆମେରିକାର ୧୯ ବର୍ଷୀୟା ଟେନିସ ତାରକା କୋକୋ ଗଫ୍ ସର୍ବାଧିକ ୩୪.୪ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୨୯୪ କୋଟି ୩୪ ଲକ୍ଷ ୮୭ ହଜାର ଟଙ୍କା) ଆୟ କରି ତାଲିକାରେ ଟପରେ ରହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କମ୍ୟୁନିଟି...

ସଫଳତା ଭୁବନେଶ୍ୱର ଯୁପିଡ଼ିରେ ହାସଲ କରିଛି। ଭୁବନେଶ୍ୱର ପୋଲିସ ପ୍ରପର୍ଟି ଅଫେନ୍ସ କେସରେ ୧୧୨୫ ଜଣଙ୍କୁ ଗିରଫ କରିଥିବା ବେଳେ ୫ କେଜି ୫୫୫ ଗ୍ରାମ ସୁନା, ୧୫ କେଜିରୁ ଉର୍ଦ୍ଧ୍ୱ ରୂପା, ୭୭୯ ଟି ମୋବାଇଲ ଜବତ କରାଯାଇଛି। ୬୧ ଲକ୍ଷ ୭୩ ହଜାର ଟଙ୍କା ଜବତ କରିଛି ପିଓପିଡି ଟିମ। ସେହିପରି କମିଶନରେଟ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଥିବା ସାଇବର କ୍ରାଇମ କ୍ଷେତ୍ରରେ ୨୦୨୪ ମସିହାରେ ୭ ହଜାର ୨୬୩ ମାମଲା ରୁଜୁ କରାଯାଇଛି। ୮୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପରେ ୨୩ କୋଟି ୬୦ ଲକ୍ଷ ଟଙ୍କା ଫ୍ରିଜ କରାଯାଇଛି। ୨ କୋଟି ୫୦ ଲକ୍ଷ ଟଙ୍କା ଠକେଇର ଶିକାର ଲୋକଙ୍କୁ ଫେରସ୍ତ ହୋଇଛି। ସାଇବର ଅପରାଧ ରୋକିବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି। ଟୋଲ ଫ୍ରି ନମ୍ବର ୧୯୩୦ ଜାରି ହୋଇଛି। ଅନ୍ୟପଟେ ଟୁଇନ ସିଟିରେ ବଢୁଥିବା ଟ୍ରାଫିକ ସମସ୍ୟା କୁ ରୋକିବା ସହ ଦୁର୍ଘଟଣା ହାର କମାଇବା ୨୦୨୫ ମସିହାରେ କମିଶନରେଟ ପୋଲିସର ମୁଖ୍ୟ ପ୍ରୟାସ ରହିବ ବୋଲି କହିଛନ୍ତି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ।

### ବିକଶିତ...

ପ୍ରଧାନମନ୍ତ୍ରୀଙ୍କ ଓଡିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଫୋକସ ରହିଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଛଅ ମାସ ମଧ୍ୟରେ ତିନି ଥର ଆସିବା ସହିତ ଜାନୁଆରୀ ମାସରେ ପ୍ରଧାନମନ୍ତ୍ରୀ ଦୁଇ ଥର ଆସିବେ। ଓଡିଶାକୁ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ରର ସହଯୋଗ ଜାରି ରହିଛି। ଏହି ସୁଯୋଗର ମଧ୍ୟ ସଦବ୍ୟବହାର କରି ବିକଶିତ ଓଡିଶାର ଲକ୍ଷ୍ୟ ପୂରଣ ଦିଗରେ ଆଗେଇବାକୁ ସେ ପରାମର୍ଶ ଦେଇଥିଲେ। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ, ଚଳିତ ବର୍ଷ ଓଡିଶା ପାଇଁ ଏକ ପ୍ରଗତିର ବର୍ଷ ହେବ। ୨୦୩୬ ଓ ୨୦୪୭ ପାଇଁ ଆମର ଯେଉଁ ସଂକଳ୍ପ ଅଛି, ସେ ଦିଗରେ ସମସ୍ତେ ମିଳିମିଶି କାମ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି। ଆଲୋଚନାରେ ତ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ଉପସ୍ଥିତ ଥିଲେ।

### ମୋହନଙ୍କ...

ଓଡିଶା କନକ୍ଲେଭ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦିଲ୍ଲୀ, ମୁମ୍ବାଇ ଓ ସିଙ୍ଗାପୁରରେ ହୋଇଥିଲା ରୋଡଶୋ। ଏଥିରେ ଆକର୍ଷିତ ହୋଇ ୧୬ଟି ବିଭିନ୍ନ କ୍ଷେତ୍ରର ଶିଳ୍ପସଂସ୍ଥା ଓଡିଶାରେ ପୁଂଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପୁଂଜିନିବେଶ ପାଇଁ ଆଗ୍ରହୀ ୨୫ ଶିଳ୍ପ ସଂସ୍ଥାକୁ ଆଜି ରାଜ୍ୟ ସରକାର ସବୁଜ ସଙ୍କେତ ଦେଇଛନ୍ତି। ଅନୁଗୁଳ, ଗଂଜାମ, ଖୋର୍ଦ୍ଧା, ନବରଙ୍ଗପୁର, କଟକ, ଝାରସୁଗୁଡା, ବରଗଡ, ସମ୍ବଲପୁର, ସୁନ୍ଦରଗଡ, ପୁରୀ, କନ୍ଧମାଳ ଏହି ୧୧ଟି ଜିଲ୍ଲାରେ ଏହିସବୁ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଶିଳ୍ପର ବିକାଶ ଧାରା ବଜାୟ ରଖିବାକୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆଗାମୀ ଦିନରେ କେବଳ ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ କରିବନି ବରଂ ଯୁବପୀଢ଼ିଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆଜି ମଂଜୁରୀ ପାଇଥିବା ପ୍ରକଳ୍ପଗୁଡିକ ମଧ୍ୟରେ ସୋଭା ସୋଲାର ଲିମିଟେଡ ପକ୍ଷରୁ ଅନୁଗୁଳରେ ୩୮୦ କୋଟି ଟଙ୍କା ପୁଂଜିନିବେଶରେ ଜିଡବ୍ଲୁ ସୋଲାର ସେଲ ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯିବ। ସେହିଭଳି ହିରୋ ଲ୍ୟାବ୍ସ ପକ୍ଷରୁ ଗଂଜାମରେ ୭୦୦ କୋଟି ଟଙ୍କାର ପୁଂଜିନିବେଶରେ ଫର୍ମାସ୍ୟୁଟିକାଲ କାରଖାନା ପ୍ରତିଷ୍ଠା କରାଯିବ। ଅନୁଭବ ଆପାରେଲ୍ସ ପକ୍ଷରୁ ଖୋର୍ଦ୍ଧାରେ ବୟନ ଓ ପୋଷାକ କାରଖାନା ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଗଣେଶ ଇକୋ ପେଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଗଂଜାମରେ ପ୍ଲାଷ୍ଟିକ ଶିଳ୍ପ ପ୍ରତିଷ୍ଠା କରାଯିବ। ସାଲିମାର ଗ୍ଲାସ ୱାର୍କ ଗଂଜାମରେ ୫୩୦ କୋଟିର ପଂଜିନିବେଶରେ ପ୍ୟାକେଜିଂ କରଖାନା ପ୍ରତିଷ୍ଠା କରାଯିବ। ଶ୍ୟାମ ମେଟାଲିକ୍ସ ପକ୍ଷରୁ ସମ୍ବଲପୁରରେ ୭୧୦ କୋଟିର ପଂଜିନିବେଶରେ ମିନେରାଲ୍ସ ଓ ରେୟାର ଆର୍ଥ କାରଖାନା ପ୍ରତିଷ୍ଠା କରାଯିବ। ବିସଲେରି ପକ୍ଷରୁ ଖୋର୍ଦ୍ଧାରେ ୧୬୫ କୋଟିର ପଂଜିନିବେଶରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି।

### ୧୫ ସୁଦ୍ଧା...

ପ୍ରକ୍ରିୟା ୮୫ ପ୍ରତିଶତ ଶେଷ ହୋଇସାରିଲାଣି। ଆହୁରି ପ୍ରାୟ ୫୦ଲକ୍ଷ ବ୍ୟକ୍ତିଙ୍କ ଇ-କେୱାଇସି ଯାଂଚ ବାକି ରହିଛି। ଭୂତ ରାସନକାର୍ଡଧାରୀଙ୍କୁ ଚିହ୍ନଟ କରିବା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ସହ ସାଧାରଣ ବଂଟନ ବ୍ୟବସ୍ଥାରେ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ ଅଧିକ ପାରଦର୍ଶୀ କରିବା ନିମନ୍ତେ ବିଜେପି ସରକାର ଏହି ପଦକ୍ଷେପ ନେଇଛନ୍ତି। ରାସନକାର୍ଡଧାରୀଙ୍କୁ ନିକଟସ୍ଥ ରାସନ୍ ଡିଲରଙ୍କ ପାଖକୁ ଯାଇ ଇ-ପିଓଏସ୍ ମେସିନ୍ ସହାୟତାରେ ନିଜର ଆଧାର ଲିଙ୍କ୍ ଓ କେୱାଇସି ଯାଂଚ ଶେଷ କରିବାକୁ ପରାମର୍ଶ ଦିଆଯାଇଛି। ନଚେତ୍ ସେମାନଙ୍କର କାର୍ଡ ଅକାମୀ ହୋଇଯିବ। ଏହି ଇ-କେୱାଇସି ଯାଂଚ ମାଧ୍ୟମରେ ଏବେସୁଦ୍ଧା ରାଜ୍ୟରୁ ପ୍ରାୟ ୪୦ଲକ୍ଷ ଭୂତ ହିତାଧିକାରୀ ଚିହ୍ନଟ ହୋଇସାରିଲେଣି। ପ୍ରତ୍ୟେକ ଜିଲ୍ଲାରେ ପ୍ରାୟ ୧ଲକ୍ଷରୁ ଦେଢ଼ ଲକ୍ଷ ଭୂତ ରାସନକାର୍ଡଧାରୀ ଚିହ୍ନଟ ହୋଇଛନ୍ତି।

ସରକାରୀ କର୍ମଚାରୀମାନଙ୍କୁ ଇ-କେୱାଇସି ଯାଂଚରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୃଦ୍ଧବୃଦ୍ଧା ଅବା ଅସୁସ୍ଥ ହିତାଧିକାରୀ ଥିଲେ ସରକାରୀ କର୍ମଚାରୀମାନେ ତାଙ୍କ ନିକଟକୁ ଯାଇ ଇ-କେୱାଇସି ପ୍ରକ୍ରିୟା ଶେଷ କରିବେ। ସେହିପରି ଦେଶ ଭିତରେ ଥିଲେ ସେମାନଙ୍କ ନିକଟକୁ ବି ଯିବା ପାଇଁ ସରକାର ଅଫିସରମାନଙ୍କୁ କୁହାଯାଇଛି। ନିକଟରେ ଗୋଆରୁ କିଛି ଶ୍ରମିକ ବିଭାଗକୁ ଫୋନ୍ କରିବା ପରେ ସେଠାରୁ ସରକାରୀ କର୍ମଚାରୀଙ୍କ ଏକ ଟିମ୍ ପଠାଯାଇଥିଲା।

### ସନ୍ୟାସୀଙ୍କ...

ବିଶ୍ୱାଳ ଆଦି ଅଛନ୍ତି। ତେବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କିନ୍ତୁ ବର୍ତ୍ତମାନ ସୁଦ୍ଧା ସନ୍ୟାସୀ ଟିମ୍‌ଙ୍କ ଦ୍ୱାରା ମ୍ୟାନେଜ ହୋଇ ନ ଥିବା କୁହାଯାଉଛି।

ଦଳରେ ହେଉଥିବା ଆଲୋଚନା ଅନୁଯାୟୀ, ବିଜେଡି ହାରିବାପାଇଁ ସନ୍ୟାସୀଙ୍କୁ ବିରୋଧ କରୁଥିବା ନେତାମାନେ ଯେତେବେଳେ ଜାଣିଗଲେ ଯେ ନବୀନଙ୍କ ସିନ୍ଦୁକର ଚାବି ସନ୍ୟାସୀଙ୍କ ନିକଟରେ ସେତେବେଳେ ସେମାନଙ୍କ ପାଇଁ ଆଉ ଅନ୍ୟଗତି ନଥିଲା। ତେଣୁ କେବଳ ସନ୍ୟାସୀଙ୍କ ନିକଟତର ହେଲେ ତାହା ନୁହେଁ, ପେ ରୋଲରେ ବି ରହିଲେ। ସନ୍ୟାସୀ କିଭଳି ଟ୍ରାକକୁ ଫେରିବେ ସେଥିପାଇଁ ଉଦ୍ୟମ ଆରମ୍ଭ କଲେ। ଦୁଇ ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳ ଓ ସଞ୍ଜୟ ଦାଶବର୍ମାଙ୍କ ଝିଅ ବାହାଘରରେ ସନ୍ୟାସୀ ମୁଖ୍ୟ ଆକର୍ଷଣ ପାଲଟିଥିଲେ। ତେବେ ସନ୍ୟାସୀଙ୍କ ଖୋସାମଦ କରିବାର ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏବେ ସମସ୍ତଙ୍କୁ ପଛରେ ପକାଇଦେଇଛନ୍ତି।

ଶ୍ରୀ ଜେନା କହିଛନ୍ତି ପାଣ୍ଡିଆନ ଏବେ ପୁଅ ଭଳି ନବୀନଙ୍କ ସେବା କରୁଛନ୍ତି। ଶହେ ବିଜେପି ନେତା ହେଲେବି ପାଣ୍ଡିଆନଙ୍କୁ ସରି ହେବେ ନାହିଁ। ଶ୍ରୀ ଜେନାଙ୍କ ଭଳି ନେତାଙ୍କ ମୁହଁରୁ ଏଭଳି କଥା ଶୁଣିବାପରେ ବହୁ ବିଜେଡି ନେତା ଆଶ୍ଚର୍ଯ୍ୟଚକିତ ହୋଇଥିବାବଳେ ଆଉ କିଛି ନେତା ମାହାଙ୍ଗା ରାଜନୀତିରେ ଶ୍ରୀ ଜେନା ଧିରେ ଧିରେ ଅଲୋଡା ହୋଇପଡୁଥିବାରୁ ଏଭଳି କୌଶଳ ଆପଣେଇଥିବା କହୁଛନ୍ତି।

ଧିରେ ଚାଲିଥିବା ଏହି ପ୍ରଶଂସା ପର୍ବ ଉପରେ ଖୋଦ ସନ୍ୟାସୀ ତୀକ୍ଷ୍ଣ ନଜର ରଖିଛନ୍ତି। ଯେତେବେଳେ ଦେଖିବେ ସେ ସମ୍ପୂର୍ଣ୍ଣ ସୁରକ୍ଷିତ ସେତେବେଳେ ମଇଦାନକୁ ଓହ୍ଲାଇବେ। ତେବେ ଏହା ଏତେ ସହଜ ନୁହେଁ ବୋଲି ଦଳର କିଛି କର୍ମୀ ମତ ଦେଉଛନ୍ତି। ସେମାନଙ୍କ କହିବାକଥା ଯେ ବଡ ନେତାମାନେ ସିନା ନିଜ ସ୍ୱାର୍ଥ ପାଇଁ ସନ୍ୟାସୀଙ୍କ ଶରଣାଗତ ହୋଇଛନ୍ତି କିନ୍ତୁ ତଳ ସ୍ତରର ନେତା ଓ କର୍ମୀମାନେ କିନ୍ତୁ କ'ଣ ପାଇଁ ଦଳ ହାରିଲା ତାହା ଭଲଭାବେ ଜାଣିଛନ୍ତି ତାହାକୁ ସହଜରେ ଭୁଲିପାରି ନାହାନ୍ତି। ସନ୍ୟାସୀ ମଇଦାନକୁ ଓହ୍ଲାଇଲା ମାତ୍ରେ ବିଜେଡିରେ ଗୃହଯୁଦ୍ଧ ଅବଶ୍ୟମ୍ଭାବୀ।

### ଆୟୁଷ୍ମାନ...

ସୁବିଧା ମିଳିବ। ୩୦ ହଜାର ହସ୍ପିଟାଲରେ ଏହି ସୁବିଧା ଉପଲବ୍ଧ ହେବ। ୨୦୨୫ରେ ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ଏହି ଯୋଜନା ଲାଗୁ ହେବା ପରେ ଓଡିଶାର କୌଣସି ବି କାର୍ଡଧାରୀ ଦେଶରେ ଯେଉଁଠି ରହୁଥିଲେ ମଧ୍ୟ କାର୍ଡର ସୁଫଳ ପାଇପାରିବେ। ନୂଆ ମେଡିକାଲ କଲେଜ, ନର୍ସିଂ କଲେଜ, ଡିଜିଟାଲ ହେଲ୍ଥ ମିସନ ଭଳି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଫେବୃଆରୀ ମାସରୁ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ ହେବ। ପ୍ରାୟ ସାଢେ ୩ କୋଟି ଜନତାଙ୍କୁ ଏହି କାର୍ଡ ମିଳିବା ନେଇ ପୂର୍ବରୁ ସୂଚନା ଦେଇଥିଲେ ମନ୍ତ୍ରୀ ମୁକେଶ ମହାଲିଙ୍ଗ। କେହି ଉପଯୁକ୍ତ ହିତାଧିକାରୀ ଯେମିତି ଏହି ଯୋଜନାରୁ ବଞ୍ଚିତ ନ ହେବେ, ସେ ନେଇ ପ୍ରସ୍ତୁତି ଚାଲିଛି। ଏହି ଯୋଜନାରେ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସେବା ରହିଛି। ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକ, ସେମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଲାଭ ପାଇବାକୁ ଯୋଗ୍ୟ ହେବେ।

### ୫ ବର୍ଷରେ...

ପଦବୀରେ ନିଯୁକ୍ତି ପାଇଁ ସ୍ଥିରୀକୃତ ହୋଇଛି। ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ବିଭାଗରେ ୧, ୧୦, ୫୫୭ଟି ପଦବୀ ଖାଲି ରହିଛି। ଏଗୁଡିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଖାଲି ପଦବୀ ପୂରଣ ପାଇଁ ନିଯୁକ୍ତି ଆୟୋଗ ଗୁଡିକୁ ପ୍ରସ୍ତାବ ଦେବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବିଭିନ୍ନ ବିଭାଗରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଖାଲି ଥିବା ପଦବୀ ପୂରଣ ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସ୍ୱତନ୍ତ୍ର ରିକ୍ରୁଟମେଣ୍ଟ ଡ୍ରାଇଭ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ଗ୍ରୁପ-ବି ବର୍ଗର ପଦବୀ ପୂରଣ ପାଇଁ ଏମ୍ପାୱାରମେଣ୍ଟ କମିଟିର ଅନୁମୋଦନ ଦରକାର ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଥିଲେ। ଭିନ୍ନକ୍ଷମ ବର୍ଗଙ୍କ ନିଯୁକ୍ତି କ୍ଷେତ୍ରରେ ଯାଞ୍ଚ ଓ ସଂରକ୍ଷଣ ପାଇଁ ଅର୍ଥ ବିଭାଗରେ କାର୍ଯ୍ୟରତ ଥିବା ଏମ୍ପାୱାରମେଣ୍ଟ କମିଟିକୁ ପୁନର୍ଗଠନ କରି ସେଥିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରତିନିଧିଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହିତ ଅବିଭକ୍ତ କୋରାପୁଟ ଜିଲ୍ଲାର ପରୀକ୍ଷାର୍ଥୀଙ୍କ ସୁବିଧା ଦୃଷ୍ଟିରୁ ଜୟପୁର ଠାରେ ଲୋକସେବା ଆୟୋଗର ଏକ ପରୀକ୍ଷା କେନ୍ଦ୍ର କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ଲୋକସେବା ଆୟୋଗର ୫ଟି ପରୀକ୍ଷା କେନ୍ଦ୍ର ରହିଛି।

ବୈଠକରେ ଓପିଏସ୍‌ସି ଅଧ୍ୟକ୍ଷ ଅରୁଣ ଷଡଙ୍ଗୀ, ଓଏସ୍‌ଏସ୍‌ସି ଅଧ୍ୟକ୍ଷ ଅଭୟ, ଓଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷ ଲଳିତ ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଆୟୋଗଗୁଡିକର ସଦସ୍ୟବୃନ୍ଦ ଓ ସଚିବମାନେ ଉପସ୍ଥିତ ଥିଲେ।

### କ୍ଷେତ ଦର୍ଶନ...

ସେହି ଫର୍ମୁଲା ପ୍ରୟୋଗ କରାଯାଉଛି। ନିର୍ବାଚନ ହାରିବା ପରେ ସକ୍ରିୟ ହୋଇଥିବା ନବୀନ ଏବେ ଅଦିନିଆ ବର୍ଷା କ୍ଷୟକ୍ଷତି ଆଳରେ ଜିଲ୍ଲା ବୁଲିବା ଆରମ୍ଭ କରିଛନ୍ତି। ଯେଉଁଠାକୁ ଯାଉଛନ୍ତି ସେଠାରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଯେଭଳି ଜନସମାଗମ ହେଉଥିଲା ଠିକ୍ ସେହିପରି ଯୋଜନାବଦ୍ଧ ଭାବେ ଲୋକ ଠୁଳ କରାଯାଉଛି। ନବୀନଙ୍କୁ ସେଠାରେ ବାଟ ବତାଇବା ପାଇଁ ଦେବୀ ମିଶ୍ରଙ୍କ ଭଳି ବରିଷ୍ଠ ନେତା ବି ଯାଉଛନ୍ତି। ନବୀନ ଚାଷୀଙ୍କ ସହିତ ଇଂରାଜୀରେ କଥା ହେଉଥିବାବେଳେ ଚାଷୀ କିଛି ବୁଝନ୍ତୁ କି ନବୁଝନ୍ତୁ ନବୀନଙ୍କ ଆଖପାଖରେ ଛିଡାହୋଇ ଦୃଷ୍ଟି ଆକର୍ଷଣ କଲାଭଳି ଜୋରରେ କନ୍ଦାକଟା କରୁଛନ୍ତି।

ଏଭଳି ଦୃଶ୍ୟକୁ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ପୂର୍ବରୁ ସତ୍ୟବାଦୀରେ ପାଣ୍ଡିଆନଙ୍କ ଗସ୍ତ ସମୟରେ କାଳି ମାଡ ଓ ମହିଳାମାନେ କାନିରେ ପାଣ୍ଡିଆନଙ୍କ ମୁହଁରୁ କାଳି ପୋଛି ଦେବାର ଯେଉଁ ସୁଚିନ୍ତିତ ନାଟକ ହୋଇଥିଲା ଠିକ୍ ସେହି ଫର୍ମୁଲାରେ ଏବେ ନବୀନଙ୍କ ଆଖପାଖରେ ଚାଷୀଙ୍କ କନ୍ଦାକଟା ଚାଲିଛି। ତେବେ ସବୁଠାରୁ ବଡ କଥା ହେଲା ନବୀନଙ୍କ ନିକଟକୁ ଆସୁଥିବା ଚାଷୀମାନେ କ୍ଷତିପୂରଣ ଦାବି କରିବା ବଦଳରେ ଆମର ନବୀନ ପଟ୍ଟନାୟକ ଦରକାର ବୋଲି ସ୍ଲୋଗାନ ଦେଇ କାନ୍ଦିବା ଆରମ୍ଭ କରିଦେଉଛନ୍ତି। ଯଦିଓ ସେମାନେ ଭଲଭାବେ ଜାଣିଛନ୍ତି ଯେ କ୍ଷତିପୂରଣ ରାଶି ବୃଦ୍ଧି କରିବା କିମ୍ବା ପ୍ରଦାନ କରିବାର କ୍ଷମତା ଆଉ ନବୀନଙ୍କ ହାତରେ ନାହିଁ, ତଥାପି ସନ୍ୟାସୀଙ୍କ ପ୍ରସ୍ତୁତ ରଣନୀତି ଅନୁଯାୟୀ ସବୁକିଛି ପୂର୍ବ ଫର୍ମୁଲାରେ ଚାଲିଛି।ପୂର୍ବରୁ ନବୀନଙ୍କ ଜିଲ୍ଲା ବୁଲା ଘୋଷଣାରେ ବ୍ରେକ୍ ଲାଗିଥିବାବେଳେ ଏବେ ଚାଷୀଙ୍କ କ୍ଷୟକ୍ଷତି ଦେଖିକୁ ନବୀନ ଯେଭଳି ପାରିଷଦବର୍ଗଙ୍କୁ ଧରି କ୍ଷେତ ପରିଦର୍ଶନ କରୁଛନ୍ତି ଏହା ଚାଷୀଙ୍କୁ ଆଶ୍ୱାସନା ଦେବା ଅପେକ୍ଷା ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ କ୍ଷେତ୍ର ପରଦର୍ଶନ ବୋଲି ଆଲୋଚନା ଆରମ୍ଭ ହୋଇଗଲାଣି। ତେବେ ଚେଲାଙ୍କ ଫର୍ମୁଲା ଚିତ୍‌ପଟାଙ୍ଗ ମାରିଥିବାବେଳେ ସେହି ଫର୍ମୁଲାରେ ଗୁରୁ କେତେବାଟ ଯାଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।

# କର୍କଟ ପୀଡିତ ଯୋଗେନ୍ଦ୍ରଙ୍କୁ ରାସନ ସହ ୧୦ ହଜାର ଟଙ୍କା ସହାୟତା



**କୁଜଙ୍ଗ, ୧।୧ (ସଂଚାର ବ୍ୟୁରୋ) :** ଇଂରାଜୀ ନବବର୍ଷ ଉପଲକ୍ଷେ ଏରସମା ବ୍ଲକ ଚଟୁଆ ପଞ୍ଚାୟତ ଅନ୍ତର୍ଗତ ମାଣପୁର ଗ୍ରାମର କର୍କଟ ପୀଡିତ ଯୋଗେନ୍ଦ୍ର ରାଉତଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ଯୋଗେନ୍ଦ୍ର କିଛି ବର୍ଷ ହେବ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ସେ ଜଣେ ଦିନ ମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରନ୍ତି। ପରିବାର କହିଲେ ସ୍ୱାମୀ ସ୍ତ୍ରୀ ଏବଂ ତିନି ଝିଅ। ବର୍ତ୍ତମାନ ଅର୍ଥାଭାବରୁ ଯୋଗେନ୍ଦ୍ର ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି। ଏବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ପରାମର୍ଶଦାତା ସରୋଜ କୁମାର ବେହେରା, ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, ନନ୍ଦନନ୍ଦନ ଜୟସିଂ, ପ୍ରକାଶ ମହାନ୍ତି, ପ୍ରବୀର ସ୍ୱାଇଁ, ନନ୍ଦନନ୍ଦନ ଜୟସିଂ, ବାବାଜୀ ରାଉତ ଏବଂ ସତ୍ୟବ୍ରତ ଦାସ ପ୍ରମୁଖ ଯୋଗେନ୍ଦ୍ରଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କା ଏବଂ ଏକ ମାସର ରାସନ୍ ସାମଗ୍ରୀ ଯୋଗାଇ ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ଯୋଗେନ୍ଦ୍ର, ଟଙ୍କା ପତ୍ନୀ ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି।

# ଅଜୟ ଜେନାଙ୍କୁ ଅଶୋକା ସମ୍ମାନ

**ବରୀ, ୧।୧ (ସଂଚାର ବ୍ୟୁରୋ):** ଓଡ଼ିଆ ସାହିତ୍ୟ ବିଶେଷ କରି ଶିଶୁ ସାହିତ୍ୟ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ନୂଆଦିଲ୍ଲୀସ୍ଥିତ ଆଇକନିକ୍ ପିସ୍ ଆୱାର୍ଡ ପକ୍ଷରୁ ଏହାର ସର୍ବୋଚ୍ଚ ଅଶୋକା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ନୂଆଦିଲ୍ଲୀସ୍ଥିତ କନଷ୍ଟିଚ୍ୟୁସନାଲ କ୍ଲବ୍ ଇଣ୍ଡିଆ ପରିସରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଟ୍ରଫି, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଇକନିକ୍‌ର ଅଧ୍ୟକ୍ଷା ଡଃ ସୁସ୍ମିତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ଏବଂ ସ୍କିଲ୍ ଇଣ୍ଡିଆର ପ୍ରତିଷ୍ଠାତା ଡଃ ଇଂ ବିଷ୍ଣୁ ପ୍ରସାଦ ବରାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଆଇନ୍‌ଜୀବୀ ଡଃ ସାୟୋନାରା, ପୂର୍ବତନ ଡେପୁଟି ସ୍ପିକର ତଥା ଇଣ୍ଡୋ ତିବ୍ବତୀୟ ସହଯୋଗ ମଞ୍ଚର ଉପଦେଷ୍ଟା ଆଚାର୍ଯ୍ୟ ୟେସି ଫୁନଷ୍ଟକ୍, ସାଂସଦ ନାଲକେଣ୍ଡାଗାରି ରେଡେପା, ବିଜେପି ପ୍ରବକ୍ତା ସଚ୍ଚିନ୍ ଗୁପ୍ତା ପ୍ରମୁଖ ଯୋଗ ଦେଇ ଡଃ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଡଃ ଜେନା ପିଲାମାନଙ୍କ ପାଇଁ ଜଗତେ ରଖିବା ନାଁ, ଏକ ଆଉ ଏକ ମିଶି ହୁଏ ଦୁଇ, ବଗୁଲିଆ ଚମ୍‌ଚମ୍, ରାକ୍ଷୀ, ମୋ ଦାଢ଼ୀ ଓ ଅନ୍ୟାନ୍ୟ ଶିଶୁଗଳ୍ପ ଆଦି ଶିଶୁ ଉପଯୋଗୀ ପୁସ୍ତକ ରଚନା କରିଛନ୍ତି । ଡଃ ଜେନାଙ୍କୁ ଅଶୋକାସମ୍ମାନ ମିଳିବା ପରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।




# ଅବସରପ୍ରାପ୍ତ କର୍ମଚାରୀ ସଂଘର ବନ୍ଧୁ ମିଳନ

**ରାଜନଗର, ୧।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ନୂତନ ବର୍ଷରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାନବଡଗୋପାଳପୁରସ୍ଥିତ ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି କୃପାସିନ୍ଧୁ ସାମଲଙ୍କ ପୌରୋହିତ୍ୟ କରିଥିଲେ। ଏଥିରେ ବ୍ୟାଙ୍କ ଶାଖା ପରିଚାଳକ ଅଭୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଦାଶରଥି ଲେଙ୍କା, ଅନିଲ କୁମାର ବଳ, ବିଜୟ କୁମାର ଜେନା, ନନ୍ଦ କିଶୋର ସ୍ୱାଇଁ, ବିଜୟ ବେହେରା, ଘନଶ୍ୟାମ ବଳ, ଅଭିରାମ ପତି, ବାମଦେବ ପ୍ରଧାନ, କିଶୋର ପ୍ରଧାନ, ଅଭିରାମ ସାହୁ, ସର୍ବେଶ୍ୱର ମହାନ୍ତି, ମହେନ୍ଦ୍ର ସ୍ୱାଇଁ, ବିପ୍ରବର ବେହୁରା, ଶଙ୍କର ବିଶ୍ୱାଳ, ନିରଞ୍ଜନ ସେଠୀ, ଜୟୀରାମ ସେଠି, ଭାଗବତ ପ୍ରଧାନ, ପ୍ରସନ୍ନ ଦାସ, ମାଗୁଣି ସ୍ୱାଇଁ, ଅର୍ଜୁନ ସ୍ୱାଇଁ, ଗୋପବନ୍ଧୁ ପ୍ରଧାନ, ବଲ୍ଲଭ ପ୍ରଧାନ, ଏବଂ ବ୍ୟାଙ୍କ କର୍ମଚାରୀ ମନୋଜ ପରିଡ଼ା, ରାଜକିଶୋର ବେହେରା, ପ୍ରସନ୍ନ କୁମାର ନାୟକ, ରମେଶ ଚନ୍ଦ୍ର ପ୍ରଧାନ, ସୌଭାଗ୍ୟ ଦାସ, ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।



# କୋଣାର୍କ, ଚନ୍ଦ୍ରଭାଗା ଓ ରାମଚଣ୍ଡୀ ପୀଠ ଲୋକାରଣ୍ୟ

**କୋଣାର୍କ, ୧।୧ (ସଂଚାର ବ୍ୟୁରୋ) :** ଇଂରାଜୀ ନବବର୍ଷ ଅବସରରେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ବେଳାଭୂମି ଓ ପ୍ରାଚୀନ ଶକ୍ତି ପୀଠ ରାମଚଣ୍ଡୀ ଲୋକାରଣ୍ୟ ହୋଇଥିବା ଦେଖିବାକୁ ମିଳିଛି।

ଖବରରୁ ପ୍ରକାଶ ଯେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ସ୍ଥାନୀୟ ଏନଏସି ପ୍ରଶାସନ ପକ୍ଷରୁ ନିଜସ୍ୱ ପାର୍କିଂ ସ୍ଥାନ ନ ଥିଲା ବେଳେ ବେଆଇନ ଭାବେ ଚାରି ଚକିଆ ଓ ଦୁଇ ଚକିଆ ଯାନ ରହଣି ନିମନ୍ତେ ପାର୍କିଂ ନିଲାମ କରିବା ଦ୍ୱାରା ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ଜାତୀୟ ରାଜପଥ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ରଖିବା ଯୋଗୁଁ ନୂଆବର୍ଷ ଅବସରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। ସେହିପରି ଚନ୍ଦ୍ରଭାଗା ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପର୍ଯ୍ୟଟକ ମାନେ ଗାଡି ରଖିବା ଯୋଗୁଁ ଗୁରୁତର ଭାବେ ଟ୍ରାଫିକ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। କୋଣାର୍କ ଥାନା, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା, ଚନ୍ଦ୍ରଭାଗା ଟୁରିଷ୍ଟ ଥାନା ଓ ରାମଚଣ୍ଡୀ ଥାନା ପୋଲିସ ମାନଙ୍କରେ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ କୌଣସି ସ୍ୱତନ୍ତ୍ର ଟ୍ରାଫିକ ପୋଲିସ ନିୟୋଜିତ ହୋଇ ନ ଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରଶାସନ ବିଫଳ ହୋଇଥିବା କୋଣାର୍କ, ଚନ୍ଦ୍ରଭାଗା ଓ ରାମଚଣ୍ଡୀ ପରିଭ୍ରମଣରେ ଆସିଥିବା ପର୍ଯ୍ୟଟକମାନେ ସେମାନଙ୍କ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ପୋଲିସ ପ୍ରଶାସନ ଟ୍ରାଫିକ ନିୟନ୍ତ୍ରଣ କରିବାରେ ଫେଲ ମାରିଥିବା ବେଳେ ଟ୍ରାଫିକ ସମସ୍ୟା ଯୋଗୁଁ ପର୍ଯ୍ୟଟକମାନଙ୍କ ଗାଡି ଦୀର୍ଘ ସମୟ ଧରି ରାସ୍ତାରେ ଅଟକି ଯାଉଥିବା ବେଳେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି।



## ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ, ଗମନାଗମନ ବାଧାପ୍ରାପ୍ତ



ନୂଆବର୍ଷ ଅବସରରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଇଣ୍ଡିଆନ ଅଏଲ ଫାଉଣ୍ଡେସନ ପକ୍ଷରୁ ନିର୍ମିତ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ପର୍ଯ୍ୟଟକ ମାନଙ୍କ ଭିଡ ପରିଲକ୍ଷିତ ହୋଇଛି। ସେହିପରି ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଓ ଶକ୍ତିପୀଠ ରାମଚଣ୍ଡୀ ପୀଠରେ ପର୍ଯ୍ୟଟକ ମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା ବେଳେ ଚନ୍ଦ୍ରଭାଗା ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବଣଭୋଜିର ଆସର ଦେଖିବାକୁ ମିଳିଛି। ଏହି ଅବସରରେ ମା ରାମଚଣ୍ଡୀଙ୍କ ପୀଠରେ ପର୍ଯ୍ୟଟକମାନେ ମା'ଙ୍କ ପୂଜାର୍ଚ୍ଚନା କରିବା ସହିତ ରାମଚଣ୍ଡୀ ମୁହାଁଣରେ ବୋଟିଂର ମଜା ନେଇଥିଲେ। କୋଣାର୍କ ଠାରେ ବାଇପାସ ରାସ୍ତା ଓ ସ୍ଥାୟୀ ପାର୍କିଂ ବ୍ୟବସ୍ଥା ନ ଥିବାରୁ ନୂଆବର୍ଷ ଅବସରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

କୋଣାର୍କ ଏନଏସି ପ୍ରଶାସନ ପକ୍ଷରୁ ପ୍ରଥମେ ନିଜସ୍ୱ ପାର୍କିଂ ନିର୍ମାଣ କରିବା ପରେ ପାର୍କିଂ ଟେଣ୍ଡର ଆହ୍ୱାନ କଲେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ଅଯଥା ମାନବକୃତ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ସ୍ଥାନୀୟ ଅଂଚଳର ଜନସାଧାରଣ, ପର୍ଯ୍ୟଟକ ପ୍ରେମୀ, ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏହି ଘଟଣାକୁ ଗୁରୁତ୍ୱ ଆରୋପ କରି ପୁରୀ ଜିଲ୍ଲାପାଳ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

# ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ବନ୍ଧୁ ମିଳନ

**ମାହାଙ୍ଗା, ୧।୧ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜେ.ଏନ କଲେଜ ପରିସରରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ନବ ବର୍ଷ ୨୦୨୫ର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ ସରପଂଚ ଜିତେନ୍ଦ୍ର କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ମାହାଙ୍ଗାର ସଂଗ୍ରାମୀ ନେତା,ସୁଖ ଦୁଃଖର ସାଥୀ ମାନ୍ୟବର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଏକ ବର୍ଣ୍ଣାଢ଼୍ୟ ପଦଯାତ୍ରାରେ ହଜାର ହଜାର କର୍ମୀଙ୍କ ଗହଣରେ ସଭା ସ୍ଥଳରେ ପହଞ୍ଚି ଉଦବୋଧନ ଦେଇଥିଲେ।। ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରୁ କର୍ମୀ ମାନଙ୍କର ଲମ୍ବା ଧାଡ଼ି ଲାଗି ରହିଥିବା ଦେଖିବାକୁ ମିଳିଥିଲା।

ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷା କନକ ଲତା ବେହେରା,ପୂର୍ବତନ ସରପଂଚ ଅଶୋକ କୁମାର ବିଶ୍ୱାଳ, ଅଜୟ କୁମାର ନାୟକ, ଅଖିଳେଶ ପଦ ମହାନ୍ତି, ଡଃ ଅଶୋକ କୁମାର ରାଉତ,ସମାଜ ସେବୀ ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ,ବିଶ୍ୱନାଥ ଜେନା, ମନୋରଞ୍ଜନ ନାୟକ, ନାରୀ ନେତ୍ରୀ ଯାଜ୍ଞସେନି ଜେନା, ରବୀନ୍ଦ୍ର ତ୍ରିପାଠୀ,ଜିତେନ୍ଦ୍ର ମହାନ୍ତି,ଧ୍ରୁବ ଚରଣ ସାମଲ, କୈଳାଶ ଚନ୍ଦ୍ର ବେହେରା, ଆଇନଜୀବୀ ଉମେଶ କୁମାର ଭଞ୍ଜ, ପନଙ୍ଗ ଭୂଷଣ ଦାସ, ସଞ୍ଜୟ ସ୍ୱାଇଁ, ରମେଶ ସ୍ୱାଇଁ, ଯୁବ ନେତା ଦେବଦତ୍ତ କର, ଡଃ ବିଜୟ ରାଉତ, ସନ୍ଦୀପ ସାମନ୍ତ ରାୟ,ଜିତେନ୍ଦ୍ର ପଣ୍ଡା, ଶରତ କୁମାର ସାମଲ, ସୁରେଶ କୁମାର ବଳ, ଅଭିନନ୍ଦନ ଖଟୁଆ, ମନୋଜ କୁମାର ନାଥ, ପ୍ରଭାତ କୁମାର ନାୟକ, ତାରାକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇ ବିଧାୟକଙ୍କୁ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ସମସ୍ତ ପଞ୍ଚାୟତରୁ ଆସିଥିବା ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟକ ମହୋଦୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପଞ୍ଚାୟତ ମାନଙ୍କରେ ବିଭିନ୍ନ ସ୍ଥାନରେ ବିକାଶର ଧାରାକୁ ତ୍ୱରାନ୍ୱିତ କରିବାକୁ ବିଧାୟକ ଶ୍ରୀ ପ୍ରଧାନ ସଂକଳ୍ପ ନେଇଥିଲେ।ଶେଷରେ ସୁରେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ।



# ସମାଜସେବା ପାଇଁ ଆଗେଇ ଆସିଲା ମହାବାହୁ ସେବାସଂଘ

**ନାଉଗାଁ, ୧।୧ (ସଂଚାର ବ୍ୟୁରୋ):** ନୂଆ ବର୍ଷରେ ବିଭିନ୍ନ ଢଙ୍ଗରେ ଆଧୁନିକ ଦୁନିଆରେ ସମସ୍ତେ ଧୂମଧାମରେ ପାଳନ କରୁଥିଲାବେଳେ ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସଂଗଠନ ମହାବାହୁ ସେବା ସଂଘ ଏକ ନିଆରା ଓ ସ୍ୱତନ୍ତ୍ର ଭାବରେ ବନ୍ଧୁ ମିଳନ ଓ ନୂତନ ବର୍ଷ ପାଳନ କରି ସମାଜକୁ ଏକ ନୂତନବାର୍ତ୍ତା ଦେଇଛନ୍ତି। ଅନୁଷ୍ଠାନର ସଭାପତି ଅସିତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଯୁବକ ମାନଙ୍କୁ ଏକତ୍ରିତ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଇ ସମାଜରେ କିଛି ଭଲ କରିବା ପାଇଁ ଶପଥ ନେଇଥିଲେ । ଅସହାୟ, ଦରିଦ୍ର ଲୋକ ଙ୍କ ସେବା, ଗୋମାତାର ସୁରକ୍ଷା, ଆହତ ପଶୁ ମାନଙ୍କ ଚିକିତ୍ସା ଓ ନିଶାମୁକ୍ତ ସମାଜ ଗଠନ ଓ ପରିବେଶ ସୁରକ୍ଷା ପାଇଁ ଆଗାମି ୨୦୨୫ ନୂତନ ବର୍ଷରେ ମୁଖ୍ୟ କାର୍ଯ୍ୟ ରହିବ ବୋଲି ମହାବାହୁ ସେବାସଂଘ ଜାରି ରଖିବେ ବୋଲି ଶପଥ ନେଇଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୁରୁଜୀ ଗୌରାଙ୍ଗ ପରିଡ଼ା, ଅନ୍ୟତମ ଅତିଥି ନାଉଗାଁ ବଜାର କମିଟି ସଭାପତି ଅଶୋକ କୁମାର ମହାନ୍ତି, ରାଜକିଶୋର ରାଉତ ପ୍ରମୁଖ ଯୋଗଦେଇ ମହାବାହୁ ସଂଗଠନର ଉଦେଶ୍ୟକୁ ପ୍ରଶଂସା କରି ଯୁବକମାନଙ୍କ ପାଇଁ ଆଗାମି ଦିନରେ ଏହି ସଂଗଠନ ଏକ ପ୍ରେରଣାର ଉତ୍ସ ହେବ ବୋଲି କହିଥିଲେ। ଉକ୍ତ ଉତ୍ସବକୁ ଅସିତ କୁମାର ଦାସ, ନିବାସ ଲେଙ୍କା, ମହାବାହୁ ସେବାସଂଘର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲ।




## ନୂଆବର୍ଷରେ ଅଘଟଣ

# ଅସ୍ତରଙ୍ଗ ଅଂଚଳରେ ୪ରୁ ଊର୍ଦ୍ଧ୍ୱ ଦୁର୍ଘଟଣା



**କାକଟପୁର/ଅସ୍ତରଙ୍ଗ, ୧।୧ (ସଂଚାର ବ୍ୟୁରୋ):** ନୂତନ ବର୍ଷକୁ ନେଇ ସବୁଠି ଉତ୍ସାହ ଓ ଆନନ୍ଦ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ନୂତନ ବର୍ଷର ସନ୍ଧ୍ୟା ସମୟରେ ଦୁର୍ଘଟଣାରେ ୩ରୁ ଉର୍ଦ୍ଧ ଗୁରୁତର। ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତା ବିଲୁଆମଣ୍ଡୁଳି ନିକଟରେ ଦୁଇ ବାଇକି ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଗୁରୁତର। ୩ ଜଣ ଗୁରୁତର ହେଉଛନ୍ତି ଶରତ ମହାନ୍ତି (୫୫), ବିକାଶ ବେହେରା (୨୫), ଦୁର୍ଯ୍ୟୋଧନ ଦାସ (୨୫)ଅବସ୍ଥା ସଙ୍କଟା ପର୍ଣ୍ଣ ଥିବାରୁ ଅନ୍ୟ ମେଡିକାଲ ସ୍ଥାନାଂତର କରାଯାଇଛି। ଯାହା ପ୍ରାପ୍ତ ସୂଚନା ଅନୁଯାୟୀ ୩ ଜଣ ଗୁରୁତର ବ୍ୟକ୍ତି ଅତ୍ୟଧିକ ନିଶା ସେବନ କରି ଦ୍ରୁତ ଗତି ଗାଡି ଚଳାଉଥିବା ବେଳେ ବିଲୁଆମଣ୍ଡୁଳି ନିକଟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଶରତ ମହାନ୍ତି ଙ୍କ ମୁହଁ, ମୁଣ୍ଡରେ ଆଘାତ ହୋଇଥିବା ବେଳେ ଆଖିରେ ଗଭୀର ଆଘାତ ଲାଗିଛି, ସେହିପରି ବିକାଶ ବେହେରାଙ୍କ ମୁଣ୍ଡ ସହ ଶରୀର ଅନେକ ସ୍ଥାନରେ ଆଘାତ ଲାଗି ରକ୍ତସ୍ରାବ ହେଉଥିବା ବେଳେ ଦୁର୍ଯ୍ୟୋଧନ ଦାସ ଙ୍କ ଶରୀର ମଧ୍ୟ ଦୁର୍ଘଟଣା ରେ ଆଘାତ ହୋଇଛି। ଯାହାକି ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡକ୍ଟର ଅନ୍ୟ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଅନ୍ୟପଟେ ଅନ୍ୟ ଏକ ସ୍ଥାନରେ ଦୁର୍ଘଟଣାରେ ଶିକାର ହୋଇଛନ୍ତି ଗୌତମ ଗୋଛାୟତ (୨୧) ଶରୀର ଅନେକ ସ୍ଥାନରେ ଆଘାତ ଲାଗିଛି।

# ନିଆଁକୁ ଆୟତ୍ତ କଲେ ଅଗ୍ନିଶମ କର୍ମଚାରୀ

**କାକଟପୁର/ଅସ୍ତରଙ୍ଗ, ୧।୧ (ସଂଚାର ବ୍ୟୁରୋ):** ନୂଆବର୍ଷ ସକାଳୁ ଅଘଟଣ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବଳଭଦ୍ରପୁର ଗ୍ରାମରେ ଥିବା ଏକ ଘରେ ନିଆଁ ଲାଗିଯାଇଥିଲା। ଅସ୍ତରଙ୍ଗ ଅଗ୍ନିଶମ କର୍ମଚାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ନୂଆବର୍ଷ ସକାଳୁ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଲକ୍ଷ୍ମୀପ୍ରିୟା ବିଶ୍ୱାଳଙ୍କ ଗୁହାଳ ଘରେ କୌଣସି କାରଣ ବଶତଃ ଗୁହାଳରେ ନିଆଁ ଲାଗିଯାଇଥିଲା। ସୂଚନା ପାଇ ଅସ୍ତରଙ୍ଗ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରହଲ୍ଲାଦ ରାୟ, ଗାଡି ଚାଳକ ତାପସ ରାଉତ, ଦୀପକ ବେହେରା, ଆଗ୍ନୀକ ରବୀନ୍ଦ୍ର ବାଗ, ସତ୍ୟବ୍ରତ ବାରିକି, ଇନ୍ଦ୍ରଜିତି ସାହୁ, ସୁବ୍ରତ ସାମଲ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁହାଳ ଭିତରେ ଥିବା କିଛି ଜିନିଷ ସମ୍ପୂର୍ଣ୍ଣ ଭାବେ ଜଳିପୋଡ଼ି ନଷ୍ଟ ହୋଇ ଯାଇଥିବା ଜଣାପଡିଛି। କିନ୍ତୁ ଗୁହାଳରେ ଥିବା ଗୃହ ପାଳିତ ପଶୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।



# ଜିଲ୍ଲାପାଳ ବୁଲିଲେ ନୂତନ ଭେଣ୍ଡିଂଜୋନ

## ସିଲ୍ ହେଲା ଏକାଧିକ ଦୋକାନ

**ଖୋର୍ଦ୍ଧା, ୧।୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ସୋମବାର ଲଟେରୀ ମାଧ୍ୟମରେ ପରିବା ଉଠାଦୋକାନୀଙ୍କୁ ପିଣ୍ଡି ଆବଣ୍ଟନ ହୋଇଥିଲା। ସ୍ଥାନୀୟ ଟିଏଲସି ଆଦର୍ଶ ସ୍ମଶାନ ପଡ଼ିଆରେ ସେମାନଙ୍କୁ ଥଇଥାନ କରାଯାଇଛି। ଗତକାଲି ଜିଲ୍ଲାପାଳ ଚଞ୍ଚଳ ରାଣା ଏହାକୁ ଉଦଘାଟନ କରିଥିଲେ। ବ୍ୟବସାୟୀମାନଙ୍କୁ ପୌର ପ୍ରଶାସନ ଦ୍ୱାରା ପ୍ରସ୍ତୁତ ପରିଚୟ ପତ୍ର ଏବଂ ଛତା ବଣ୍ଟନ କରିଥିଲେ। ବେପାରୀଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଶାସନ ଥଇଥାନ ନିଷ୍ପତ୍ତିରେ ସହଯୋଗ କରିଥିବା ବ୍ୟବସାୟୀଙ୍କ ସମସ୍ତ ମୌଳିକ ଆବଶ୍ୟକତା ଜିଲ୍ଲା ପ୍ରଶାସନ ପୂରଣ କରିବ ବୋଲି ଜିଲ୍ଲାପାଳ ବ୍ୟବସାୟୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଉପ ଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠି, ନିର୍ବାହୀ ଅଧିକାରୀ ରିଜୱାନ କଅକବଙ୍କ ସମେତ ଭେଣ୍ଡିଂଜୋନ କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ।

ପ୍ରାଥମିକ ପର୍ଯ୍ୟାୟରେ ସେମାନଙ୍କୁ ଆବଣ୍ଟିତ ସଂଖ୍ୟା ଅନୁଯାୟୀ ୮/୧୦ ରେ ଜାଗା ଚିହ୍ନଟ କରି ଦିଆଯାଇଛି, ପରବର୍ତ୍ତୀ ସମୟରେ ପିଣ୍ଡି କରାଯିବ। ପ୍ରଶାସନ ପକ୍ଷରୁ ଏଠାରେ ଆଲୋକୀକରଣ, ପାନୀୟଜଳ ଏବଂ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ପରବର୍ତ୍ତୀ ସମୟରେ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୌର ପ୍ରଶାସନ ପକ୍ଷରୁ ଗଠିତ ଏନଫୋର୍ସମେଣ୍ଟ ଟିମ ସହରରେ ଥିବା ଦୋକାନର ଲାଇସେନ୍ସ ଚେକିଂ କରିଥିଲେ। ଲାଇସେନ୍ସ ନବୀକରଣ ନ ଥିବା ପ୍ରାୟ ୬୦ ଜଣ ବ୍ୟବସାୟୀ ବିନା ଟ୍ରେଡ଼ ଲାଇସେନ୍ସରେ ବେପାର କରୁଥିବା ଜଣାପଡିଥିଲା। ସେଥିମଧ୍ୟରୁ ଏକାଧିକ ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ କରାଯାଇଛି। ପୌରାଞ୍ଚଳରେ ଦୋକାନ ଖୋଲିବାକୁ ହେଲେ ଟ୍ରେଡ଼ ଲାଇସେନ୍ସ ନେବାକୁ ପଡିଥାଏ। ବିନା ଟ୍ରେଡ଼ ଲାଇସେନ୍ସରେ କୌଣସି ଦୋକାନ ଖୋଲିପାରିବ ନାହିଁ ବୋଲି ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ କହିଛନ୍ତି। ଦୋକାନ ସିଲ ହେବା ଭୟରେ ବହୁ ଦୋକାନ ବନ୍ଦ କରିଦେଇଛନ୍ତି।

ଗାଇଡ଼ଲାଇନ ଅନୁସାରେ ଲାଇସେନ୍ସ ନବୀକରଣ ନ ହେବା ପର୍ଯ୍ୟନ୍ତ ଦୋକାନ ଖୋଲିପାରିବେ ନାହିଁ ବୋଲି ନିର୍ବାହୀ ଅଧିକାରୀ ଦୋକାନି ମାନଙ୍କୁ ସ୍ପଷ୍ଟ କରିଛନ୍ତି। ତେବେ ବିନା ସୂଚନା ଏବଂ ନୋଟିସରେ ଲାଇସେନ୍ସ ନ ଥିବା କହି ଦୋକାନ ବନ୍ଦ କରିବାକୁ ନେଇ ସ୍ଥାନୀୟ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନର ମନମୁଖୀ କାର୍ଯ୍ୟକୁ ନେଇ ଆଗକୁ ଏକ ବଡଧରଣର ଆନ୍ଦୋଳନ ମୁଣ୍ଡ ଟେକିବା ସମ୍ଭାବନା ରହିଥିବା ଆଲୋଚନା ହେଉଛି।

ପ୍ରକାଶ ଯେ ପୌର ପ୍ରଶାସନ ପକ୍ଷରୁ ସହରର ରାସ୍ତା କଡରେ ଥିବା ଦୋକାନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଡିସେମ୍ବର ୧୦ ରେ ପ୍ରଶାସନର ଉଚ୍ଛେଦକୁ ବିରୋଧ କରି କେତେଜଣ ବ୍ୟବସାୟୀ ଉଚ୍ଚ ନ୍ୟାୟାଳୟରେ ଆବେଦନ କରି ରହିତାଦେଶ ଆଣିଛନ୍ତି। ତେବେ ରହିତାଦେଶ ରହିଥିବା ଦୋକାନକୁ ବାଦ ଦେଇ ପ୍ରଶାସନ ପକ୍ଷରୁ ପୁରୁଣା ଆଲ୍ଲାହାବାଦ ବ୍ୟାଙ୍କଠାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱ,ପଞ୍ଚସଖା ଓ ଲକ୍ଷ୍ମୀ ମାର୍କେଟ ଏବଂ ବନବିଭାଗ କଲୋନୀ ସାମାନାରେ ଥିବା ଅସ୍ଥାୟୀ ପରିବା ଦୋକାନ ସମେତ ପ୍ରାୟ ୧୩୦ଟି ଦୋକାନ ଉଚ୍ଛେଦ କରାଯାଇଛି। ତେବେ ରହିତାଦେଶ ଯୋଗୁ ଟ୍ରାଫିକ ଛକଠାରୁ ପୁରୁଣା ବସଷ୍ଟାଣ୍ଡ ଏବଂ ଟ୍ରାଫିକ ଛକଠାରୁ ଡାକବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୋକାନୀ ଏଥିରୁ ବାଦ ପଡିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଦୋକାନିକ ଉପରେ ଆକ୍ରୋଶମୂଳକ ଭାବେ ଟାର୍ଗେଟ କରାଯାଉଛି ବୋଲି ବ୍ୟବସାୟୀ ମାନେ କହିଛନ୍ତି। ଅନ୍ୟପଟେ ବ୍ୟବସାୟୀଙ୍କ ଅଭିଯୋଗକୁ ନିର୍ବାହୀ ଅଧିକାରୀ ଖଣ୍ଡନ କରିଛନ୍ତି।



# ନୂଆବର୍ଷର ପ୍ରଥମଦିନରେ ଶ୍ରଦ୍ଧାକ୍ଷେତ୍ର ଲୋକାରଣ୍ୟ

**ବାଲିଆପାଳ, ୧।୧ (ସଂଚାର ବ୍ୟୁରୋ) :** ବର୍ଷର ପ୍ରଥମ ଦିନକୁ ସ୍ମରଣୀୟ କଲେ ବର୍ଷତମାମ ଭଲରେ କଟିଥାଏ, ଏଥିପାଇଁ ଆଜି ମହାପ୍ରଭୁଙ୍କ ଆର୍ଶୀବାଦ ନେବାପାଇଁ ବାଲିଆପାଳସ୍ଥିତ ଶ୍ରଦ୍ଧାକ୍ଷେତ୍ରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ହଜାର ହଜାର ଭକ୍ତ ଲମ୍ବା ଲାଇନରେ ଶୃଙ୍ଖଳିତ ଭାବେ ମନ୍ଦିର ପରିସରରେ ପ୍ରଦୀପ ପ୍ରଜଳ୍ୱନ କରି ପୂଜାର୍ଚ୍ଚନା କରିବା ସହ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ସେହିପରି ଆନନ୍ଦ ବଜାରରେ ପ୍ରସାଦ ସେବନ ପାଇଁ ଆଶାତୀତ ଗହଳି ପରିଲକ୍ଷିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତରହି ଶାନ୍ତିଶୃଙ୍ଖଳା ରକ୍ଷାକରିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ବାଲିଆପାଳ ପୋଲିସ ସମେତ ସ୍ଥାନୀୟ ଯୁବକ ମାନଙ୍କ ପକ୍ଷରୁ ଭିଡକୁ ନିୟନ୍ତ୍ରଣ କରାଯାଇଥିଲା। ସେହିପରି ସ୍ଥାନୀୟ ଖଗଡ଼େଶ୍ୱର ଶୈବପୀଠ, ଲଙ୍ଗଳେଶ୍ୱର ହରପାର୍ବତୀ ପୀଠରେ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସେହିପରି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ମନୋରମ ତଗରା ବେଳାଭୂମି, ଯମୁନାଶୂଳ ବେଳାଭୂମି ରେ ହଜାର ହଜାର ଦର୍ଶକ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେବା ସହ ବଣଭୋଜିର ମଜା ନେବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଭିଡ ଜମାଇଥିଲେ।



## ଆତଙ୍କ ଖେଳାଇଲେ ବାଲି ମାଫିଆ

# ଭୋଜି ପାଇଁ ଯାଇଥିବା ଲୋକଙ୍କୁ କଲେ ଲହୁଲୁହାଣ

**କେନ୍ଦ୍ରାପଡ଼ା, ୧।୧ (ସଂଚାର ବ୍ୟୁରୋ) :** ନୂଆବର୍ଷରେ ପର୍ଯ୍ୟଟନସ୍ଥଳକୁ ଯାଇଥିବା ପର୍ଯ୍ୟଟକଙ୍କୁ ଆତଙ୍କ ଦେଖାଇ ଦେଖାଇଛନ୍ତି ସ୍ଥାନୀୟ ବାଲି ମାଫିଆ । ନୂଆବର୍ଷରରେ ଭୋଜି କରି ହସଖୁସି ମନାଉଥିବା ପରିବାର ସଦସ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ନିଜର ଦବଦବା ଜାହିର କରିବା ପାଇଁ ବାଲି ମାଫିଆ ଉଦ୍ୟମ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିମାନେ ଥାନାରେ ଏତଲା ଦେଇଥିବା ମଧ୍ୟ ସୂଚନା ମିଳିଛି । କୁଦାନଗରୀ ଥାନା ଅନ୍ତର୍ଗତ କୁଦାନଗରୀ ସ୍ଥିକ ପରୀକ୍ଷିତ ମୁନି ପର୍ଯ୍ୟଟନସ୍ଥଳୀ ନିକଟରେ ଥିବା କାଜୁ ଜଙ୍ଗଲରେ ଶହ ଶହ ଲୋକେ ଭୋଜିଭାତ କରିଥିଲେ । ଚିତ୍ରୋତ୍ପଳା ନଦୀର କାଜୁ ଜଙ୍ଗଲ ସୁନ୍ଦର ପରିବେଶ ସୃଷ୍ଟି କରିଥିବାରୁ ଆଖପାଖ ଅଞ୍ଚଳର ଲୋକେ ଭୋଜି ପାଇଁ ବେଶ୍ ଭିଡ଼ ଜମାଇଥିଲେ । ଏହି ସମୟରେ ବାଲି ମାଫିଆମାନେ ବଣଭୋଜି କରୁଥିବା ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ଲୋକଙ୍କ ଏତଲା ଆଧାରରେ କୁଦାନଗରୀ ଥାନା ପୋଲିସ ପୃଥକ୍ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିବା ଜଣାପଡିଛି ।

# ନୂଆ ବର୍ଷରେ ଦୁର୍ଘଟଣା, ୩ ଆହତ

**ରାଜନଗର, ୧।୧ (ସଂଚାର ବ୍ୟୁରୋ) :** ରାଜନଗର ପଟ୍ଟାମୁଣ୍ଡାଇ ମୁଖ୍ୟ ରାସ୍ତାର ଗୋସିଗାଁ ନିକଟରେ ଦୁର୍ଘଟଣା ଘଟି ୩ଜଣ ଗୁରୁତର ଭାବରେ ଆହତ ହୋଇଛନ୍ତି। ସେମାନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇ ଚିକିତ୍ସା କରାଯାଉଛି। ନୂଆବର୍ଷ କଟାଇବା ପାଇଁ ଭଦ୍ରକ ଅଞ୍ଚଳରୁ ବାପି ଦାଶ (୨୫ ବର୍ଷ) ମିରା ଦାଶ (୨୦ ବର୍ଷ) ବାଇକ ଯୋଗେ ପେଣ୍ଠ ବେଳାଭୂମି ବୁଲିବାକୁ ଯାଉଥିଲେ। ମଧ୍ୟାହ୍ନ ସମୟରେ ପାଦଚଲା ରାସ୍ତାରେ ସଛପଡ଼ା ଗ୍ରାମର ୬୨ବର୍ଷୀୟ ଅଖିଳ ମହାନ୍ତି ଯାଉଥିବା ସମୟରେ ବାଇକଟି ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଅଖିଳ ମହାନ୍ତିଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ବାଇକ ଚାଳକ ବାପି ଏବଂ ପଛରେ ବସିଥିବା ମିରାଙ୍କର ହାତ ଭାଙ୍ଗି ଯାଇଛି। ଖବରପାଇ ରାଜନଗର ପୁଲିସ ଘଟଣା ସ୍ଥଳରେ ପହଁଚି ଆହତ ମାନଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ।



# ଜଗା ଦର୍ଶନ ପାଇଁ ଅସମ୍ଭାଳ ଭିଡ଼

## ବ୍ୟାରିକେଡ୍ ଭାଙ୍ଗିଲେ ଶ୍ରଦ୍ଧାଳୁ

**ପୁରୀ,୧।୧(ସଂଚାର ବ୍ୟୁରୋ):** ନୂଆବର୍ଷରେ କାଳିଆ ଦର୍ଶନ ପାଇଁ ବଡ଼ଦାଣ୍ଡ ପାଲଟିଛି ଜନସମୁଦ୍ର । ପ୍ରବଳ ଭିଡ଼ ଯୋଗୁଁ ଉପୁଜିଛି ଠେଲାପେଲା ପରିସ୍ଥିତି। ସ୍ଥିତି ଅଣାୟତ୍ତ ହେବାରୁ ବ୍ୟାରିକେଡ୍ ଭାଙ୍ଗିଲେ ଭକ୍ତ। ନୂଆବର୍ଷ ଅବସରରେ ସକାଳୁ ସକାଳୁ ଶ୍ରୀଜିଉଙ୍କୁ ଦର୍ଶନ ପାଇଁ ବଡ଼ ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଦୂର ଦୂରାନ୍ତରୁ ଆସିଥିବା ଭକ୍ତ ବଡ଼ ଠାକୁରଙ୍କ ଦର୍ଶନ ପାଇଁ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଏଥିନିମନ୍ତେ ରାତି ଅଧରୁ ଧାଡ଼ିରେ ଛିଡ଼ା ହୋଇଥିଲେ ଭକ୍ତ। ଏଆଇ ଦ୍ୱାରା ଶ୍ରଦ୍ଧାଳୁଙ୍କ ଗଣନା କରାଯାଇଥିଲା ଓ ଅପରାହ୍ଣ ସୁଦ୍ଧା ୩ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥିଲେ। ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି, ଗତ ରାତି ୧୨.୩୦ରେ ଶ୍ରୀମନ୍ଦିରରେ ଦ୍ୱାରଫିଟା ନୀତି ସଂପନ୍ନ ହୋଇ ଦର୍ଶନ ଆରମ୍ଭ ହୋଇଥିଲା। ମହାପ୍ରଭୁ ଅନିଦ୍ରା ରହି ଦର୍ଶନ ଦେଇଥିଲେ। ସେପଟେ ଭିଡ଼କୁ ଦୃଷ୍ଟିରେ ରଖି ପୁରୀ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ତଥାପି ଲୋକେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସ୍ଥିତି ସମ୍ଭାଳିବା ପାଇଁ ପୋଲିସ ପକ୍ଷରୁ ମାନବଶୃଙ୍ଖଳ କରାଯାଇଥିଲା। ନୂଆବର୍ଷରେ ଅସମ୍ଭାଳ ଭିଡ଼କୁ ଲକ୍ଷ୍ୟ କରି ପୁରୀରେ ୬୦ ପ୍ଲାଟୁନ ଫୋର୍ସ ଓ ୩୫୦ ଅଧିକାରୀ ମୁତୟନ ହୋଇଥିଲେ। ଚଳିତଥର ରେକର୍ଡ ଭାଙ୍ଗିଛି ଶ୍ରଦ୍ଧାଳୁଙ୍କ ସଂଖ୍ୟା । ପୂର୍ବ ବର୍ଷ ଅପେକ୍ଷା ଚଳିତ ଥର ଅଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିଥିବା ନେଇ ସୂଚନା ଦେଇଛନ୍ତି ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ।

# ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ବର୍ଷରେ ନୂଆଦିଲ୍ଲୀ ସ୍ଥିତ ହଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ନବବର୍ଷ-୨୦୨୫ର ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଯେ ଇଂରାଜୀ ନବବର୍ଷ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଦିନ ଆରମ୍ଭ କରିବା ମୋର ସୌଭାଗ୍ୟ। ଆମେ ସମସ୍ତେ ୨୦୨୫ରେ ପ୍ରବେଶ କରିଛେ। ଏହି ସମୟରେ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ ପରିଶ୍ରମ କରିବା । ସମାଜରେ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରାଥମିକତା ଦେବା ପାଇଁ ବଦ୍ଧପରିକର ହେବା। ଏହି ଅବସରରେ ଶ୍ରୀ ପ୍ରଧାନ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଅଧିକ ପରିଶ୍ରମ କରିବା ପାଇଁ ସେ ଆହ୍ୱାନ କରିଛନ୍ତି। ଶ୍ରୀ ପ୍ରଧାନ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ସମଲେଇଙ୍କ ପାଖରେ ଦେଶବାସୀଙ୍କ ସୁଖ, ଉତ୍ତମ ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରିଛନ୍ତି।






ନୂଆବର୍ଷର ପ୍ରଥମ ଦିନରେ ଭୁବନେଶ୍ୱର ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

# ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଝଲସିବ ହୀରାକୁଦ

ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ହୀରାକୁଦକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସାମିଲ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହାସହିତ ବୌଦ୍ଧ ସର୍କିଟ, ସାତକୋଶିଆ ଓ ଚିଲିକାକୁ ମଧ୍ୟ ବିଶ୍ୱ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ସେହିପରି ରାଜ୍ୟରେ ଆଉ ୫ଟି ଫୁଡ୍ ପାର୍କ ସ୍ଥାପନକୁ ତ୍ୱରାନ୍ୱିତ କରାଯାଉଥିବା ଜଣାପଡ଼ିଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ଅଧିକ ପର୍ଯ୍ୟଟନସ୍ଥଳୀକୁ ବିଶ୍ୱର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ କରିବା ପାଇଁ ପଦକ୍ଷେପ ନେବାକୁ ମୋହନ ମାଝୀ ସରକାର ନିଷ୍ପତ୍ତି



ନେଇଛନ୍ତି । ଏଥିପାଇଁ ହୀରାକୁଦ, ବୌଦ୍ଧ ସର୍କିଟ, ଚିଲିକା ଓ ସାତକୋଶିଆକୁ ବିଶ୍ୱ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରାଯିବ । ଏନେଇ ଆବଶ୍ୟକ ପ୍ରକ୍ରିୟା ଚଳିତମାସ ୧୫ତାରିଖ ସୁଦ୍ଧା ଚୂଡ଼ାନ୍ତ କରିବା ପାଇଁ ମୁଖ୍ୟ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ହୀରାକୁଦ ପ୍ରକଳ୍ପକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ନିମନ୍ତେ ଖୁବଶୀଘ୍ର ଜାତୀୟ କର୍ମଶାଳା ପର୍ଯ୍ୟଟନ ବିଭାଗ ଆୟୋଜନ କରିବ ବୋଲି ନିଷ୍ପତ୍ତି ହୋଇଛି । ଏହାପରେ ପର୍ଯ୍ୟାୟକ୍ରମେ ଯାଜପୁର ଜିଲ୍ଲାରେ ଥିବା ବୌଦ୍ଧ ସର୍କିଟ, ଚିଲିକା ଓ ସାତକୋଶିଆକୁ ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳୀ କରିବାକୁ ସରକାର ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି । ସେହିପରି ଏମଏସଏମଇ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ରାଜ୍ୟ ସରକାର ଆଉ ୫ଟି ନୂଆ ଫୁଡପାର୍କ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ।

## ମଙ୍ଗଳ କାମନା କଲେ ଡିଜି

**ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ):** ନୂଆବର୍ଷରେ ରାଜ୍ୟବାସୀଙ୍କ ମଙ୍ଗଳ କାମନା କଲେ ପୋଲିସ ଡିଜି ୱାଇ ବି ଖୁରାନିଆ। ପୋଲିସ ଡିଜି କହିଛନ୍ତି ଯେ, ନବବର୍ଷରେ ରାଜ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ନୂଆ ଟେକ୍ନୋଲୋଜି ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ସାଇବର କ୍ରାଇମ୍ ରୋକିବାକୁ ଓଡ଼ିଶା ପୋଲିସ ନୂଆ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ମହିଳା ଓ ଶିଶୁ ଅପରାଧ ଉପରେ ରୋକ୍ ଲଗାଇବାକୁ ଗୁରୁତ୍ୱ ଦିଆଯାଉଛି। ପୋଲିସ ଡିଜି କହିଛନ୍ତି, ୨୦୨୬ ସୁଦ୍ଧା ରାଜ୍ୟରୁ ନକ୍ସଲବାଦ ମୂଳପୋଛ କରିବାକୁ ଯୋଜନା କରାଯାଇଛି। କୋଷ୍ଟାଲ ସିକ୍ୟୁରିଟି ପାଇଁ ଓଡ଼ିଶା ପୋଲିସ ନୂଆ ଯୋଜନା କରିଛି। ଏଥିପାଇଁ ଅତ୍ୟାଧୁନିକ ନୂଆ ବୋଟ୍ ସାମିଲ କରାଯିବ।



# ପର୍ଯ୍ୟଟନ ହବ୍ ହେବ ଓଡ଼ିଶା

**ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ):**ଏବେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀଗୁଡିକ ଆଉ ଲୁକାୟିତ ହୋଇରହିବନି। ସମସ୍ତ ପର୍ଯ୍ୟଟନସ୍ଥଳୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଭରପୁର ଉପଭୋଗ କରିବେ ପର୍ଯ୍ୟଟକ। ରାଜ୍ୟସରକାର ପର୍ଯ୍ୟଟନକୁ ପ୍ରାଧାନ୍ୟ ଦେଉଛନ୍ତି। ଓଡ଼ିଶା ହେବ ଟୁରିଜିମ୍ ହବ୍। ପର୍ଯ୍ୟଟନ କ୍ଷେତ୍ରରେ ଦେଶରେ ୩ ନମ୍ବର ରାଜ୍ୟ ହେବ ଓଡ଼ିଶା। ଏଭଳି କିଛି ଦୃଢ଼ୋକ୍ତି ବାଢିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି ଯେ, ଓଡ଼ିଶା ଏବେ ପର୍ଯ୍ୟଟନ କ୍ଷେତ୍ରରେ ୧୭ ନମ୍ବର ସ୍ଥାନରେ ଅଛି। ୨୦୨୫ ଶେଷ ବେଳକୁ ଏହା ୧୭ ରୁ ୭ ନମ୍ବର ହେବ ଏବଂ ୨୦୨୯ ବେଳକୁ ଓଡ଼ିଶା ୩ ନମ୍ବର ହେବ ବୋଲି ଦମ୍ଭର ସହ କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାର ବେଷ୍ଟ କେପ୍ଟ ସିକ୍ରେଟ ଓପନ ହେବ। ଉତ୍କର୍ଷ ଓଡ଼ିଶାରେ ସିଙ୍ଗିଲ ୱିଣ୍ଡୋରେ ଆସିଥିବା ନିବେଶକମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ଦେଖିପାରିବେ। ଆସନ୍ତା ସପ୍ତାହରେ ଆରମ୍ଭ ହେଉଛି ପ୍ରବାସୀ ଭାରତୀୟ ଦିବସ। ଏହା ମାଧ୍ୟମରେ କୋରାପୁଟ, କଳାହାଣ୍ଡି ଭଳି ଅଞ୍ଚଳରେ ଭରି ରହିଥିବା ପ୍ରାଚୁର୍ଯ୍ୟକୁ ବିଶ୍ୱ ଦରବାରରେ ଦେଖାଇବା ପାଇଁ ଆମେ ସଫଳ ହେବୁ। ୭ରୁ ୮ ହଜାର ପ୍ରବାସୀ ଭାରତୀୟ ଓଡ଼ିଶା ଆସିବେ। ଅତିଥି ଦେବ ଭବଃ ସଂସ୍କୃତିରେ ସମସ୍ତଙ୍କୁ ସ୍ୱାଗତ କରିବା ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି ପ୍ରଭାତୀ ମତବ୍ୟକ୍ତ କରିଛନ୍ତି।



● ଦୁର୍ନୀତି ନିବାରଣ ସଂସ୍ଥାର ଶକ୍ତି ବୃଦ୍ଧି

## ୮ ଅତିରିକ୍ତ ଏସପି, ୨୪ ଡିଏସପି,୧୬ ଏସ୍ଆଇ ପଦବୀ ସୃଷ୍ଟି

**ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ନୀତି ଉପରେ ଆରମ୍ଭରୁ କଡ଼ା ଆଭିମୁଖ୍ୟ ନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସିଛନ୍ତି। ବିଶେଷ କରି ଉଚ୍ଚ ସ୍ତରରେ ଦୁର୍ନୀତି ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଏଥିପାଇଁ ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥାର ଶକ୍ତି ବୃଦ୍ଧିର ଆବଶ୍ୟକତା କୁ ଦୃଷ୍ଟିରେ ର ଖି ଏହାର ବିଭିନ୍ନ ପଦବୀ ସଂଖ୍ୟା ବୃଦ୍ଧି କରାଯାଇ ନୂଆ ପଦବୀ ସୃଷ୍ଟି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ଭିଜିଲାନ୍ସରେ ୮ଟି ଅତିରିକ୍ତ ଏସ.ପି, ୨୪ଟି ଡି.ଏସ.ପି ପଦବୀ ଓ ୧୬ ଟି ପୋଲିସ ସବ୍ ଇନ୍ସପେକ୍ଟର ପଦବୀ ସୃଷ୍ଟି କରାଯାଇଛି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି।




## ଯୁବକଙ୍କୁ ମାରି ଖଣ୍ଡ ଖଣ୍ଡ କଲା

**ଢେଙ୍କାନାଳ,୧।୧(ସଂଚାର ବ୍ୟୁରୋ):** ନୂଆ ବର୍ଷରେ ରାଜ୍ୟବ୍ୟାପୀ ଆନନ୍ଦ ଉତ୍ସବ ପାଳନ କରାଯାଉଥିବା ବେଳେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବସୋଇ ଗାଁରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଗାଁ ଦାଣ୍ଡରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ଗାଁ ଚୌପାଢ଼ିରେ ଥିବା ଠାକୁରାଣୀଙ୍କ ପଣାଖୁଣ୍ଟିରେ ବଳି ଦେଇଛି ପିଶାଚ ଯୁବକ। ମୃତ ଯୁବକ ହେଲେ ଗାଁର ରାକେଶ ସେଠୀ। ରାକେଶ ଚିକେନ ପାଇଁ ସାଇକେଲରେ ଯାଉଥିବା ସମୟରେ ତାଙ୍କୁ ଅଚାନକ ଟାଙ୍ଗିଆରେ ହାଣି ଥିଲା ସେହି ଗାଁର ସରୋଜ ବିଶ୍ୱାଳ ଓରଫ ମକୁ। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ପ୍ରଥମେ ସେ ଠେଙ୍ଗାରେ ପିଟି ପିଟି ରାକେଶଙ୍କୁ ହତ୍ୟା କରିବା ପରେ ଟାଙ୍ଗିଆରେ ମୃତ ଶରୀରକୁ ଖଣ୍ଡ କରି ରାସ୍ତାରେ ଫିଙ୍ଗି ଦେଇଥିଲା। ସବୁଠାରୁ ବୀଭତ୍ସ ହେଉଛି ଗାଁ ଚୌପାଢ଼ିରେ ଥିବା ଠାକୁରାଣୀଙ୍କ ପଣା ଖୁଣ୍ଟି ନିକଟରେ ଜିଅନ୍ତା ରାକେଶଙ୍କୁ ବଳି ଦେଇଥିଲା ସରୋଜ। ପରଜଙ୍ଗ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟଚ୍ଛେଦ ଲାଗି ପଠାଇ ଅଧିକ ତଦନ୍ତ ଜାରି ରଖିଛି। ହତ୍ୟା କାଣ୍ଡ ପରେ ଅଭିଯୁକ୍ତ ଫେରାର ହୋଇଯାଇଛି।



## ଭାଗଚାଷୀଙ୍କ କଥା ଭୁଲିଗଲେ

### ଚାଷୀ ପଞ୍ଜୀକରଣ ଆରମ୍ଭ

ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ): ପ୍ରକୃତ ଚାଷୀ ଚିହ୍ନଟ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ପଞ୍ଜୀକରଣ ପାଇଁ ଜମିପଟ୍ଟା ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ସରକାର ପ୍ରସ୍ତୁତ କରୁଥିବା ଚାଷୀଙ୍କ ଡାଟାବେସରେ ଭାଗଚାଷୀ ରହିବେନି। ରାଜ୍ୟରେ ପ୍ରାୟ ୧୫ ଲକ୍ଷରୁ ଅଧିକ ଭୂମିହୀନ ଚାଷୀ ରହିଛନ୍ତି। ପୂର୍ବ ସରକାର ଏମାନଙ୍କ ଆର୍ଥିକ ସହାୟତା ଦେଉଥିଲେ। ନୂଆ ସରକାର ଏମାନଙ୍କ କଥା ପରେ ବିଚାର କରାଯିବ କହି ଭାଗଚାଷୀଙ୍କ ଭାଗ୍ୟକୁ ଅନ୍ଧାର ଭିତରକୁ ଠେଲିଦେଇଛନ୍ତି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ସମସ୍ତ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଚିଠିରେ ଚାଷୀଙ୍କ ଏକ ଡାଟାବେସ ପ୍ରସ୍ତୁତ କରିବାକୁ କୁହାଯାଇଛି। ଉଭୟ ଅନଲାଇନ ଓ ଅଫଲାଇନ ମୋଡରେ ହେବ ଚାଷୀ ପଞ୍ଜୀକରଣ। ଆଧାରକାର୍ଡ ଦେଇ ପୋର୍ଟାଲ ଓ ଆପ୍‌ରେ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ। ତେବେ ପଞ୍ଜୀକରଣ ପାଇଁ ଏହି ଚିଠିରେ ଯେଉଁ ସର୍ତ୍ତଟି ରଖାଯାଇଛି, ତାହା ଭାଗଚାଷୀଙ୍କ ଭାଗ୍ୟ ଅନ୍ଧାର ଭିତରକୁ ଠେଲି ଦେଇଛି। ଆମ ରାଜ୍ୟରେ ଲକ୍ଷଲକ୍ଷ ଚାଷୀ ଭାଗରେ ନେଇ ଜମି ଚାଷ କରୁଛନ୍ତି । ପ୍ରାକୃତିକ ବିପର୍ଯ୍ୟୟରେ ଫସଲ ନଷ୍ଟହେଲେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ନୂଆ ସରକାର ପ୍ରକୃତ ଚାଷୀ ଚିହ୍ନଟ ପାଇଁ ଡାଟାବେସ ପ୍ରସ୍ତୁତ କରୁଛନ୍ତି। ହେଲେ ପରୋକ୍ଷରେ ଭାଗଚାଷୀଙ୍କ କଥା ପରେ ବିଚାର ହେବ କହି ଜମି ପଟ୍ଟା ନଥିବା ଲକ୍ଷଲକ୍ଷ ଚାଷୀଙ୍କ ଭବିଷ୍ୟତକୁ ଆଖି ବୁଜି ଦେଇଛନ୍ତି।



### ପ୍ରବାସୀ ଭାରତୀୟ ଦିବସ ପାଇଁ ସଜେଇ ହେଉଛି ରାଜଧାନୀ

# ଖୋଲିଲା ଗୃହ ବିଭାଗରେ କଣ୍ଟ୍ରୋଲ ରୁମ୍



**ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ଜାନୁଆରୀ ୮ରୁ ୧୦ ପର୍ଯ୍ୟନ୍ତ ତିନି ଦିନ ଧରି ଆରମ୍ଭ ହେବାକୁ ଯାଉଛି ପ୍ରବାସୀ ଭାରତୀୟ ଦିବସ। ଏହି ଉପଲକ୍ଷେ ସଜେଇ ହେଉଛି ଭୁବନେଶ୍ୱର। ବିଭିନ୍ନ ସ୍ଥାନରେ କାନ୍ଥଗୁଡ଼ିକ ପାରମ୍ପରିକ ଚିତ୍ରକଳାରେ ଝଲସୁଛି। ଏଥିରେ ଓଡ଼ିଶାର ଲୋକକଳା, ପରମ୍ପରା, ନୃତ୍ୟ ଭଳି ବିଭିନ୍ନ ପ୍ରକାର ଚିତ୍ରକଳା ଦେଖିବାକୁ ମିଳୁଛି। ଚିତ୍ରକଳାଗୁଡ଼ିକରେ ଓଡ଼ିଆ ଅସ୍ମିତା ବାରି ହୋଇପଡୁଛି। ସମ୍ବଲପୁରୀ ଓ ଆଦିବାସୀ ଚିତ୍ର, ଟେରାକୋଟା, ପଟ୍ଟଚିତ୍ର, ଝୋଟିଚିତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଯୁବପିଢ଼ିଙ୍କ ପାଇଁ ହଜିଯାଇଥିବା ଲୋକନୃତ୍ୟ ଓ ପାରମ୍ପରିକ ନୃତ୍ୟଗୁଡିକୁ ମଧ୍ୟ ସ୍ଥାନିତ କରାଯାଇଛି। କୀର୍ତ୍ତନ ଦଳ, ନବଗୁଞ୍ଜର, ଓଡ଼ିଶୀ, କଲ୍‌କୀ ଅବତାର ଭଳି ବିଭିନ୍ନ ଚିତ୍ର ଆକର୍ଷଣ ସାଜିଛି। ଏହା ସମସ୍ତଙ୍କୁ ବେଶ୍ ଆକର୍ଷିତ କରୁଛି। ରାସ୍ତାରେ ଯାଉଥିବା ଲୋକେ କଳାକୃତିକୁ ଦେଖିବା ପାଇଁ କିଛି ସମୟ ଅଟକି ଯାଉଛନ୍ତି ତ ପୁଣି ଯୁବତୀ ଯୁବକ ସେଲ୍‌ଫି ଉଠାଇବାକୁ ପଛାଉନାହାନ୍ତି। ପ୍ରବାସୀ ଭାରତୀୟ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶାର ସଂସ୍କୃତି ସହିତ ପରିଚିତ କରାଇବାର ଏହା ହେଉଛି ଏକ ନିଆରା ପ୍ରୟାସ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ବହୁ ଚିତ୍ରଶିଳ୍ପୀ ଉପକୃତ ହେଉଥିବାବେଳେ ସେମାନଙ୍କ ପ୍ରତିଭା ମଧ୍ୟ ଦେଖିବାକୁ ମିଳୁଛି।

ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପାଇଁ ଗୃହ ବିଭାଗରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି କଣ୍ଟ୍ରୋଲ ରୁମ୍ ଟେଲିଫୋନ ନମ୍ବର ହେଲା-୦୬୭୪ -୨୩୯୦୪୧୧ ଓ ୦୬୭୪ -୨୩୯୦୮୧୧। ଏହା ଜାନୁଆରୀ ୨ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଅହୋରାତ୍ର ଖୋଲା ରହିବ।

ସୂଚନାଯୋଗ୍ୟ, ଜନତା ମୈଦାନରେ ପ୍ରବାସୀ ଭାରତୀୟ ଦିବସ ଆରମ୍ଭ ହେଉଛି। ଏଥିରେ ହଜାର ହଜାର ପ୍ରବାସୀ ଭାରତୀୟ ଯୋଗଦେବେ। ଏଥିପାଇଁ ପଞ୍ଜୀକରଣ ଚାଲିଛି। ରାଜ୍ୟ ସରକାର ମଧ୍ୟ ଉକ୍ତ ଦିବସର ସଫଳତା ପାଇଁ ପ୍ରୟାସ ଚଳାଇଛନ୍ତି।

## ଯମୁନା ଏନ୍‌କ୍ଲୋଜର୍‌ରେ ଜିନତ

**ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ):** ଓଡ଼ିଶା ଫେରିଲା ବାଘୁଣୀ ଜିନ୍ନତ। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଛାଟ ପରେ ପଶ୍ଚିମବଙ୍ଗ ଆଲିପୁର ଚିଡ଼ିଆଖାନାରୁ ଗତ ବିଳମ୍ବିତ ରାତିରେ ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଡିରେ ପାଇଲଟିଂ କରି ଜିନ୍ନତକୁ ଓଡ଼ିଶା ଅଣାଯାଇଛି। ଓଡ଼ିଶାରେ ପହଞ୍ଚିବା ପରେ ବୁଧବାର ସକାଳ ୭.୩୦ରେ ଜିନ୍ନତକୁ ଶିମିଳିପାଳ ଦକ୍ଷିଣ ଡିଭିଜନର ସଫ୍ଟ ଏନ୍‌କ୍ଲୋଜରରେ ଛଡାଯାଇଛି। ଏବେ ସେ ସୁସ୍ଥ ଓ ଚଳଚଞ୍ଚଳ ଥିବା ସୂଚନା ଦେଇଛନ୍ତି ବାରିପଦା ଆର୍‌ସିସିଏଫ୍ ପ୍ରକାଶ ଚାନ୍ଦ ଗୋଗନାନି। ଏହାସହିତ ତାକୁ 'ଯମୁନା' ରହୁଥିବା ଏନ୍‌କ୍ଲୋଜରରେ ଛଡ଼ା ଯାଇଛି। ସେଠାରେ ଜିନତ ଗାଧୋଇବା ସହିତ ଦୌଡ଼ା ଦୌଡ଼ି କରୁଥିବା ଦେଖିବାକୁ ମିଳିଛି। ତେବେ ତାକୁ କେବେ କୋର ଏରିଆକୁ ନିଆଯିବ ସେ ନେଇ ନିଷ୍ପତ୍ତି ହୋଇନି। ଦୁଇଦିନ ତଳେ ପଶ୍ଚିମବଙ୍ଗ ବାଙ୍କୁରାରେ ଜିନତକୁ ଟ୍ରାଙ୍କୁଲାଇଜ୍ କରାଯିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଆଲିପୁର ଚିଡ଼ିଆଖାନା ନିଆଯାଇଥିଲା। ଏହାକୁ ନେଇ ହରଡ଼ଘଣାରେ ପଡିଥିଲା ପଶ୍ଚିମବଙ୍ଗ ବନବିଭାଗ। ବାଘୁଣୀକୁ କାହିଁକି ଓଡ଼ିଶା ନ ପଠାଇ ଆଲିପୁର ଚିଡ଼ିଆଖାନାକୁ ପଠାଗଲା, ସେ ନେଇ ଏନ୍‌ଟିସିଏ ପ୍ରଶ୍ନ ଉଠାଇ ପଶ୍ଚିମବଙ୍ଗର ଚିଫ୍ ୱାଇଲ୍ଡଲାଇଫ୍ ୱାର୍ଡେନଙ୍କୁ ଚିଠି କରିଥିଲେ। ଏସ୍‌ଓପି ଅନୁସାରେ ତୁରନ୍ତ ବାଘୁଣୀକୁ ଓଡ଼ିଶା ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏନ୍‌ଟିସିଏ । ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟରେ କିଛି ଦିନ ଘୁରି ବୁଲିବା ପରେ ଜଙ୍ଗଲ ଦେଇ ଝାଡ଼ଖଣ୍ଡ ପଳାଇ ଯାଇଥିଲା ଜିନତ। ଝାଡ଼ଖଣ୍ଡରେ କିଛି ଦିନ ରହିବା ପରେ ସେ ପଶ୍ଚିମବଙ୍ଗ ପଳାଇ ଯାଇଥିଲା। ସେଠାରେ ବାଙ୍କୁରାରେ ବୁଲୁଥିବା ବେଳେ ଗତ ରବିବାର ତାକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ଏହାପରେ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ତାକୁ ଆଲିପୁର ଚିଡ଼ିଆଖାନା ନିଆଯାଇଥିଲା।



## ଦଳପ୍ରତି ବିଶ୍ୱାସ ବଢ଼ିଛି

ଭୁବନେଶ୍ୱର୧।୧(ସଂଚାର ବ୍ୟୁରୋ): ବିଜେପି ଉପରେ ଓଡ଼ିଶାର ଜନସାଧାରଙ୍କ ବିଶ୍ୱାସ ବଢ଼ିଛି। ମାତ୍ର ୬ ମାସରେ ରାଜ୍ୟ ସରକାର ପ୍ରାୟ ସବୁ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ଯଶସ୍ୱୀ ହେବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ନୂଆବର୍ଷରେ ଗଣମାଧ୍ୟମକୁ ସେ କହିଛନ୍ତି, ଓଡ଼ିଶାରେ ଦଳ ଅଦ୍ୱିତୀୟ ସଂଗଠନ ହୋଇ ଛିଡ଼ା ହେବ। ଆଗକୁ ଆହୁରି ଶକ୍ତିଶାଳୀ ହେବ। ଆମେ କାମ କରିବୁ। ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ଅନୁଧ୍ୟାନ କରି ସମାଧାନ କରୁଛୁ। ଆଗକୁ ଏଭଳି ଉଦ୍ୟମ ଆହୁରି ତ୍ୱରାନ୍ୱିତ ହେବ। ଆମେ ଲୋକଙ୍କ ସହିତ ଅଛୁ ଓ ଲୋକଙ୍କ ସରକାର ରାଜ୍ୟରେ ଚାଲିଛି ବୋଲି ଶ୍ରୀ ସାମଲ ଦୃଢ଼ୋକ୍ତି କରିଛନ୍ତି।



### ହାଇକୋର୍ଟରେ ୧୧ହଜାର ଅଦାଲତ ଅବମାନନା ମାମଲା

# ପାଳନ ହେଉନି ଅଦାଲତ ନିର୍ଦ୍ଦେଶ:କାଠଗଡ଼ାରେ ବାବୁ

**ଭୁବନେଶ୍ୱର,୧।୧:** ଆଇନ୍ ଅଦାଲତର ନିର୍ଦ୍ଦେଶ ବହୁ କ୍ଷେତ୍ରରେ ଠିକଣା ଭାବେ ନିର୍ଦ୍ଧାରିତ ସମୟରେ ପାଳନ କରାଯାଉନଥିବାରୁ ମୁଖ୍ୟ ଶାସନ ସଚିବଙ୍କ ସମେତ ପଦସ୍ଥ ଅଧିକାରୀମାନଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ମାମଲା ସଂଖ୍ୟା ବଢ଼ି ଚାଲିଛି। ଏହାର ସମାଧାନ ପାଇଁ ସାଧାରଣ ପ୍ରଶାସନ ବିଭାଗ କ୍ଷେତ୍ର ଦପ୍ତର ସମେତ ବିଭିନ୍ନ ବିଭାଗକୁ ଚିଠି ଲେଖୁଥିଲେ ବି ଅନେକ କ୍ଷେତ୍ରରେ ଏହାକୁ ଅଣଦେଖା କରାଯାଉଥିବାରୁ ସରକାର ଅଦାଲତର କାଠଗଡ଼ାରେ ଛିଡା ହେବାକୁ ବାଧ୍ୟ ହେଉଛନ୍ତି। ଏବେ ଓଡ଼ିଶା ହାଇକୋର୍ଟରେ ୧୧ହଜାରରୁ ଅଧିକ ଅଦାଲତ ଅବମାନନା ମାମଲା ପଡ଼ି ରହିଛି। ଏଥିରୁ ସଂଖ୍ୟାଧିକ ମାମଲା ହେଉଛି ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ସମେତ ପଦସ୍ଥ ଅଧିକାରୀମାନଙ୍କ ବିରୁଦ୍ଧରେ। ଅଦାଲତ ଅବମାନନା ମାମଲା ସଂଖ୍ୟା ବଢ଼ୁଥିବା ଦୃଷ୍ଟିରୁ ରାୟର ଅନୁପାଳନ କରିବା କିମ୍ବା ଏହା ବିରୁଦ୍ଧରେ ଉପର ଫୋରମରେ ଅପିଲ କରିବାପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗ ଓ କ୍ଷେତ୍ର ଦପ୍ତରମାନଙ୍କୁ ସର୍କୁଲାର ପଠାଇଥିଲେ। ଇତି ମଧ୍ୟରେ ଏକ ମାମଲାରେ ହାଇକୋର୍ଟର ମୁଖ୍ୟ ବିଚାରପତି ବ୍ୟକ୍ତିଗତ ଭାବେ ମୁଖ୍ୟ ଶାସନ ସଚିବଙ୍କୁ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତରେ ବୃଦ୍ଧି ପାଉଥିବା ଅଦାଲତ ଅବମାନନା ମାମଲା ଘେନି ମୁଖ୍ୟ ଶାସନ ସଚିବ ଅବହିତ ହେବାପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଥିଲା। ଏହା ଉପରେ ଆସୁଥିବା ଅଦାଲତି ନିର୍ଦ୍ଦେଶର ନିୟମିତ ସମୀକ୍ଷା କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହାପରେ ନିର୍ଦ୍ଦେଶ ଦିଆଯାଇଥିଲା। କେବଳ ସେତିକି ନୁହେଁ ପଦସ୍ଥ ଅଧିକାରୀମାନଙ୍କୁ ଅଦାଲତ ଅବମାନନା ମାମଲା ପ୍ରସଙ୍ଗରେ ଲଗାତାର ଭାବେ ମଧ୍ୟ ତାଲିମ ପ୍ରଦାନ କରିବାର ବ୍ୟବସ୍ଥା ହୋଇଛି। ବିଧି ଅଧିକାରୀମାନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଏ ସଂକ୍ରାନ୍ତରେ ଗୋପବନ୍ଧୁ ଏକାଡେମୀରୁ ମଧ୍ୟ ତାଲିମ ନେଇଛନ୍ତି। ତଥାପି ସମସ୍ୟାର ସମାଧାନ ହେଉନାହିଁ। ବରିଷ୍ଠ ଅଧିକାରୀମାନେ ସ୍ୱୀକାର କରୁଛନ୍ତି ଯେ ଅଦାଲତଙ୍କ ରାୟର ଅନୁପାଳନ ଲାଗି ଉପରୁ ଯାଉଥିବା ଚିଠିଗୁଡିକ ବହୁ କ୍ଷେତ୍ରରେ ତଳ ସ୍ତରର ଅଧିକାରୀମାନଙ୍କ ନିକଟରେ ବାନ୍ଧିହୋଇ ରହିଯାଉଛି। (ତଥ୍ୟ)



Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଚଳିତ ମାସରେ ଏମ୍‌ଜି ସାଇବରଷ୍ଟର୍ ଇଭି ଲଞ୍ଚ




ବ୍ରିଟିଶ କାର ନିର୍ମାତା କମ୍ପାନୀ ଜେଏସଡବ୍ଲ୍ୟୁ ଏମଜି ଭାରତୀୟ ବଜାରରେ ଅନେକ ସେଗମେଣ୍ଟରେ କାର ଏବଂ ଏସୟୁଭି ବିକ୍ରି କରେ। କମ୍ପାନୀ ଖୁବ ଶୀଘ୍ର ଭାରତୀୟ ବଜାରରେ ଇଲେକ୍ଟ୍ରିକ୍ ସୁପର କାର୍ ଭାବରେ ଏମଜି ସାଇବରଷ୍ଟର୍ ଇଭି ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। କମ୍ପାନୀ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଗାଡି ଦେଶରେ ଜାନୁଆରୀ ୨୦୨୫ରେ ଲଞ୍ଚ ହେବ। ଏହା ଅଟୋ ଏକ୍ସପୋ ୨୦୨୫ ସମୟରେ ଲଞ୍ଚ କରାଯିବ ଏବଂ କିଛି ସମୟ ପରେ ଏହା ସେଲ୍ ପାଇଁ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି। କମ୍ପାନୀ ଦ୍ୱାରା ୪ଟି କଲର୍ ଅପ୍ସନରେ ଏମଜି ସାଇବରଷ୍ଟର୍ ଇଭି ଅଣାଯିବ। ଏହା ଇଂରାଜୀ ଧଳା, କସ୍ମିକ୍ ସିଲଭର, ଇନ୍କା ହଳଦିଆ ଏବଂ ଡାଇନାମିକ୍ ରେଡ୍ କଲର୍ ଅପ୍ସନରେ ପ୍ରଦାନ କରାଯିବ। ଏହା ସହିତ ଗାଡ଼ିର ଇଣ୍ଟେରିୟର୍ ଡାର୍କ ଥିମ୍ ରଖାଯିବ। ଏହା ବ୍ୟତୀତ ଏହାକୁ ବଟରଫ୍ଲାଏ ଡୋର୍ସ, ଲୋ' ସ୍ଲୁଙ୍ଗ୍ ଡିଜାଇନ୍ ଦିଆଯାଇଛି ଯାହା ଏହାକୁ ବେଷ୍ଟ କାର କରିଥାଏ। ଏଥିରେ ଏଲଇଡି ହେଡଲାଇଟ୍, ୨୦ ଇଞ୍ଚର ଆଲୟ ହ୍ୱିଲ୍, କନେକଟେଡ୍ ଟେଲ୍ ଲ୍ୟାମ୍ପ, ଖୋଲା ଛାତ, ୩ ଟି ସ୍କ୍ରିନ୍, ୮ ସ୍ପିକର ବୋସ୍ ଅଡିଓ ସିଷ୍ଟମ, ଆଣ୍ଡ୍ରଏଡ ଅଟୋ, ଆପଲ କାର ପ୍ଲେ, ୭ ଇଞ୍ଚ ଇନଫୋଟେନମେଣ୍ଟ ସିଷ୍ଟମ ଭଳି ଅନେକ ଦମଦାର ଫିଚର୍ସ ପ୍ରଦାନ କରାଯିବ। କମ୍ପାନୀ ଏହାକୁ ୭୭କେଡବ୍ଲ୍ୟୁଏଚ କ୍ଷମତା ବିଶିଷ୍ଟ ବ୍ୟାଟେରୀ ଯୋଗାଇବ, ଯାହା ଏହାକୁ ଫୁଲ୍ ଚାର୍ଜରେ ୫୦୦ କିଲୋମିଟରରୁ ଅଧିକ ରେଞ୍ଜ ଦେବ। ଏଥିରେ ଦୁଇଟି ମୋଟର ଅପ୍ସନ୍ ଦିଆଯିବ।

ଯେଉଁଥିପାଇଁ ଏହା ୫୦୦ ବିଏଚପିର ପାୱାର ପାଇବ ଏବଂ ଏହା ଏତେ ଦ୍ରୁତ ଇଲେକ୍ଟ୍ରିକ୍ ସ୍ପୋର୍ଟ୍ସ କାର ଯାହା ଏହାକୁ ମାତ୍ର ପାଞ୍ଚ ସେକେଣ୍ଡରେ ୦-୧୦୦ କିଲୋମିଟର ବେଗରେ ଚଲାଯାଇପାରିବ। କମ୍ପାନୀ ଦ୍ୱାରା ରିୟର ହ୍ୱିଲ୍ ଡ୍ରାଇଭ ସିଷ୍ଟମ ଯୋଗାଇ ଦିଆଯିବ। ଏହାର ଟପ୍ ଭାରିଆଣ୍ଟ ୦-୧୦୦ କିଲୋମିଟରରୁ ଚାଲିବା ପାଇଁ ମାତ୍ର ୩. ୨ ସେକେଣ୍ଡ ସମୟ ନେଇଥାଏ। ବର୍ତ୍ତମାନ, ଏହା ୟୁରୋପର ଅନେକ ଦେଶରେ କମ୍ପାନୀ ଦ୍ୱାରା ସେଲ୍ ପାଇଁ ଉପଲବ୍ଧ। ଭାରତରେ ଲଞ୍ଚ ସମୟରେ ଏହାକୁ ସିବିୟୁ ଭାବରେ ଅଣାଯାଇପାରିବ। ଏଭଳି ପରିସ୍ଥିତିରେ ଏହାର ସମ୍ଭାବ୍ୟ ଏକ୍ସ ଶୋ'ରୁମ୍ ମୂଲ୍ୟ ୫୦ ରୁ ୭୦ ଲକ୍ଷ ମଧ୍ୟରେ ହୋଇପାରେ। ସାଇବରଷ୍ଟରକୁ ଏମଜି ଦ୍ୱାରା ଏକ ଇଲେକ୍ଟ୍ରିକ୍ ସ୍ପୋର୍ଟ୍ସ କାର ଭାବରେ ଅଣାଯିବ। ଯେଉଁ ମୂଲ୍ୟରେ ଏହା ଲଞ୍ଚ ହେବ, ଏହା ହୁଣ୍ଡାଇ ଲନିକ୍ୟୁ୫, କିଆ ଇଭି୬, ବିୱାଇଡି ସିଲ୍ ଭଳି କାର ସହିତ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା କରିବ।

# ନୂଆବର୍ଷରେ ଜାଣନ୍ତୁ ସୁନା ଦର



ନୂଆବର୍ଷ ପାଇଁ ବୃଦ୍ଧି ପାଇଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୫୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୮ ହଜାର ୦୦୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧, ୫୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୮,୦୦୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୫୦୦ ଟଙ୍କା ଓ ୭୮,୦୦୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୬୫୦ ଟଙ୍କା ଓ ୭୮, ୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧,୫୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୮,୦୦୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୫୦୦ ଟଙ୍କା ଓ ୭୮, ୦୦୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୦,୫୦୦ ହଜାର ଟଙ୍କା ହୋଇଛି।

# ନୂଆବର୍ଷରେ ଯାତ୍ରୀମାନଙ୍କ ପାଇଁ ମାଗଣାରେ ୱାଇ-ଫାଇ ଘୋଷଣା କଲା ଏୟାର ଇଣ୍ଡିଆ




**ନୂଆଦିଲ୍ଲୀ, ୧।୧:** ନୂଆବର୍ଷ ଅବସରରେ ଏୟାର ଇଣ୍ଡିଆ ଏହାର ଯାତ୍ରୀମାନଙ୍କୁ ଏକ ବଡ ଉପହାର ଦେଇଛି। ଘରୋଇ ବିମାନରେ ମାଗଣା ୱାଇ-ଫାଇ ଇଣ୍ଟରନେଟ୍ ଲଞ୍ଚ କରିଥିବା ଏୟାର ଇଣ୍ଡିଆ ପ୍ରଥମ ଭାରତୀୟ ବିମାନ କମ୍ପାନୀ ହୋଇପାରିଛି। ଏୟାର ଇଣ୍ଡିଆ ଦ୍ୱାରା ଜାରି ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ଯେ ଏୟାରବସ୍ ଏ୩୫୦, ବୋଇଙ୍ଗ ୭୮୭-୯ ଏବଂ ଏୟାରବସ୍ ଏ୩୨୧ନିଓ ବିମାନରେ ଥିବା ଯାତ୍ରୀମାନେ ଇଣ୍ଟରନେଟ୍ ବ୍ରାଉଜ୍ କରିପାରିବେ, ସୋସିଆଲ୍ ମିଡିଆ ଦେଖିପାରିବେ, ୧୦୦୦୦ ଫୁଟ ଉପରେ ଉଡ଼ିବା ସମୟରେ ବି ଇଣ୍ଟରନେଟର ବ୍ୟବହାର କରି ବ୍ରାଉଜିଙ୍ଗ କରିପାରିବେ। ଏହାପୂର୍ବରୁ ଏୟାର ଇଣ୍ଡିଆର ଆନ୍ତର୍ଜାତୀୟ ରୁଟ ନ୍ୟୁୟର୍କ, ଲଣ୍ଡନ, ପ୍ୟାରିସ ଏବଂ ସିଙ୍ଗାପୁରରେ ଏହି ସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ପାଇଲଟ୍ ପ୍ରୋଜେକ୍ଟ ପ୍ରୋଗ୍ରାମ ଅଧୀନରେ ଘରୋଇ ମାର୍ଗରେ ଏହା ଆରମ୍ଭ ହୋଇଛି। ଏୟାର ଇଣ୍ଡିଆ ସମୟ ସହିତ ଏହାର ଜାହାଜର ଅନ୍ୟ ବିମାନରେ ଏହି ସେବା ଆରମ୍ଭ କରିବାକୁ ଯୋଜନା କରୁଛି। ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ ଆଇଓଏସ୍ କିମ୍ବା ଆଣ୍ଡ୍ରଏଡ୍ ଓଏସ୍ ସହିତ ଲାପଟପ୍, ଟାବଲେଟ୍ ଏବଂ ସ୍ମାର୍ଟଫୋନରେ ୱାଇ-ଫାଇ ସେବା ମାଗଣାରେ ଉପଲବ୍ଧ ହେବ। ଏୟାର ଇଣ୍ଡିଆର ମୁଖ୍ୟ ଗ୍ରାହକ ଅଭିଜ୍ଞତା ଅଧିକାରୀ ରାଜେଶ ଡୋଗ୍ରା କହିଛନ୍ତି ଯେ ସଂଯୋଗ ବର୍ତ୍ତମାନ ଆଧୁନିକ ଭ୍ରମଣର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିଛି। ସେ କହିଛନ୍ତି ଯେ ଆମେ ନିଶ୍ଚିତ ଯେ ଆମର ଯାତ୍ରୀମାନେ ୱେବ ସହିତ ସଂଯୋଗ ହେବାର ସୁବିଧାକୁ ପ୍ରଶଂସା କରିବେ ଏବଂ ବିମାନରେ ଥିବା ଏୟାର ଇଣ୍ଡିଆର ନୂତନ ଅଭିଜ୍ଞତାକୁ ଉପଭୋଗ କରିବେ।

# ଆଜିର ପେଟ୍ରୋଲ ଓ ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ବୃଦ୍ଧି ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦.୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୨ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଜାନୁଆରୀରେ ୧୧ ଦିନ ବନ୍ଦ ରହିବ ବ୍ୟାଙ୍କ

**ନୂଆଦିଲ୍ଲୀ, ୧।୧:** ଆରମ୍ଭ ହୋଇଛି ନୂଆ ବର୍ଷ। ଜାନୁଆରୀ ମାସରେ ଦେଶର ବିଭିନ୍ନ ରାଜ୍ୟରେ ମୋଟ ୧୧ ଦିନ ବ୍ୟାଙ୍କ ବନ୍ଦ ରହିବ। ଏହି ମାସରେ ୪ଟି ରବିବାର ଏବଂ ୨ଟି ଶନିବାର ବ୍ୟାଙ୍କ କାମ ହେବନି। ଏହାବାଦ ୫ ଦିନ ଭିନ୍ନ ଭିନ୍ନ ପର୍ବପର୍ବାଣୀ ଏବଂ ଅନ୍ୟ ଛୁଟି ଯୋଗୁ ବ୍ୟାଙ୍କ କାମ ହେବନି। ଏଭଳି ଭାବେ ଓଡ଼ିଶାରେ ୮ ଦିନ ବ୍ୟାଙ୍କ ଛୁଟି ରହିବ ବୋଲି ଆର୍‌ବିଆଇ କ୍ୟାଲେଣ୍ଡରରୁ ଜଣାପଡିଛି। ବ୍ୟାଙ୍କ ବନ୍ଦ ରହିଲେ ମଧ୍ୟ ଲୋକମାନେ ଅନ୍‌ଲାଇନ ଏବଂ ଏଟିଏମ୍ ଜରିଆରେ ବ୍ୟାଙ୍କ ସେବା ଲାଭ କରିପାରିବେ।

# ହେମରାଜଙ୍କ ଚମତ୍କାର କଳା ପ୍ରଦର୍ଶନ



**ଭୁବନେଶ୍ୱର, ୧।୧:** ବର୍ତ୍ତମାନର ଅତ୍ୟାଧୁନିକ ସୁବିଧା ସୁଯୋଗ ଓ ସୋସିଆଲ ମିଡିଆ ଯୁଗରେ ମଧ୍ୟ ଯାଦୁକଳାର ଚାହିଦା ପୂର୍ବ ପରି ରହିଛି ବୋଲି ଡାଇମଣ୍ଡ ଷ୍ଟାର ଯାଦୁଗର ହେମରାଜ ମତପ୍ରକାଶ କରିଛନ୍ତି। ଏପରିକି ଭୁବନେଶ୍ୱରର ରବି ଟକିଜରେ ଜାରି ରହିଥିବା 'ହେମରାଜ ମ୍ୟାଜିକ ଶୋ'ର ଦର୍ଶକଙ୍କ କହିବା ଅନୁଯାୟୀ ଯାଦୁକଳାକୁ ବଞ୍ଚାଇ ରଖିବା ସହିତ ହେମରାଜଙ୍କ ସୁନ୍ଦର କଳା ଓ ଆକର୍ଷଣୀୟ ମ୍ୟାଜିକ ପ୍ରଦର୍ଶନକୁ ସବୁ ବର୍ଗର ଦର୍ଶକ ଖୁବ ଉପଭୋଗ କରୁଛନ୍ତି। ସେହିପରି ପ୍ରଥମ ଥର ପାଇଁ ଭୁବନେଶ୍ୱରର ଏକ ଫିଲ୍ମ ହଲ ଜରିଆରେ ଏହି ମ୍ୟାଜିକ ଶୋ' ପ୍ରଦର୍ଶିତ ହେଉଛି। ଏପରିକି ଶୃଙ୍ଖଳିତ ଭାବେ ମ୍ୟାଜିକ ଶୋ'କୁ ଆୟୋଜନ କରିବା ସହିତ ଦର୍ଶକଙ୍କ ଭଲ ପାଇବା ମିଳିବାରୁ ଆମେ ଚଳିତ ନବ ବର୍ଷ ଉପଲକ୍ଷେ ୪ଟି ଶୋ ' ଆୟୋଜନ କରିଛୁ। ଏପରିକି ୧ ଜାନୁଆରୀ ୨୦୨୫ ଦିବା ୧ ଘଟିକା, ୩.୧୫ ଘଟିକା, ୫.୧୫ଘଟିକା ଏବଂ ସନ୍ଧ୍ୟା ୭.୩୦ ଘଟିକାରେ ଏହି ସ୍ୱତନ୍ତ୍ର ଶୋ'ର ଆୟୋଜନ କରାଯାଉଛି। ଅପରପକ୍ଷରେ ପ୍ରତିଦିନ ୨ଟି ଶୋ (ସୋମବାରରୁ ଶନିବାର ଅପରାହ୍ନ ୫.୧୫ଘଟିକା ଏବଂ ସନ୍ଧ୍ୟା ୭,୩୦ଘଟିକା) ଏବଂ ରବିବାର ଓ ଛୁଟିଦିନଗୁଡିକରେ ୩ଟି ଶୋ ( ଅପରାହ୍ନ ୩.୧୫ ଘଟିକା, ୫.୩୦ ଘଟିକା ଏବଂ ସନ୍ଧ୍ୟା ୭,୪୫ ଘଟିକା) ୨ ଘଣ୍ଟିଆ ପରିବେଷଣ କରାଯାଉଛି ବୋଲି ଆୟୋଜକ ତଥା ସଂସ୍ଥାର ମ୍ୟାନେଜର ଅତୁଲ ଯୋଶୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ନୂଆବର୍ଷରେ ଶସ୍ତା ହେଲା ଏଲପିଜି ସିଲିଣ୍ଡର



ନୂଆବର୍ଷରେ ଗ୍ରାହକଙ୍କ ପାଇଁ ଖୁସି ଖବର। କମିଲା ଏଲପିଜି ଗ୍ୟାସ ସିଲିଣ୍ଡର ଦର। ଆଜିଠାରୁ ଅର୍ଥାତ୍ ଜାନୁଆରୀ ୧ ତାରିଖରୁ ୧୯ କିଲୋଗ୍ରାମ ବ୍ୟବସାୟିକ ଏଲପିଜି ସିଲିଣ୍ଡରର ଦର କମିଛି। ଏଲପିଜି ସିଲିଣ୍ଡରର ମୂଲ୍ୟ ୧୪.୫୦ ଟଙ୍କା ହ୍ରାସ ପାଇଛି। ତେବେ ଘରୋଇ ସିଲିଣ୍ଡର ଦର ପୂର୍ବଭଳି ଅପରିବର୍ତ୍ତିତ ରହିଛି। ନୂଆ ଦର ଲାଗୁ ହେବା ପରେ ଦିଲ୍ଲୀର ବ୍ୟବସାୟିକ ଏଲପିଜି ସିଲିଣ୍ଡରର ଦାମ୍ ୧୮୧୮.୫୦ ଟଙ୍କାରୁ ୧୮୦୪ ଟଙ୍କା ରହିଛି। ସେହିପରି କୋଲକତାରେ ସିଲିଣ୍ଡର ଦାମ୍ ୧୯୧୧ ଟଙ୍କାକୁ ରହିଛି। ଯାହା ପୂର୍ବରୁ ଏହାର ଦାମ୍ ୧୯୨୭ ଟଙ୍କା ଥିଲା। ମୁମ୍ବାଇରେ ପୂର୍ବରୁ ୧୭୭୧ ଟଙ୍କା ଥିଲା ଏବେ ଏହାର ମୂଲ୍ୟ ୧୭୫୬ ଟଙ୍କାକୁ ରହିଛି। ଚେନ୍ନାଇରେ ସିଲିଣ୍ଡର ଦାମ୍ ୧୯୬୬କୁ ହ୍ରାସ ପାଇଛି। ପୂର୍ବରୁ ଏହାର ଦାମ୍ ୧୯୮୦.୫୦ ଟଙ୍କା ଥିଲା। କେବଳ ହୋଟେଲ,ଢାବା ତଥା ଅନ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଦୋକାନରେ ୧୯ କିଲୋଗ୍ରାମ ବ୍ୟବସାୟିକ ସିଲିଣ୍ଡର ବ୍ୟବହାର କରାଯାଇଥାଏ। ସେମାନଙ୍କୁ ୧୪ କିଲୋଗ୍ରାମ ଘରୋଇ ସିଲିଣ୍ଡର ବ୍ୟବହାର କରିବାକୁ ଅନୁମତି ନାହିଁ। ସୂଚନାଯୋଗ୍ୟ, ଡିସେମ୍ବର ମାସରେ ଏଲପିଜି ସିଲିଣ୍ଡର ଦାମ ବଢିଥିଲା। କର୍ମସିଆଲ ଏଲପିଜି ଦାମ୍ ବଢିଥିଲା। ୧୯ କେଜି ଏଲପିଜି ସିଲିଣ୍ଡର ଦାମ୍ ୧୬.୫୦ ବଢିଥିଲା। ଏହାପୂର୍ବରୁ ନଭେମ୍ବରରେ ମଧ୍ୟ ଏଲପିଜି ସିଲିଣ୍ଡର ଦାମ୍ ବଢିଥିଲା।

# ବଢ଼ିଲା ଆଇଟିଆର୍ ଦାଖଲ ସମୟସୀମା

**ଭୁବନେଶ୍ୱର,୧।୧:** ଇନକମ୍ ଟ୍ୟାକ୍ସ ରିଟର୍ନ (ଆଇଟିଆର) ଦାଖଲ କରିବାର ସମୟସୀମା ବୃଦ୍ଧି କରାଯାଇଛି। ପୂର୍ବରୁ ଡିସେମ୍ବର ୩୧ ଶେଷ ତାରିଖ ବୋଲି ଘୋଷଣା କରାଯାଇଥିଲା। ତେବେ ବିଭିନ୍ନ ବର୍ଗର କରଦାତାଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସମୟସୀମାକୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଏହି ବର୍ଦ୍ଧିତ ସମୟସୀମା କେବଳ ବ୍ୟକ୍ତିଗତ କରଦାତାମାନଙ୍କ ପାଇଁ ଉପଲବ୍ଧ ହେବ। ଯେଉଁମାନେ ପୂର୍ବରୁ ସମୟସୀମା ମଧ୍ୟରେ ଆୟକର ରିଟର୍ନ ଦାଖଲ କରିଛନ୍ତି, ଆବଶ୍ୟକସ୍ଥଳେ ସେମାନେ ସଂଶୋଧିତ ଆଇଟିଆର ମଧ୍ୟ ଦାଖଲ କରିପାରିବେ। ଯେଉଁ ଟିକସଦାତାଙ୍କ ଆଇଟିଆର ବାର୍ଷିକ କାରବାର ସହିତ ମେଳ ଖାଉ ନାହିଁ ସେମାନଙ୍କୁ ଆୟକର ବିଭାଗ ପକ୍ଷରୁ ଅବଗତ କରାଯାଇଛି। ସେମାନେ ସେମାନଙ୍କର ଆଇଟିଆରରେ ସଂଶୋଧନ କରିବା ଉଚିତ ବୋଲି ବିଭାଗ ପରାମର୍ଶ ଦେଇଛି। ସୂଚନା ଥାଉକି, ଆଇଟିଆର ଦାଖଲ ପାଇଁ ବ୍ୟକ୍ତିବିଶେଷଙ୍କ ପାଇଁ ମୂଳ ସମୟସୀମା ଜୁଲାଇ ୨୧ ପର୍ଯ୍ୟନ୍ତ ଥିଲା। ଏହି ଅବଧି ପରେ ଆଇଟିଆର ଫାଇଲ ପାଇଁ ୫୦୦୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ସମୟସୀମା ନିର୍ଦ୍ଧାରଣ କରାଯାଇଥିଲା। ବର୍ତ୍ତମାନ ଏହାକୁ ଜାନୁଆରୀ ୧୫କୁ ବୃଦ୍ଧି କରାଯାଇଛି।

## ୨୦୨୫ର ପ୍ରଥମ ବାଣିଜ୍ୟ ଅଧିବେଶନ

# ସକାରାତ୍ମକ ନୋଟରେ ବନ୍ଦ ହେଲା ସେନସେକ୍ସ ଓ ନିଫ୍ଟି



**ମୁମ୍ବାଇ, ୧।୧:** ଭାରତୀୟ ସେୟାର ମାର୍କେଟ୍ ଆଜି ଏକ ସକାରାତ୍ମକ ନୋଟ୍ ସହିତ ନୂଆବର୍ଷ ଆରମ୍ଭ କରିଥିଲା। ସେନସେକ୍ସ ୪୪୩.୦୯ ଅଙ୍କ ବଢ଼ି ୭୮,୫୮୨.୧୦ରେ ବନ୍ଦ ହୋଇଛି, ଯାହାକି ୨୦୨୫ ପାଇଁ ଏକ ମଜଭୁତ ଆରମ୍ଭ। ଏନଏସଇ ନିଫ୍ଟି ମଧ୍ୟ ୯୮.୧୦ ଅଙ୍କ ବୃଦ୍ଧି ସହିତ ୨୩,୭୪୨.୯୦ରେ ବନ୍ଦ ହୋଇଛି। ବ୍ୟାପକ ବଜାର ମିଶ୍ରିତ ପ୍ରଦର୍ଶନ ଦେଖାଇଛି। ଏଥିରେ ନିଫ୍ଟି ୫୦ ଇଣ୍ଡେକ୍ସରୁ ୩୭ ସେୟାର ଆଗକୁ ବଢ଼ିଥିବା ବେଳେ ୧୩ଟି ହ୍ରାସ ପାଇଥିଲା। ଶ୍ରେଷ୍ଠ ଲାଭାର୍ଥୀଙ୍କ ମଧ୍ୟରେ ଥିଲେ ମାରୁତି, ଏମ୍ ଆଣ୍ଡ ଏମ୍, ଏଲଟି, ବାଜାଜ ଫାଇନାନ୍ସ ଆଣ୍ଡ ଟାଟା ମୋଟର୍ସ। ଏମାନେ ଦୃଢ଼ତାର ସହ ଉପରମୁହାଁ ରହିଥିବା ବେଳେ ହିଣ୍ଡାଲକୋ, ଡା. ରେଡ୍ଡୀସ୍, ଅଦାନୀ ପୋର୍ଟସ୍, ଓଏନଜିସି ଏବଂ ଟାଟା ଷ୍ଟିଲ୍ ସଂଘର୍ଷ କରିଥିଲେ, ଯାହା ଦ୍ୱାରା ନିଫ୍ଟିରେ ହ୍ରାସ ପାଇଥିଲା। ନିୟୋଜିତ ଫାଇନାନ୍ସିଆଲ୍ ସର୍ଭିସେଜର ଗବେଷଣା ମୁଖ୍ୟ ବିନୋଦ ନାୟାର ବୋର୍ଡ ବେସଡ୍ ରିକଭରୀକୁ ସକାରାତ୍ମକ ମାର୍କେଟ୍ ଖୋଲିବାର ଶ୍ରେୟ ଦେଇଛନ୍ତି। ନାୟାର କହିଛନ୍ତି, ବଜାର ୨୦୨୫ର ପ୍ରଥମ ଦିନ ଏକ ସକାରାତ୍ମକ ନୋଟ୍ ସହିତ ଆରମ୍ଭ ହୋଇଥିଲା। ଭାରତୀୟ ସେୟାର ବଜାର ୨୦୨୫ର ପ୍ରଥମ ବାଣିଜ୍ୟ ଅଧିବେଶନ ସାମାନ୍ୟ ଲାଭ ସହିତ ଆରମ୍ଭ କରିଥିଲା ଏବଂ ଦିନର ଶେଷରେ ଏଥିରେ ଦୃଢ଼ତା ଆସିଥିଲା। ସେପଟେ ଅଧିକାଂଶ ବିଶ୍ୱ ବଜାର ନୂଆବର୍ଷ ପାଳନ ପାଇଁ ବନ୍ଦ ରହିଥିଲା। କହି ରଖୁଛୁ ଯେ ୨୦୨୪ରେ ଉଭୟ ସେନସେକ୍ସ ଏବଂ ନିଫ୍ଟି ୫୦ ମଜଭୁତ ପ୍ରଦର୍ଶନ କରିଥିଲେ।

# ଭାରତରେ କ୍ରେଡିଟ୍ କାର୍ଡ ୟୁଜର ୫%

**ନୂଆଦିଲ୍ଲୀ, ୧।୧:** ଭାରତରେ କ୍ରେଡିଟ୍ କାର୍ଡ ପେନିଟ୍ରେସନ୍ ଅତ୍ୟନ୍ତ କମ୍। ଆମ ଦେଶରେ ମାତ୍ର ୫% ଲୋକ ହିଁ ଏହାର ବ୍ୟବହାର କରୁଛନ୍ତି। କ୍ରେଡିଟ୍ କାର୍ଡ ୟୁଜର ହିସାବରେ ଭାରତ ଅନେକ ଦେଶଠାରୁ ପଛୁଆ ରହିଛି। ଭାରତରେ ୪.୬୨% ଲୋକ କ୍ରେଡିଟ୍ କାର୍ଡ ବ୍ୟବହାର କରନ୍ତି। କାନାଡାରେ ସବୁଠାରୁ ଅଧିକ ୮୨.୭୪% ଲୋକ ଏହାର ବ୍ୟବହାର କରୁଥିବା ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିଭଳି ଇସ୍ରାଏଲ୍‌ରେ ୭୯.୦୫%, ଆଇସ୍‌ଲ୍ୟାଣ୍ଡ୍‌ରେ ୭୪%, ହଂକଂରେ ୭୧.୬୩%, ଜାପାନରେ ୬୯.୬୬%, ସୁଇଜରଲାଣ୍ଡରେ ୬୯.୨୧%, ଦକ୍ଷିଣ କୋରିଆରେ ୬୮.୪୪%, ନରୱେରେ ୬୬.୭୪%, ଆମେରିକାରେ ୬୬.୭% ଏବଂ ଫିନ୍‌ଲ୍ୟାଣ୍ଡ୍‌ରେ ୬୫.୭୪% ଲୋକ କ୍ରେଡିଟ୍ କାର୍ଡ ବ୍ୟବହାର କରନ୍ତି। ତାଇୱାନ୍‌ରେ ଏହା ୬୩.୭୭%, ବ୍ରିଟେନ୍‌ରେ ୬୨.୧୧%, ଅଷ୍ଟ୍ରିଆରେ ୫୮.୯୯%, ଡେନ୍‌ମାର୍କରେ ୫୮.୫%, ଇଟାଲୀରେ ୫୭.୮୮% ଏବଂ ସ୍ପେନ୍‌ରେ ୫୬.୬୧% ରହିଛି। ବିଶ୍ୱରେ ଏଭଳି ଏକ ଦେଶ ଅଛି, ଯେଉଁଠାରେ କେହି ବି କ୍ରେଡିଟ୍ କାର୍ଡ ବ୍ୟବହାର କରନ୍ତି ନାହିଁ।

# ତାମିଲନାଡୁରେ ଆଦାନୀ ଗ୍ରୁପକୁ ଲାଗିଲା ଝଟକା, ବାତିଲ ହେଲା ଟେଣ୍ଡର




**ଚେନ୍ନାଇ, ୧।୧:** ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଏନର୍ଜି ସଲ୍ୟୁସନ ପାଇଁ ଏକ ଖରାପ ଖବର ଅଛି। ତାମିଲନାଡୁର ଡିଏମକେ ସରକାର ରାଜ୍ୟରେ ସ୍ମାର୍ଟ ମିଟର ସ୍ଥାପନ ପାଇଁ ଗ୍ଲୋବାଲ ଟେଣ୍ଡରକୁ ବାତିଲ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ଦିଆଯାଇଥିବା ଟେଣ୍ଡରରେ ଆଦାନୀ ଏନର୍ଜି ସଲ୍ୟୁସନ୍ ସର୍ବନିମ୍ନ ମୂଲ୍ୟରେ ଟେଣ୍ଡର କରିଥିଲା। ତାମିଲନାଡୁ ଜେନେରେସନ୍ ଏବଂ ବିତରଣ ନିଗମ ଏହି ଟେଣ୍ଡର ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ରିପୋର୍ଟ ଅନୁଯାୟୀ, ତାମିଲନାଡୁ ଜେନେରେସନ୍ ଆଣ୍ଡ ଡିଷ୍ଟ୍ରିବ୍ୟୁସନ କର୍ପୋରେସନ୍ ଟେଣ୍ଡରକୁ ବାତିଲ କରି କହିଛି ଯେ ଆଦାନୀ ଏନର୍ଜି ସଲ୍ୟୁସନ୍ ବହୁତ ଅଧିକ ପରିମାଣର ଟେଣ୍ଡର କରିଛି । ଚେନ୍ନାଇ, କାଞ୍ଚିପୁରମ୍ ଏବଂ ଚେଙ୍ଗଲପାଟ୍ଟୁ ସମେତ ଚାରୋଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରୁଥିବା ଚାରୋଟି ପ୍ୟାକେଜ୍ ମଧ୍ୟରୁ ଗୋଟିଏ ପ୍ୟାକେଜ ଆଦାନୀ ଏନର୍ଜି ସଲ୍ୟୁସନ୍ ସର୍ବନିମ୍ନ ବିଡରଙ୍କ ମଧ୍ୟରେ ଥିଲା। ତାମିଲନାଡୁ ଜେନେରେସନ୍ ଆଣ୍ଡ ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନ୍ (ଟାଙ୍ଗେଡକୋ) ର ଅଧିକାରୀମାନେ କହିଛନ୍ତି ଯେ ଏହି ପ୍ରକଳ୍ପର ଟେଣ୍ଡର ଜିତିବା ପାଇଁ ଆଦାନୀ ଏନର୍ଜି ସଲ୍ୟୁସନ୍ ଦ୍ୱାରା ଦିଆଯାଇଥିବା ମୂଲ୍ୟ ରାଜ୍ୟ ସରକାରଙ୍କୁ ଆଦୌ ଗ୍ରହଣୀୟ ନୁହେଁ। ତେବେ ଖର୍ଚ୍ଚ ହ୍ରାସ କରିବାକୁ କମ୍ପାନୀ ସହିତ ଅନେକ ରାଉଣ୍ଡ ବୁଝାମଣା ହୋଇସାରିଛି। ରିପୋର୍ଟରେ କୁହାଯାଇଛି ଯେ ଏହି ପ୍ରସ୍ତାବିତ ପ୍ୟାକେଜରେ କେନ୍ଦ୍ର ଦ୍ୱାରା ଦିଆଯାଇଥିବା ୧୯୦୦୦ କୋଟି ଟଙ୍କାର ପାଣ୍ଠି ମାଧ୍ୟମରେ ୮.୨ ମିଲିୟନ ସ୍ମାର୍ଟ ମିଟର ସ୍ଥାପନ କରିବାର ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ଅଧୀନରେ କୃଷି ବ୍ୟତୀତ ସମସ୍ତ ବିଦ୍ୟୁତ୍ ସଂଯୋଗ ପାଇଁ ସ୍ମାର୍ଟ ମିଟର ସ୍ଥାପନ କରିବାର ଯୋଜନା ଅଛି। ତାମିଲନାଡୁ ଜେନେରେସନ୍ ଆଣ୍ଡ ବିତରଣ ନିଗମର ସୂତ୍ରରୁ ପ୍ରକାଶ ଯେ ଅଗଷ୍ଟ ୨୦୨୩ରେ ଜାରି କରାଯାଇଥିବା ଚାରୋଟି ଟେଣ୍ଡର ବାତିଲ କରାଯାଇଛି, ଯେଉଁଥିରେ ଅନ୍ୟ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରୁଥିବା ତିନୋଟି ପ୍ୟାକେଜ୍ ଅନ୍ତର୍ଭୁକ୍ତ। ସରକାର ଖୁବ୍ ଶୀଘ୍ର ଏକ ନୂତନ ଟେଣ୍ଡର ଜାରି କରିବେ। ଏହାପୂର୍ବରୁ ଷ୍ଟାଲିନ ସରକାର ଆଦାନୀ ଗ୍ରୁପକୁ ଲାଭ ଦେଉଥିବା ଅଭିଯୋଗ ହୋଇଥିଲା, ଯେଉଁଥିପାଇଁ ବିରୋଧୀ ସରକାର ଆକ୍ରମଣ କରୁଥିଲେ।

# ନୂଆ ଆଶା, ନୂଆ ସମ୍ଭାବନା ନେଇ ଆସିଛି ନୂଆବର୍ଷ

## ପୀରଜାହାନିଆ ସ୍ୱର୍ଣ୍ଣାଭ ବେଳାଭୂମିରେ ପ୍ରଥମ ସୂର୍ଯ୍ୟୋଦୟ ଦର୍ଶନ ପାଇଁ ଭିଡ଼



**କାକଟପୁର /ଅସ୍ତରଙ୍ଗ,୧।୧(ସଂଚାର ବ୍ୟୁରୋ):** ନୂଆ ବର୍ଷର ନୂଆ ସକାଳ। ସୂର୍ଯ୍ୟଙ୍କ ପହିଲି ସ୍ପର୍ଶ ପରେ ମନରେ ଉତ୍ସାହ ଓ ଉଦିପନା। ଆଜିର ଦିନ ସହିତ ପୁରା ବର୍ଷ ଯେଭଳି ଭଲରେ କଟିବ ସେଥିପାଇଁ ସକାଳୁ ସକାଳୁ ମନ୍ଦିର ରେ ଭିଡ଼ ଦେଖିବାକୁ ମିଳିଛି। ପରିବାର ତଥା ସମାଜର ମଙ୍ଗଳକାମନା କରି ପୂଜାଅର୍ଚନା କରିଛନ୍ତି ଲୋକେ। ନୂଆ ଆଶା ସମ୍ଭାବନା ନୂଆ ଉନ୍ମାଦନା ନେଇ ଆସିଛି ନୂଆ ବର୍ଷ ୨୦୨୫। ପୁରୁଣା ବର୍ଷକୁ ବିଦାୟ ଦେଇ ବିଦାୟୀ ବର୍ଷର ଦୁଃଖ, ଖରାପ ସ୍ମୃତି କୁ ଭୁଲି କିଛି ଅଭୁଲା ଅନୁଭୂତି କୁ ସାଥିରେ ନେଇ ନୂଆବର୍ଷର ନୂଆ ଆରମ୍ଭ କରିବାକୁ ସମସ୍ତେ ସଂକଳ୍ପ ନେଇଛନ୍ତି। ନୂତନ ବର୍ଷର ପ୍ରଥମ ସୂର୍ଯ୍ୟ ଉଦୟ ଦର୍ଶନ କରିବାକୁ ରାଜ୍ୟର କୋଣ ଅନୁକୋଣ ରୁ ଅସ୍ତରଙ୍ଗ ପୀରଜାହାନିଆ ସ୍ୱର୍ଣ୍ଣାବ ବେଳାଭୂମିରେ ଶତାଧିକ ଲୋକଙ୍କ ସମାଗମ। ଏହା ସହ ଦେବା ଦେବୀ ଙ୍କୁ ଦର୍ଶନ କରି ବର୍ଷର ପ୍ରଥମ ଦିନ ଆରମ୍ଭ କରିଛନ୍ତି ଲୋକମାନେ।ପୁରୀ ଜିଲ୍ଲାର କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ମନ୍ଦିର ରେ ସ୍ଥାନୀୟ ଭକ୍ତ ଙ୍କ ସହ ରାଜ୍ୟର କୋଣ ଅନୁକୋଣ ରୁ ଭକ୍ତ ସମାଗମ ଜମିଥିଲା ମା ମଙ୍ଗଳା ଙ୍କ ମନ୍ଦିର ରେ। ପ୍ରଶାସନ ତରଫରୁ ଭକ୍ତଙ୍କ ସୁବିଧା ପାଇଁ ଧାଡିରେ ଯାଇ ସମସ୍ତେ ମା ମଙ୍ଗଳା ଙ୍କୁ ଦର୍ଶନ କରିଛନ୍ତି। ଯଦିଓ ଏହି ନୂଆ ବର୍ଷ କୁ ଇଂରାଜୀ ନବବର୍ଷ ବୋଲି କୁହାଯାଇଥାଏ ତଥାପି ଲୋକେ ଏହାକୁ ବର୍ଷର ଆରମ୍ଭ ହିସାବରେ ଗ୍ରହଣ କରିଥାନ୍ତି। ତେଣୁ ମନ୍ଦିର ଯାଇ ନିଜ ପରିବାର ତଥା ସମାଜର ମଙ୍ଗଳ ପାଇଁ କାମନା କରିଛନ୍ତି। ମା ମଙ୍ଗଳା ମନ୍ଦିର ସହ ଅସ୍ତରଙ୍ଗ ଅଧିଷ୍ଠାତ୍ରୀ ଦେବୀ ମା ଉକୁଳେଇ, ତାରିଣୀ ମନ୍ଦିର ସମେତ ବିଭିନ୍ନ ମନ୍ଦିର ରେ ଭିଡ଼ ଦେଖିବାକୁ ମିଳିଛି। ବୁଧବାର ନୂଆ ବର୍ଷ ହୋଇଥିବାରୁ ମା ମଙ୍ଗଳା ଙ୍କ ନିକଟରେ ସ୍ୱତନ୍ତ୍ର ପହିଲି ଭୋଗ ଲାଗି କରାଯାଇଛି। ଅନ୍ୟ ପଟେ ପୀରଜାହାନିଆ, ଗଙ୍ଗାଦେବୀ ଙ୍କ ନିକଟରେ ହଜାର ହଜାର ପର୍ଯ୍ୟଟକ ଙ୍କ ଭିଡ଼ ଜମିଥିଲା। ସୁସ୍ୱାଦୁ ଭୋଜନ ସହ ବଣଭୋଜିର ନିଆରା ମଜାନେଇ ନୂତନ ବର୍ଷ ପାଳନ କରିଥିଲେ।ଏଥିସହ ସମାଜ ରେ ଥିବା ଗରିବ, ଅସହାୟ ଙ୍କ ଦୁଃଖ ମା ମଙ୍ଗଳା ଦୂର କରିବେ ବୋଲି ମା ମଙ୍ଗଳା ମନ୍ଦିର ସେବାୟତ କହିଛନ୍ତି। ନୂଆ ବର୍ଷ ସମସ୍ତ ଙ୍କ ପାଇଁ ମଙ୍ଗଳମୟ ହେଉ, ସମସ୍ତ ଙ୍କ ଜୀବନ ରେ ସୁଖ, ସମୃଦ୍ଧି ଭରି ଦେଉ।

# ରଙ୍ଗୋଲି ମହୋତ୍ସବ ଅନୁଷ୍ଠିତ



**ବରଗଡ଼,୧।୧(ସଂଚାର ବ୍ୟୁରୋ):** ଆଉ ମାତ୍ର ୪୮ଘଣ୍ଟାର ଅପେକ୍ଷା । ବରଗଡ଼ରେ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହୋତ୍ସବ । ଏଥିପାଇଁ ନିଆରା ଢଙ୍ଗରେ ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ଓ ଧନୁଯାତ୍ରା ମହୋତ୍ସବ ସମିତି ମିଳିତ ଉଦ୍ୟମରେ ରଙ୍ଗୋଲି ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଧନୁଯାତ୍ରା ପୌରାଣିକ କଥାବସ୍ତୁ ଉପରେ ଆଧାରିତ ରଙ୍ଗୋଲି ମହୋତ୍ସବରେ ପଶ୍ଚିମଓଡ଼ିଶାର ୫୦ଟି ସ୍କୁଲ ଓ କଲେଜର ୫୦୦ଛାତ୍ରୀ ଓ ଚିତ୍ର କାରିଗର ଭାଗ ନେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ଶକ୍ତିର ପ୍ରତିଭାକୁ ବିକଶିତ କରିବା ପାଇଁ ଧନୁଯାତ୍ରା ମହୋତ୍ସବରେ ରଙ୍ଗୋଲି ମହୋତ୍ସବ ଚିତ୍ର କାରିଗରଙ୍କ ପାଇଁ ଏକ ବଡ଼ ପ୍ଲାଟଫର୍ମ । ୭୭ତମ ଧନୁଯାତ୍ରା ମହୋତ୍ସବକୁ ନେଇ ବରଗଡ଼ ଜିଲ୍ଲାବାସୀ ଓ ପ୍ରତିଯୋଗୀଙ୍କୁ କରିଛି ବେଶ ଉତ୍ସାହିତ । ଧନୁଯାତ୍ରା ମହୋତ୍ସବକୁ ଆଉ ମାତ୍ର ଦୁଇ ଦିନ ବାକି ରହିଥିବା ବେଳେ ଲୋକଙ୍କ ମଧ୍ୟରେ ଏକତା, ଭାଇଚାରା, ଉତ୍ସାହ, ଉଦ୍ଦୀପନାର ମାହୋଲ ସୃଷ୍ଟି କରିବା ପାଇଁ ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ପକ୍ଷରୁ ଭୋଗାଯାଇଥିଲା ନିଆରା କାର୍ଯ୍ୟକ୍ରମ । ଧନୁଯାତ୍ରା ମହୋତ୍ସବକୁ ନେଇ ମୟୁରଗଳରେ ବରଗଡ଼ ସହରରେ କାଉଣ୍ଟ ଡାଉନ ଷ୍ଟାର୍ଟ ହୋଇଥିବା ବେଳେ ଆସନ୍ତାକାଲି ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ତରଫରୁ ୨୦୦ ଚିତ୍ରଶିଳ୍ପୀଙ୍କୁ ନେଇ ଚିତ୍ରାଙ୍କନ ମହୋତ୍ସବ ଅନୁଷ୍ଠିତ ହେବ । ଏହାପରେ ଜାନୁୟାରୀ ୩ ତାରିଖ ଉଦଘାଟନୀ ଉତ୍ସବ ପୂର୍ବରୁ ଦିନ ବେଳା ୭୦୦ କଳାକାରଙ୍କୁ ନେଇ ଏକ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରା ବାହାରିବ ।

# ପିକ୍‌ନିକ୍ ଯିବା ବେଳେ ଦୁଇ ଗାଡ଼ି ମୁହାଁମୁହିଁ, ୬ ଗୁରୁତର



**ବାଲେଶ୍ୱର,୧।୧(ସଂଚାର ବ୍ୟୁରୋ):** ନୂଆ ବର୍ଷ ପିକନିକ୍ ପାଇଁ ଯାଉଥିବା ବେଳେ ଘଟିଛି ଦୁର୍ଘଟଣା। ଏକ ବୋଲେରୋ ଏବଂ ମହିନ୍ଦ୍ରା ଏକ୍ସୟୁଭି ଗାଡ଼ି ମୁହାଁମୁହିଁ ଧକ୍କା ହେବାରୁ ୬ ଜଣ ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣା ବାଲେଶ୍ୱର ଜିଲ୍ଲା ୫୭ ନମ୍ବର ରାଜ୍ୟ ରାଜପଥ ବେଣୁଦା ଛକ ନିକଟରେ ଆଜି ସକାଳେ ଘଟିଛି। ବୋଲେରୋଟି ମୟୂରଭଞ୍ଜରୁ ବାହାରି ଦୀଘା ଅଭିମୁଖେ ଯାଉଥିଲା। ସେହିପରି ମହିନ୍ଦ୍ରା ଏକ୍ସୟୁଭି ଗାଡ଼ିଟି ବାଲେଶ୍ୱର ଅଭିମୁଖେ ଯାଉଥିଲା। ଉଭୟ ଗାଡ଼ି ଦ୍ରୁତ ଗତିରେ ଯାଉଥିବା ବେଳେ ବେଣୁଦା ଛକ ନିକଟରେ ଆଜି ଭୋରରୁ ମୁହାଁମୁହିଁ ଧକ୍କା ହୋଇଥିଲେ। ଏଥିରେ ଉଭୟ ଗାଡ଼ିରେ ଥିବା ୬ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ପୁଲିସ୍ ପହଞ୍ଚି ତୁରନ୍ତ ଗୁରୁତରଙ୍କୁ ଜଳେଶ୍ୱରପୁର ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ୪ ଜଣଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଗୋଟିଏ ଗାଡ଼ିର ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ବୁଲିଲା ସଡ଼କ ସୁରକ୍ଷା ସପ୍ତାହ ସଚେତନତା ରଥ




**ରାୟଗଡା,୧।୧(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ର ସଡ଼କ ଦୁର୍ଘଟଣାର ହ୍ରାସ ଓ ସଚେତନତା ବୃଦ୍ଧି ନିମନ୍ତେ ଆଜି ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ ସଡ଼କ ସୁରକ୍ଷା ସପ୍ତାହର ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଉଦ୍ୟମ ଆସନ୍ତା ସତ ଜାନୁଆରୀ ପର୍ଯ୍ୟନ୍ତ ଚାଲିବା। ସଚେତନତା ରଥ ଜିଲ୍ଲାର ମୁଖ୍ୟ ସ୍ଥାନଗୁଡ଼ିକୁ ପରିଦର୍ଶନ କରି ଲୋକଙ୍କ ମଧ୍ୟରେ ସଡ଼କ ନିୟମ ବିଷୟରେ ସୂଚନା ପ୍ରଦାନ କରିବ। ଏହି ସପ୍ତାହ ଅବଧିରେ ସ୍ଥାନୀୟ ପୋଲିସ ଓ ପରିବହନ ବିଭାଗ ଏକସାଥି ଜଣସାଧାରଣଙ୍କୁ ହେଲମେଟ ପ୍ରୟୋଗ, ଗତିସୀମାର ଅନୁପାଳନ, ବିନା ଲାଇସେନ୍ସରେ ଚାଳନା ଓ କମ ବୟସର ପିଲାଙ୍କ ଦ୍ୱାରା ଚାଳନା ବିଷୟରେ ସଚେତନ କରିବା ଗାଡ଼ି ଚାଳକଙ୍କ ଚକ୍ଷୁ ପରୀକ୍ଷା ହେବା ସହିତ ରାଜପଥରେ ବିଧିଭଙ୍ଗକାରୀଙ୍କ ବିରୋଧରେ କାର୍ଯ୍ୟବାହୀ କରାଯିବ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସ୍ଲୋଗାନ, କ୍ୱିଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତାରେ ବ୍ୟାପକ ସାମ୍ପ୍ରତିଭାଗ ଦେଖାଯିବ ଜିତୁଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ଓ ରାଜ୍ୟ ସ୍ତରରେ ପୁରସ୍କୃତ କରାଯିବ । ସଚେତନତା ବୃଦ୍ଧି ନିମନ୍ତେ ସାଇକେଲ ରାଲି, ପଦଯାତ୍ରା ଓ ବିଭିନ୍ନ ସାମୁଦାୟିକ କାର୍ଯ୍ୟକ୍ରମ ଆୟୋଜନ ହେବ । ବସ ମାଲିକ ସଙ୍ଘ, ଟ୍ରକ ମାଲିକ ସଂଘ, ଅଟୋ ଆସୋସିଏସନ, ଡ୍ରାଇଭର ମହାସଂଘ ପ୍ରମୁଖ ସଂଘଗୁଡ଼ିକ ଏହି ଉଦ୍ୟମରେ ସାମିଲ କରାଯିବ ଆଜିର ଉଦ୍ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଲାଲମୋହନ ରାଉତରାୟ, ଅଞ୍ଚଳିକ ପରିବହନ ଅଧିକାରୀ ଶିବାଶଙ୍କର ଚୌଧୁରୀ, ଓ ଅନ୍ୟାନ୍ୟ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରି ସଫଳତା ଆଶା କରିଛନ୍ତି। ସଡ଼କ ସୁରକ୍ଷା ସପ୍ତାହ ଜନସାଧାରଣଙ୍କ ମଧ୍ୟରେ ନିୟମ ଅନୁସରଣ କରିବା ଓ ଦୁର୍ଘଟଣା ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାର ଆଶା ଜଣାଇଛି ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ତରଫରୁ ଦାବିପତ୍ର ପ୍ରଦାନ



**ସୁବର୍ଣ୍ଣପୁର,୧।୧(ସଂଚାର ବ୍ୟୁରୋ):** ଇଂରାଜୀ ନବବର୍ଷ ଆନୁକୁଲ୍ୟରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ୫-ଖାରବେଳନଗର, ଭୁବନେଶ୍ୱର, ଓଡିଶା ତରଫରୁ ଅଭିନନ୍ଦନ ଜଣାଇବା ସହ ପ୍ରାଥମିକ ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କର ବହୁବିଧ ସମସ୍ୟାକୁ ନେଇ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମାନ୍ୟବର ଉପମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ କନକବର୍ଦ୍ଧନ ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା, ମାନ୍ୟବର ଗଣ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ସାଂସଦ, ଭୁବନେଶ୍ୱର ଶ୍ରୀମତୀ ଅପରାଜିତା ଷଡଙ୍ଗୀ, ମାନ୍ୟବର ସରକାରୀ ମୁଖ୍ୟ ସଚେତକ ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ ମହୋଦୟଙ୍କୁ ରାଜ୍ଯ ସଭାନେତ୍ରୀ ଡଃ ଅନିତା ମେହେର ଓ ସର୍ବଭାରତୀୟ ପ୍ରାଥମିକ ଶିକ୍ଷକ ଫେଡେରେସନ, ନିଉ ଦିଲ୍ଲୀର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ କମଳାକାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି।ଦାବି ମଧ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ବର୍ଷ ଆରମ୍ଭରୁ ପୁସ୍ତକ ଓ ପୋଷାକ ଯୋଗାଇ ଦେବା,ପ୍ରାଥମିକ ଶିକ୍ଷକ ମାନଙ୍କୁ ସପ୍ତମ ପେ କମିଶନ୍ ଅନୁଯାୟୀ ଅବିକଳ କେନ୍ଦ୍ରୀୟ ହାରରେ (୪୨୦୦ ଗ୍ରେଡ ପେ ଅନୁଯାୟୀ) ଦରମା ପ୍ରଦାନ, ଠିକା ଚାକିରି କାଳକୁ ଗଣନା, ଅବିକଳ ପୁରୁଣା ପେନସନ ପ୍ରଦାନ, ପ୍ରାଥମିକ ଶିକ୍ଷକଙ୍କ ବର୍ଗୀକରଣ ଉଚ୍ଛେଦ ଆଦି ଥିଲା।ଉକ୍ତ ଶିକ୍ଷକ ପ୍ରତିନିଧି ଦଳରେ ରାଜ୍ୟ ଉପ ସଭାପତି ନୀଳକଣ୍ଠ ବେହେରା, ସମ୍ପାଦକ ଲିମୁ ଚରଣ ଶିରା, ଅଡିଟର ହରିକୃଷ୍ଣ ଗୌଡ, ରାଜ୍ଯ କାର୍ଯ୍ୟ କାରିଣୀ ସଦସ୍ୟ ତଥା ମାଲକାନଗିରି ଜିଲ୍ଲା ଯୁଗ୍ମ ସମ୍ପାଦକ ଯଚିନ୍ଦ୍ର ସ୍ୱାଇଁ, ଭାଗ୍ୟସିନୀ ମିଶ୍ର, ମହିଳା ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମେକ୍‌ଅପ୍, ଉମାକାନ୍ତ ମିଶ୍ର, ଗିରୀଶ ତ୍ରିପାଠୀ, ପଦ୍ମ ଚରଣ ରଥ, ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କ ଧାରଣାକୁ ଅଣଦେଖା କରୁଛି ପ୍ରଶାସନ



**ବରଗଡ଼,୧।୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଅବ୍ୟବସ୍ଥା ଲାଗି ରହିଛି। ଜିଲାର ବିଭିନ୍ନ ମଣ୍ଡିକୁ ଚାଷୀମାନେ ଧାନ ଆଣୁଛନ୍ତି। କିନ୍ତୁ ଉକ୍ତ ଧାନକୁ ଠିକ୍ ଭାବେ ଉଠାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ମିଲର୍ସଙ୍କ ଟ୍ୟାଗ୍ (ଆଲଟମେଣ୍ଟ) ନ ଥିବା, କଟନୀଛଟନୀ ଆଦି ଆଳ ଦେଖାଇ ଧାନ ଉଠାଯାଉନାହିଁ। ଫଳରେ ଚାଷୀମାନେ ଶୀତ, କାକରରେ ବିଭିନ୍ନ ମଣ୍ଡିରେ ଧାନକୁ ଜଗି ରହିଛନ୍ତି। ଏଭଳି ଧାନ କିଣାବିକା ସମସ୍ୟା ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ମଣ୍ଡିରେ ପଡ଼ିଥିବା ସମସ୍ତ ଧାନ ତୁରନ୍ତ ଉଠାଇବା ଦାବି କରି ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ମଙ୍ଗଳବାର ଏହି ଧାରଣା ପଞ୍ଚମ ଦିନରେ ପହଞ୍ଚିଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଚାଷୀଙ୍କ ପାଖକୁ ଆଲୋଚନା ପାଇଁ ପହଞ୍ଚ୍ ନ ଥିବା ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର ଅଭିଯୋଗ କରିଛନ୍ତି। ମଣ୍ଡିରେ ସମସ୍ତ ଧାନ ଯେତେଦିନ ପର୍ଯ୍ୟନ୍ତ ଉଠିବନାହିଁ, ସେତେଦିନ ଯାଏ ଧାରଣା ଜାରି ରହିବ ବୋଲି ମହାପାତ୍ର ଚେତାବନୀ ଦେଇଛନ୍ତି। ବରଗଡ଼ ଜିଲାରେ ଗତ ନଭେମ୍ବର ୨୦ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ପର୍ଯ୍ୟାୟକ୍ରମେ ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି) ଅଧୀନରେ ଧାନ ସଂଗ୍ରହ ପାଇଁ ୨୨୯ମଣ୍ଡି ଖୋଲିଥିଲା। ମଣ୍ଡି ଖୋଲିବା ଆରମ୍ଭରୁ ଟୋକନ କଟକଣା ଧାନବିକ୍ରିରେ ବାଧକ ସାଜିଥିଲା। ଯେଉଁ ଚାଷୀଙ୍କ ଧାନ ଅମଳ ସେତେବେଳେ ସରିଥିଲା, ସେଭଳି ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଯଥେଷ୍ଟ ବିଳମ୍ବ ଅର୍ଥାତ୍ ଡିସେମ୍ବର, ଜାନୁୟାରୀ ମାସରେ ରହିଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସେହିଭଳି ଯେଉଁମାନେ ଧାନ ଅମଳ ସାରି ନ ଥିଲେ, ସେମାନଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଆଗୁଆ ରହିଥିଲା। ଏଭଳି କ୍ଷେତ୍ରରେ ଚାଷୀମାନଙ୍କୁ ହଟହଟା ହେବାକୁ ପଡ଼ିଥିଲା। ବର୍ତ୍ତମାନ ଜିଲାର ସମସ୍ତ ଚାଷୀ ଧାନ ଅମଳ ସାରିଥିବାବେଳେ ଜାନୁୟାରୀ ପହିଲାରୁ କେନାଲ ପାଣି ଛାଡ଼ିଲେ ରବି ଚାଷକାର୍ଯ୍ୟ ଆରମ୍ଭ କରିବେ। କିନ୍ତୁ ଏପର୍ଯ୍ୟନ୍ତ ମଣ୍ଡିରେ ପଡ଼ିଥିବା ଧାନ ଉଠାଯାଉ ନ ଥିବାରୁ ରବି ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ନୂଆ ସରକାର ଶାସନକୁ ଆସିବା ପୂର୍ବରୁ ନିର୍ବାଚନୀ ପ୍ରଚାର ସମୟରେ ବିନା କଟନୀଛଟନୀରେ ଧାନ କିଣାଯିବ ଏବଂ ସମସ୍ତ ମଣ୍ଡି ଦଲାଲମୁକ୍ତ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ବାସ୍ତବତା ବଦଳି ଯାଇଛି ବୋଲି ସଂଯୁକ୍ତ କୃଷକ ସଙ୍ଗଠନ ଅଭିଯୋଗ କରିଛି।

# ନୂଆ ବର୍ଷରେ ହରିଶଙ୍କର ଚଳଚଞ୍ଚଳ

**ଧଣ୍ଡାମୁଣ୍ଡା,୧।୧(ସଂଚାର ବ୍ୟୁରୋ):** ନୂଆ ବର୍ଷ ଅବସରରେ ବୁଧବାର ପଶ୍ଚିମ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ଚଳଚଞ୍ଚଳ ହୋଇଛି। ଏଠାରେ ରାଜ୍ ତଥା ରାଜ୍ୟ ବାହାରର ବହୁ ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ପଶ୍ଚିମ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ଚଳଚଞ୍ଚଳ ହୋଇଛି। ଏଠାରେ ରାଜ୍ ତଥା ରାଜ୍ୟ ବାହାରର ବହୁ ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ଅନେକ ପିକନିକ୍ ପାର୍ଟି ଏଠାକୁ ମଧ୍ୟ ଆସିଥିଲେ ମନ୍ଦିର ପ୍ରଶାସନ ପକ୍ଷରୁ ଭୋର୍ ୪ ଟାରୁ ମନ୍ଦିର ନିତିକାନ୍ତି ପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଛଡ଼ା ଯାଇଥିଲା। ସେହିପରି ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ କନ୍ଦରାଭଟା ଠାରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିବାର ଦେଖିବାକୁ ମିଳିଛି। ଅନେକ ପିକନିକ୍ ପାର୍ଟି ଏଠାକୁ ମଧ୍ୟ ଆସିଥିଲେ ମନ୍ଦିର ପ୍ରଶାସନ ପକ୍ଷରୁ ଭୋର୍ ୪ ଟାରୁ ମନ୍ଦିର ନିତିକାନ୍ତି ପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଛଡ଼ା ଯାଇଥିଲା। ସେହିପରି ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ କନ୍ଦରାଭଟା ଠାରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିବାର ଦେଖିବାକୁ ମିଳିଛି।



# ଓଡ଼ିଶା ଗାଁରେ ଆନ୍ଧ୍ରର ଆଧିପତ୍ୟ



**ମାଲକାନଗିରି,୧।୧(ସଂଚାର ବ୍ୟୁରୋ):** ଜିଲ୍ଲାର ସୀମାନ୍ତ ଗାଁ ଉପରେ ଆନ୍ଧ୍ରର ନଜର। ଆନ୍ଧ୍ର ପ୍ରଶାସନ ଜୋର୍‌ଜବରଦସ୍ତ ଅନୁପ୍ରବେଶ କରି ବାରମ୍ବାର ଉପସ୍ଥିତ ଜାହିର କରୁଛି। ତେଲୁଗୁ ଭାଷାର ପ୍ରସାର ନିମନ୍ତେ ଜୋରଦାର ପ୍ରଚାର ବି କରୁଛି। ତେଣୁ ଓଡ଼ିଶା ଭିତରେ ଓଡ଼ିଆ ଭାଷା ଏବେ ସଂକଟର ସମ୍ମୁଖୀନ ହୋଇଛି। ଅନ୍ୟପଟେ ପ୍ରଶାସନ ନିକଟରେ ଏହି ଖବର ରହିଥିଲେ ସୁଦ୍ଧା ଅସହାୟ ଅବସ୍ଥାରେ ରହିଛି। ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଏବଂ କାଲିମେଳା ବ୍ଲକର ଅନେକ ଗାଁ ଆନ୍ଧ୍ର ସୀମାକୁ ଲାଗିଛି। ଦୁର୍ଗମ ଅଞ୍ଚଳ ପାଇଁ ସର୍ବନିମ୍ନ ମୌଳିକ ସୁବିଧା ପହଞ୍ଚି ପାରୁନି। ବହୁ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ। ଯାହାକୁ ସୁଯୋଗ ରୂପେ ବ୍ୟବହାର କରିବା ଆରମ୍ଭ କରିଛି ଆନ୍ଧ୍ର। ନିଜ ରାଜ୍ୟର ପରିସୀମା ବୃଦ୍ଧି ଉଦ୍ଦେଶ୍ୟ ନେଇ ଓଡ଼ିଶା ଭିତରେ ପ୍ରବେଶ କରୁଛି। ସୀମାନ୍ତ ଗାଁରେ ସ୍ୱାସ୍ଥ୍ୟସେବା, ପାନୀୟ ଜଳ ସହ ଶିକ୍ଷା ବ୍ୟବସ୍ଥା କରାଯାଇଛି। ଯାହାର ସଦ୍ୟ ଉଦାହରଣ ଓଡ଼ିଶାର ଜୁମଡ଼ାଙ୍ଗ ଗାଁ। ଏହି ଗାଁରେ ବିଦ୍ୟାଳୟ ଖୋଲି ପିଲାଙ୍କୁ ତେଲୁଗୁ ଶିଖାଇବା ସହ ରାସନ କାର୍ଡ, ଭୋଟର କାର୍ଡ ଲୋକଙ୍କୁ ବାଣ୍ଟିଛି ଆନ୍ଧ୍ର। ଗୁରୁପ୍ରିୟା ସେତୁ ନିର୍ମାଣ ପୂର୍ବରୁ ଏହି ଗାଁ ବିଚ୍ଛିନ୍ନ ହୋଇ ରହିଥିଲା। ସେତୁ ନିର୍ମାଣ ପରେ ଅଞ୍ଚଳବାସୀ ମୌଳିକ ସୁବିଧା ପାଇବେ ବୋଲି ଆଶା କରିଥିଲେ। କିନ୍ତୁ ମନ୍ଥର ଗତି ଯୋଗୁଁ ତାହା ଏଯାଏଁ ସମ୍ଭବ ହୋଇପାରିଲା ନାହିଁ। ଜୁମଡ଼ାଙ୍ଗ ଭଳି ଚିତ୍ରକୋଣ୍ଡା ବ୍ଲକର ଧୂଳିପୁଟ, ରାଲଗେଡ଼ା ଏବଂ କାଲିମେଳା ବ୍ଲକ୍‌ର ମାନ୍ୟମକୋଣ୍ଡା ପଞ୍ଚାୟତର ବହୁ ଗାଁରେ ଆନ୍ଧ୍ରର ପ୍ରଭାବ ତଥା ତେଲୁଗୁ ଭାଷାର ଆଧିପତ୍ୟ ଦେଖିବାକୁ ମିଳୁଛି। ଲୋକେ ଓଡ଼ିଆ ଭାଷା ଆଦୌ ବୁଝନ୍ତି ନାହିଁ। ତେଣୁ ଆଗକୁ ଓଡ଼ିଆ ଭାଷା ସଂପୂର୍ଣ୍ଣ ବିଲୋପ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ସେହିପରି ଅନନ୍ତପାଲୀ, ପୋଲୁର, ଦୁମେଲକୋଣ୍ଡା, ନେଲକୋଟା, କୁରାଲୁର, ଆଲୁରକୋଟା, ମାଝିପାଣି, ବୁସପାକା ଭଳି ଅନେକ ଗାଁ ଓଡ଼ିଶାରେ ରହିଥିଲେ ସୁଦ୍ଧା ଗ୍ରାମବାସୀ ଆନ୍ଧ୍ର ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ। ଯେହେତୁ ଆନ୍ଧ୍ର ଉପରେ ନିର୍ଭରଶୀଳ ତେଣୁ ତେଲୁଗୁ ଶିଖିବା ପାଇଁ ଲୋକ ଏକ ପ୍ରକାର ବାଧ୍ୟ ହୋଇଛନ୍ତି। ପ୍ରଶାସନ ଏନେଇ ଅବଗତ ରହିଥିଲେ ମଧ୍ୟ ବିକାଶକୁ ତ୍ୱରାନ୍ୱିତ କରାଯାଉଛି ବୋଲି ସଫେଇ ଦେଉଛି। ସମୟ ଥାଉଣୁ ପଦକ୍ଷେପ ନନେଲେ ଏହି ଅଞ୍ଚଳ ଓଡ଼ିଶା ମାନଚିତ୍ରରୁ ଲିଭିବା ପାଇଁ ଅଧିକ ସମୟ ଲାଗିବ ନାହିଁ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ଦୁର୍ଘଟଣା ମୃତ୍ୟୁ ଶୂନ ଉପରେ ଗୁରୁତ୍ୱାରୋପ

## ସଡ଼କ ସୁରକ୍ଷା ସଚେତନତା ମାସର ଉଦ୍‌ଘାଟନ

**ସୁବର୍ଣ୍ଣପୁର,୨।୧(ସଂଚାର ବ୍ୟୁରୋ):** ତା ୧.୦୧.୨୦୨୫ ଠାରୁ ୩୧.୦୧.୨୦୨୫ ପର୍ଯ୍ୟନ୍ତ ଏକ ମାସ ବ୍ୟାପି ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ୨୦୨୫ ର ପ୍ରଥମ ତଥା ଉଦଘାଟନୀ ଦିବସ କାର୍ଯ୍ୟକ୍ରମ ଆଞ୍ଚଳିକ ପରିବହନ ଅଧିକାରୀ ସୁବର୍ଣପୁରଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୦୮ ଘଣ୍ଟା ସମୟରେ ଅତିରିକ୍ତ ଜିଲ୍ଲପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ କାର୍ଯ୍ୟକ୍ରମରେ ଯୋଗଦାନ କରି ସଡକ ସୁରକ୍ଷା ଉପରେ ଅନେକ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିବା ସହିତ ଦୁର୍ଘଟଣା ମୃତ୍ୟୁ କୁ ଶୂନ କରିବା ଲକ୍ଷ୍ୟ କୁ ହାସଲ କରିବା ଉପରେ ବିଶେଷ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀ ତଥା ଜନସାଧାରଣ ଙ୍କୁ ପରାମର୍ଶ ଦେଇ ଆର ଟି ଓ ଅକ୍ଷୟ କୁମାର ଜେନାଙ୍କ ତତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରା ଓ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସଡ଼କ ସୁରକ୍ଷା ସଚେତନତା ଚଳିତ ବର୍ଷ ଗୋଟିଏ ମାସ ଧରି ଅନୁଷ୍ଠିତ ହେବାକୁ ଥିବା ଆର ଟି ଓ ଶ୍ରୀ ଜେନା ସୂଚୀତ କରିଥିଲେ। ଏହି ପରିପ୍ରେକ୍ଷୀରେ ମାସର ପ୍ରଥମ ସପ୍ତାହରେ ବିଭିନ୍ନ ଅନୁଷ୍ଠାନ, ଏନ ସି ସି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭୃତି ର ସଦସ୍ୟା ସଦସ୍ୟ ଙ୍କୁ ନେଇ ୱାକାଥନ ଅନୁଷ୍ଠିତ କରାଯିବ । ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରେ



ସଚେତନତା ରଥ ଦ୍ୱାରା ଜନସାଧାରଣ ପାଇଁ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଭିଡ଼ିଓ ପ୍ରଦର୍ଶନ ସହ ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଭିଡ଼ିଓ ପ୍ରଦର୍ଶନ କରାଯିବ । ସପ୍ତାହ କୁ ବିଶେଷ ସ୍ମରଣୀୟ କରିବାକୁ ଏକ ରକ୍ତଦାନ ଶିବିର ଅୟୋଜନ ସହ ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ ଅନୁଷ୍ଠିତ କରାଯିବ । ପୁନଶ୍ଚ ଜିଲ୍ଲାର ପ୍ରତ୍ୟେକ ବର୍ଗ ରେ ସଡ଼କ ସୁରକ୍ଷା ର ବାର୍ତ୍ତା କୁ ପହଂଚାଇବା ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ କରାଯାଇ ଉଦଯାପନୀ ଦିବସରେ କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯିବ । ବିଭାଗ ତରଫରୁ ସଡ଼କ ଦୁର୍ଘଟଣା ସମୟରେ ଓ ପରେ କିପରି ଭାବେ ଆମେ ଆହତ ବ୍ୟକ୍ତି ର ତୁରନ୍ତ ଆଶୁ ଚିକିତ୍ସା ର ବ୍ୟବସ୍ଥା କରିପାରିବା ସେଥିପାଇଁ ରକ୍ଷକ ଯୋଜନା ଅଧୀନରେ ପ୍ରାଥମିକ ଚିକିତ୍ସା ଟ୍ରେନିଂ ର ଆୟୋଜନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଜି ଉଦଘାଟନୀ ତଥା ପ୍ରଥମ ଦିବସରେ ଅନୁଷ୍ଠିତ ଶୋଭାଯାତ୍ରା ରେ ଛାତ୍ରଛାତ୍ରୀ ମାନେ ସଚେତନତା ବାର୍ତ୍ତା ପ୍ଲା କାର୍ଡ ପ୍ରଦର୍ଶନ କରି ସହର ପରିକ୍ରମା କରିଥିଲେ ଏବଂ ରକ୍ଷକ ଟିମ ଦ୍ୱାରା ପଥପ୍ରାନ୍ତ ସଚେତନତା ଓ ଫାଷ୍ଟଆଡ୍ ତାଲିମ୍ ପ୍ରଦାନ କରିଥିଲେ। ସେହିପରି ସଚେତନତା ରଥ ଆଜି ସୋନପୁର ସହର ତଥା ବ୍ଲକ ଅଂଚଳ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା କରାଇବ । ଏହି ସଚେତନତା ଶୋଭାଯାତ୍ରା ରେ ଜିଲ୍ଲା ନର୍ସିଙ୍ଗ ସ୍କୁଲ ର ଛାତ୍ର ଛାତ୍ରୀ, ବିଭିନ୍ନ ସ୍କୁଲ ର ଛାତ୍ର ଛାତ୍ରୀ, ଏନ ସି ସି ଛାତ୍ର ଛାତ୍ରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଆଧ୍ୟାପକ ଉମାକାନ୍ତ ନାଗ, ଚନ୍ଦ୍ରମଣି ବାଗ, ଚନ୍ଦ୍ରଶେଖର ମହାପାତ୍ର, ଗୋପେଶ ପଣ୍ଡା, ତପସ୍ୱିନି ଦାସ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବସ ସଙ୍ଘ, ଟ୍ରକ ସଙ୍ଘ ର କର୍ମକର୍ତ୍ତା, ସାମ୍ବାଦିକ ତଥା କାର୍ଯ୍ୟାଳୟର ଏମ ଭି ଆଇ ଶ୍ରୀ ବିଶ୍ୱରଂଜନ ସାହୁ, ଟ୍ରାଫିକ ସବ ଇନସ୍ପେକ୍ଟର ପୂଜା ଭେଙ୍ଗରା, ଚିତ୍ତରଞ୍ଜନ ଭୋଇ, ଅବିନାଶ ଭୁଏ, ହିମାଂଶୁ ରଞ୍ଜନ ସାହୁ ଏବଂ କାର୍ଯ୍ୟଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

# ଜିରୋ ନାଇଟ୍ ପାଳନ ବେଳେ ବୁଲିଲା ଖଣ୍ଡା




**ବଲାଙ୍ଗୀର,୧।୧(ସଂଚାର ବ୍ୟୁରୋ):** ସହରରେ ଜିରୋ ନାଇଟ ପାଳନ ଚାଲିଥିବା ବେଳେ ଘଟିଛି ଅଘଟଣ। ଏଠାକାର ତୁଳସୀ ନଗରପଡ଼ାରେ କିଛି ଯୁବକ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ। ଏଥିରେ ଦୁଇ ଜଣ ଗୁରୁତର ଆହତ ହୋଇଥିବାର ସୂଚନା ରହିଛି। ଉଭୟଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଏଭଳି କାଣ୍ଡଘଟିଲା, ତାହା ଅସ୍ପଷ୍ଟ ରହିଛି। ଏଣେ ଟାଉନ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜାପାନୀ ପଦ୍ଧତିରେ ମିୱାୱାକିରେ ନୂଆ ଜଙ୍ଗଲ ସୃଷ୍ଟି




**କୋରାପୁଟ,୧।୧(ସଂଚାର ବ୍ୟୁରୋ):** ଜାପାନ ପଦ୍ଧତିରେ ନୂଆ ଜଙ୍ଗଲ ସୃଷ୍ଟି କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି କୋରାପୁଟ ବନଖଣ୍ଡର ମାନବର ନିକଟରେ ମିୱାୱାକି ଫରେଷ୍ଟ କ୍ୟାମ୍ପା ୧ମିଟର ଓସାରକୁ ୧ମିଟର ଲମ୍ବରେ ୫ଏକର ପରିଧିରେ ୯୦ରକମର ୧୬ହଜାର ଔଷଧୀୟ, ଫଳନ୍ତି ଓ ଫୁଲ ବୃକ୍ଷ ଲାଗିଛି। ଦୁଇଟି ସ୍ଥାନରେ ୧୬ହଜାର ଗଛ ଗତ ୨୦୨୦-୨୧ ଓ ୨୦୨୧-୨୨, ଲଗାଯାଇଥିବା ବେଳେ ଗଛ ଗୁଡିକ ବି ସୁନ୍ଦର ଭାବେ ବଢ଼ିଗଲାଣି। କୋରାପୁଟ ବନଖଣ୍ଡର କୋରାପୁଟ ବନାଂଚଳ ପକ୍ଷରୁ ଏହି ବନ ଗତ ୨୦୨୦-୨୧ ଓ ୨୦୨୧-୨୨ରେ ଆରମ୍ଭ କରାଯାଇଥିଲା। ସାଢ଼େ ୨ଏକର ଲେଖାଏଁ ୫ଏକର ପରିଧିରେ ଆମ୍ବ, ପଣସ, ସାପଟା, କଦଳୀ, ସୀତାଫଳ, ଲିଚୁ, ବାଉଁଶ ସହ ଆମ୍ବଡା, ଆମଳା, ଅର୍ଜୁନ, ଆସନ, ଅଶୋକ, ବାହାଡା, ବଳଦିଆ, ବରା, ବେଲ, ବଣ ଭାଲିଆ, ଚମ୍ପା, ଚନ୍ଦନ, ଚାର, ଦେବଧାରୁ, ଡିମିରୀ, ହଳଦୁ, ହରିଡା, ହିଂଜାଳ, ଜାମୁ, ଜାଫରା, ଜେଉଟ, କଦମ୍ବ, କାଜୁ, କାଂଚନ, କରଂଜ, କଷି, କେନ୍ଦୁ, କୁସୁମ, ମୁଛକୁନ୍ଦ, ମହାଗନି, ମହୁଲ, ନିମ୍ବ, ପଳାସ, ପାଇନ, ସହଜ, ରୁଦ୍ରାକ୍ଷ, ରକ୍ତଚନ୍ଦନ, ନାଗେଶ୍ୱର, ଡାଲଚିନି, ସର୍ବମସଲା, ପିସ୍ତାବାଦମ, ଲିଚି, ଲେମ୍ବୁ, ଏପୁଲ, ଗୁଲବଜାମୁନ, ବରକୁଳି, ନାଗଲିଙ୍ଗ ଏଭଳି ୯୦ ରମକର ଗଛ ଲଗାଯାଇଛି ବୋଲି କହିଛନ୍ତି ବନାଂଚଳଅଧିକାରୀ ଏସକେ ପାହାଡସିଂ।